ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୭୩
୯ ଫେବୃଆରୀ, ୨୦୨୬ ସୋମବାର

କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 273
9th February, 2026 Monday

Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ନାସ୍ତି କାମସମୋ ବ୍ୟାଧିର୍ନାସ୍ତି ମୋହସମୋ ରିପୁଃ**
**ନାସ୍ତି କ୍ରୋଧସମୋ ବର୍ହ୍ନିର୍ନାସ୍ତି ଜ୍ଞାନାତ୍ ପରଂ ସୁଖମ**

କାମ ସଦୃଶ ବ୍ୟାଧି ନାହିଁ । ଅଜ୍ଞାନ ସଦୃଶ ଶତ୍ରୁ ନାହିଁ । କ୍ରୋଧ ପରି ଅଗ୍ନି ନାହିଁ (କ୍ରୋଧ ଭଲ ଗୁଣକୁ ପୋଡ଼ିଦିଏ) । ଜ୍ଞାନ ଅପେକ୍ଷା ସୁଖକର କିଛି ନାହିଁ ।

## ଉପଦେଶ

**... ବାଜିଗଲେ ଦୋଷ ନାହିଁ**

**ଆଗପଛ ନ ବିଚାରି ପ୍ରଶଂସା କଲେ...**

# ଆଗକୁ ଭୟଙ୍କର ତାତି

**ଭୁବନେଶ୍ୱର,୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମକର ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୋଇଛି । ଏହି ଦିନଠାରୁ ଖରାର ତେଜ ବଢ଼େ ବୋଲି ସମସ୍ତେ ଜାଣନ୍ତି । ଏଭଳି ସ୍ଥିତିରେ ଆଜିଠାରୁ ସୂର୍ଯ୍ୟଙ୍କ କୋପ ଅନୁଭବ କଲେଣି ଲୋକେ । ଆରମ୍ଭ ହେଲାଣି ସୂର୍ଯ୍ୟଙ୍କ ପ୍ରକୋପ । ଖରାର ତାତି ଯୋଗୁ ଦିନର ତାପମାତ୍ରା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ରାତିରେ ମଧ୍ୟ ହାଲ୍କା ଶୀତ ଅନୁଭବ ହେଉଛି ।



ସମସ୍ତେ କହନ୍ତି, ଏବେ ଆରମ୍ଭ ହେଲା, ଆଗକୁ ଦେଖ କ'ଣ ହେଉଛି । ଦିନ ଗଡ଼ିବା ସହିତ ଧୀରେ ଧୀରେ ଘରୁ ବାହାରିବା ବି ମୁସ୍କିଲ୍ ହୋଇଯାଏ । ସରକାରୀ ରିପୋର୍ଟ କହୁଛି, ୧୯୯୧ ମସିହାରୁ ଆଜି ଯାଏ କେବଳ ତାପମାତ୍ରା ବୃଦ୍ଧି ପାଇଛି କିନ୍ତୁ ହ୍ରାସର ନାଁ ଧରୁନି । କ୍ରମାଗତ ତାପମାତ୍ରା ବୃଦ୍ଧି ପାଇଁ ମୁଖ୍ୟ କାରଣ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଜଙ୍ଗଲ କ୍ଷୟ । ପ୍ରଦୂଷଣ ପାଇଁ ଗ୍ରୀନ୍ ହାଉସ୍ ଗ୍ୟାସ୍ ବଢୁଛି ଏବଂ ଏହା ଜଳବାୟୁ ପ୍ରଭାବିତ କରୁଛି । ସେହିପରି ନିଅଣ୍ଟିଆ ବର୍ଷା ହେବା ଯୋଗୁଁ ସମସ୍ୟା ଉପୁଜୁଛି ।

ରେକର୍ଡ କହୁଛି, ୧୯୯୧ରେ ବାର୍ଷିକ ହାରାହାରି ତାପମାତ୍ରା ଥିଲା ୨୬ ଡିଗ୍ରୀ । ସେହିଭଳି ୨୦୦୯ ବେଳକୁ ତାପମାତ୍ରା ବଢ଼ି ୨୬:୬୦ ଡିଗ୍ରୀରେ ପହଞ୍ଚିଥିଲା । ଅର୍ଥାତ୍ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ୬୦ ଡିଗ୍ରୀ । ସେହି ବର୍ଷ ପ୍ରବଳ ଖରା ମଧ୍ୟ ଅନୁଭୂତ ହୋଇଥିଲା । ସେହିପରି ୨୦୦୯ରୁ ୨୦୨୪ ଯାଏଁ ତାପମାତ୍ରା ଦ୍ରୁତଗତିରେ ବଢ଼ି ଚାଲିଛି । ୨୦୨୪ ବର୍ଷରେ ୨୬:୮୦ ହାରାହାରି ତାପମାତ୍ରା ରେକର୍ଡ କରାଯାଇଛି । ବିଗତ କିଛି ବର୍ଷରେ ତାପମାତ୍ରା ୨୬:୬୦ ଡିଗ୍ରୀରୁ ହ୍ରାସ ପାଉନାହିଁ । ଯାହା ଘୋର ଚିନ୍ତାର ବିଷୟ ପାଲଟିଛି । ତାପମାତ୍ରା ବୃଦ୍ଧିକୁ ନେଇ ପରିବେଶବିତ୍ ବିଭିନ୍ନ କାରଣକୁ ଦାୟୀ କରିଛନ୍ତି । ଖରାଦିନେ ଜଙ୍ଗଲ ନିଆଁ, ଦୀର୍ଘ ସମୟ ଗ୍ରୀଷ୍ମ ଲହରୀ, ନିଅଣ୍ଟିଆ ପରିମାଣ ଓ ଅନିୟମିତ ବର୍ଷା, ଯାନବାହାନ ଜନିତ ପ୍ରଦୂଷଣ, ରାସ୍ତାର ଧୂଳି, ଘର ନିର୍ମାଣରୁ ବାହାରୁଥିବା ଧୂଳିଧୂଆଁ, ଇଟାଭାଟି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ତାପମାତ୍ରା ବୃଦ୍ଧି କରୁଛି ବୋଲି ପାଣିପାଗ ବିଜ୍ଞାନୀ ମତ ରଖିଛନ୍ତି ।

ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ରାଜ୍ୟ ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା, ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଉଛନ୍ତି । *(ଶେଷ ପୃଷ୍ଠା ଦେଖନ୍ତୁ)*

# ପୁଅକୁ ଛୁରୀ ଭୁସିଲା ବାପା

**କାମାକ୍ଷାନଗର,୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା ଇଲାକା ମରୁଆବିଲ ପଞ୍ଚାୟତ କମ୍ପୁଲେଇ ଗାଁରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ପାରିବାରିକ କଳହରୁ ନିଜର ଜନ୍ମିତ ପୁଅକୁ ଛୁରୀ ଭୁସି ହତ୍ୟା କରିଛି ବାପା । ମୃତକ ହେଲେ କ୍ଷୀରୋଦ ସାହୁ( ୨୬) । ହତ୍ୟାକାରୀ ବାପା ବିଭୁତି ସାହୁ( ୫୫) ।

ପରିବାର ଲୋକଙ୍କ କହିବାନୁଯାୟୀ ଗତକାଲି କୌଣସି କାରଣକୁ ନେଇ ଉଭୟ ବାପା ଓ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ବିଭୁତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ ପୁଅ କ୍ଷୀରୋଦକୁ ମାରିବା ପାଇଁ ଇଟା, ପଥର ପକାଇଥିଲା, ଯାହାକୁ ନେଇ କ୍ଷୀରୋଦ କଙ୍କଡାହାଡ଼ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ହେଲେ ତାଙ୍କୁ ନ୍ୟାୟ ମିଳିବା ବଦଳରେ ତାଙ୍କୁ ଗାଳି କରି ଘରକୁ ଫେରାଇ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନୁରୂପ ଭାବରେ ଆଜି ସକାଳୁ ପୁଣି କ୍ଷୀରୋଦ ଥାନାରେ ଅଭିଯୋଗ କରି ଘରକୁ ଫେରିଥିଲେ ହେଲେ ଘରକୁ ପହଁଚିଲା ମାତ୍ରେ ଘରେ ଜଲାଦ ବାପା ପୁଅ ଉପରେ ଏକ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲା । ପରିବାର ଲୋକ କ୍ଷୀରୋଦକୁ ମୁମୂର୍ଷୁ ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି ।

ପୁଲିସର ଅବହେଳାକୁ ନେଇ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ନେଇ କ୍ଷୀରୋଦଙ୍କ ମା ଓ ଭାଇ ବୋହୂ ଅଭିଯୋଗ କରିଛନ୍ତି । କ୍ଷୀରୋଦଙ୍କ ମେଡିକାଲରେ ମୃତ୍ୟୁ ହୋଇଥିବା ଖବର ପାଇ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ କାମାକ୍ଷାନଗର ମେଡିକାଲରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି । ଏ ସଂକ୍ରାନ୍ତରେ କଙ୍କଡାହାଡ଼ ଥାନା ଅଧିକାରୀଣ କଳ୍ପନା ବେହେରା ସୂଚନା ଦେଇଛନ୍ତି ଗତକାଲି ୧୧୨ ନମ୍ବରକୁ ଏକ ଫୋନ କଲ ଆସିଥିଲା । କମ୍ପୁଲେଇ ଗ୍ରାମର ଜଣେ ମହିଳା ଫୋନ କରିଥିଲେ ଘରେ ବାପା ଆକ୍ରମଣ କରୁଛନ୍ତି ପୁଅ ଉପରେ । ଏହି ଖବର ପାଇ ରାତି ପ୍ରାୟ ୧୧ଟା ସମୟରେ ପୋଲିସ ଯାଇ ଗାଁରେ ପହଁଚିଲା ବେଳକୁ ସମସ୍ତେ ଶୋଇ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିପଦରେ ୧୦୦ କୋଟିରୁ ଅଧିକ ଆଣ୍ଡ୍ରଏଡ୍ ଫୋନ୍

**ନୂଆଦିଲ୍ଲୀ,୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଯଦି ଆପଣ ଏକ ପୁରୁଣା ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି, ତେବେ ସାବଧାନ ହୋଇଯାଆନ୍ତୁ । ଗୁଗଲ ରିପୋର୍ଟ ଅନୁଯାୟୀ, ବିଶ୍ୱର ପ୍ରାୟ ୧୦୦ କୋଟିରୁ ଅଧିକ ଆଣ୍ଡ୍ରଏଡ୍ ଫୋନ୍ ଏବେ ସାଇବର ଆକ୍ରମଣ ଓ ମାଲୱେର ବିପଦରେ ରହିଛି । ଏହାର ମୁଖ୍ୟ କାରଣ ହେଉଛି ପୁରୁଣା ଅପରେଟିଂ ସିଷ୍ଟମ୍ ପାଇଁ ସୁରକ୍ଷା ଅପଡେଟ୍ ବନ୍ଦ ହୋଇଯିବା ।




ଗୁଗଲ୍ ସ୍ପଷ୍ଟ କରିଛି ଯେ, ଯେଉଁ ଫୋନଗୁଡ଼ିକ ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ଠାରୁ ପୁରୁଣା ଭର୍ସନରେ ଚାଲୁଛି, ସେଗୁଡ଼ିକୁ ଆଉ ସୁରକ୍ଷା ଅପଡେଟ୍ ମିଳିବ ନାହିଁ । ପରିସଂଖ୍ୟାନ ଅନୁଯାୟୀ ପ୍ରାୟ ୪୨.୧% ଆଣ୍ଡ୍ରଏଡ୍ ବ୍ୟବହାରକାରୀ ଏବେ ବି ଅସୁରକ୍ଷିତ ସଫ୍ଟୱେର୍ ବ୍ୟବହାର କରୁଛନ୍ତି । ମାତ୍ର ୫୭.୯% ଫୋନ୍‌ରେ ଆଣ୍ଡ୍ରଏଡ୍ ୧୩ କିମ୍ବା ତା'ଠାରୁ ନୂଆ ଭର୍ସନ ରହିଛି । ସବୁଠାରୁ ନୂଆ ଆଣ୍ଡ୍ରଏଡ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଧାନ କିଣା ଟେନ୍‌ସନ୍: ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଧାନ କିଣାକୁ ନେଇ ତେଜୁଛି ଅସନ୍ତୋଷ । ଅନେକ ମଣ୍ଡିରେ ଚାଷୀ ଧାନ ବିକ୍ରି କରିବାକୁ ହନ୍ତସନ୍ତ ହେଉଛନ୍ତି । ମିଲରଙ୍କ ମନମାନି ଯୋଗୁଁ ମଣ୍ଡିରେ ଅମଳ ଧାନ ବର୍ଷା କାକର ଖାଉଛି । କେଉଁଠି କଟନଛଟନି ବି ଚାଷୀଙ୍କ ଦୁଃଖକୁ ଦୁଇଗୁଣା କରୁଛି । ଏହାକୁ ନେଇ ବିରୋଧୀ ବିଜେଡି ଆନ୍ଦୋଳକୁ ଓହ୍ଲାଇଥିବା ବେଳେ ତାଙ୍କୁ ଚେକ୍ ଦେଇଛନ୍ତି ଶାସକ ଦଳୀୟ । ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି । କେବଳ ବଡ଼ ଚାଷୀ ବିରୋଧ କରୁଛନ୍ତି । ଗତବର୍ଷ ସେମାନେ ୫୦୦ କ୍ୱିଣ୍ଟାଲ ଧାନ ବିକିଥିଲେ ଏଥର କ୍ୟାପ୍ସ ୧୫୦ କ୍ୱିଣ୍ଟାଲ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି । ଆସନ୍ତାବର୍ଷ ସେଥିପ୍ରତି ଦୃଷ୍ଟି ଦିଆଯିବ । ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନ କିଣା ପ୍ରକ୍ରିୟା ଟିକେ ବିଳମ୍ବ ହେଉଛି । ପରବର୍ତ୍ତୀ ସମୟରେ ସେ ଧାନକୁ ଉଠାଯାଉଛି । ଯେଉଁ ମାନଙ୍କର ଟୋକେନ୍ ଲାପ୍ସ ହେଉଛି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ୧୫ ଦିନ ଟୋକାନ ଅବଧି ବୃଦ୍ଧି କରାଯାଉଛି । ଚଳିତବର୍ଷ ଅଧିକ ଚାଷ ହୋଇଛି । ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି । ସେମାନଙ୍କୁ ନୋଟିସ ହୋଇଛି, ଏଥିରୁ ନ ଚେତିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି । ସେଥିରେ ସେମାନେ ସଫଳ ହେବେନି । ସମସ୍ତ ଚାଷୀଙ୍କ ଧାନ ଉଠିବ ।

ଅନ୍ୟପଟେ ଏ ପ୍ରସଙ୍ଗରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ସରକାର ଏକ ମିଛ ଚାଷୀଙ୍କ ତାଲିକା ଦିଅନ୍ତୁ । ପ୍ରକୃତ ଚାଷୀଙ୍କ ତାଲିକା ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି । ସରକାର ଧାନ କିଣାରେ ବିଫଳ । ଚାଷୀ ଆକ୍ରୋଶର ଶିକାର ହେଲେଣି ସରକାର । ବିଜେପିରେ କେହି ଚାଷୀ ନଥିବେ । ହେଲେ ଛୋଟ ହେଉ କି ବଡ଼ ହେଉ, ରାଜ୍ୟରେ ଚାଷୀ ଅଛନ୍ତି ।

ସେହିପରି କଂଗ୍ରେସ ବିଧାୟକ ନୀଳ ମାଧବ ହିକକା ମଧ୍ୟ କହିଛନ୍ତି ଯେ, ଚାଷୀଙ୍କୁ ନକଲି କହି ଅନ୍ନଦାତାଙ୍କୁ ଅପମାନ କରୁଛନ୍ତି ସରକାର । ଏହା ବଡ଼ ଅପରାଧ ଓ ନିନ୍ଦନୀୟ । ଅନ୍ନଦାତା ଦେଶ ଚଳାଉଛନ୍ତି । ତାଙ୍କୁ କେମିତି ନକଲି କହୁଛନ୍ତି ସରକାର ? ସରକାର କ'ଣ ଯାଞ୍ଚ କରିଛନ୍ତି । ୩୧୦୦ ଟଙ୍କାରେ ଧାନ କିଣିବାର ମିଛ କହିଲେ ମିଛୁଆ ସରକାର । କାହିଁକି ବାହୋସଫଟ ମାରୁଥିଲେ ? ମଣ୍ଡିରେ ଧାନ ପଡ଼ିଛି, ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ।

# ଦୁର୍ଘଟଣାରେ ଶିଶୁ ସମେତ ୪ ମୃତ

**କଣ୍ଟାବାଞ୍ଜି,୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ପଣ୍ଡରେନ ଗାଁ ନିକଟରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି, ଯେଉଁଥିରେ ୪ ଜଣଙ୍କ ଜୀବନ ଯାଇଛି । ମୃତକଙ୍କ ମଧ୍ୟରେ ଜଣେ ୬ ବର୍ଷୀୟ ଶିଶୁ, ଜଣେ ମହିଳାଙ୍କ ସମେତ ଗୋଟିଏ ପରିବାରର ୩ ଜଣ ଥିବାବେଳେ ସେମାନଙ୍କ ସଂପର୍କୀୟ ଜ୍ୱାଇଁ ମଧ୍ୟ ପ୍ରାଣ ହରାଇଛନ୍ତି ।

ସୂଚନା ଅନୁସାରେ, ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗାଁର ଗୋଟିଏ ପରିବାରର ୩ ଜଣ କ୍ଷୀର ପୁଟେଲ (୫୫), ତାଙ୍କ ସ୍ତ୍ରୀ କୁନି ପୁଟେଲ ଏବଂ ନାତି ଦେବାଶିଷ ପୁଟେଲ (୬) ରବିବାର ସକାଳେ ତାଙ୍କ ସମ୍ପର୍କୀୟ ଘର ତୁରେକେଲା ଥାନା ଅନ୍ତର୍ଗତ ଧଉରାଖମନ ଗାଁକୁ ଯାଇଥିଲେ । ସଂଧ୍ୟା ୫.୩୦ ମିନିଟରେ ସମ୍ପର୍କୀୟ ଜ୍ୱାଇଁ ଧଉରାଖମନ ଗାଁର ମୋହନ ପୁଟେଲ୍ ବାଇକ୍‌ରେ ସେମାନଙ୍କୁ ତାଙ୍କ ଗାଁକୁ ଛାଡିବାକୁ ଆସୁଥିଲେ । ପଣ୍ଡରେନ ଗାଁଠାରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର୍ ମାରିଥିଲା । ଘଟଣାସ୍ଥଳରେ କ୍ଷୀର ଏବଂ ଦେବାଶିଷଙ୍କ ମୃତ୍ୟୁ ଘଟିଥିଲା । କୁନି ଏବଂ ମୋହନଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ସେମାନଙ୍କ ମୃତ୍ୟୁ ହୋଇଛି ।

ମୃତକଙ୍କ ପରିବାର କଣ୍ଟାବାଞ୍ଜି ଡାକ୍ତରଖାନାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ଘଟଣା କେମିତି ହେଲା, କେଉଁ ଗାଡି ଧକ୍କାଦେଲା ସେନେଇ ପୁଲିସ ତନାଘନା ଆରମ୍ଭ କରିଛି । ତୁରେକେଲା ପୁଲିସ ସମସ୍ତ ରାସ୍ତାରେ ଯାଞ୍ଚ କରୁଥିବା ବେଳେ କଣ୍ଟାବାଞ୍ଜି ପୁଲିସ ମଧ୍ୟ ଏହାର ତଦନ୍ତ କରୁଛି । ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ମଧ୍ୟ ପୁଲିସ ଯାଞ୍ଚ କରୁଛି । ଆସନ୍ତାକାଲି ଶବଗୁଡିକର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି । ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ନ୍ୟାୟ ଓ କ୍ଷତିପୂରଣ ଦାବିରେ ଆସନ୍ତାକାଲି ରାସ୍ତାରୋକ କରାଯିବ ବୋଲି ସୂଚନା ମିଳିଛି । ଏ ବାବଦରେ ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି, ଆମେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଖୋଜୁଛୁ ।



କଟକ: ମନ ମୋହୁଛି ଜିଲ୍ଲାସ୍ତରୀୟ 'ସୁଭଦ୍ରା ଶକ୍ତି, ସ୍ୱଦେଶୀ ଓ ଟେରାକୋଟା' ମେଳା । (ଫଟୋ-ଚନ୍ଦନ)

# ରଷିଆରେ ୪ ଭାରତୀୟ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

**ମସ୍କୋ,୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଋଷର ଏକ ମେଡିକାଲ ୟୁନିଭରସିଟିରେ ଛୁରୀମାଡ଼ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଅନେକ ଲୋକ ଆହତ ହୋଇଛନ୍ତି । ଏହି ଆହତଙ୍କ ମଧ୍ୟରେ ଚାରିଜଣ ଭାରତୀୟ ଛାତ୍ର ମଧ୍ୟ ସାମିଲ ଅଛନ୍ତି । ମସ୍କୋ ସ୍ଥିତ ଭାରତୀୟ ଦୂତାବାସ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛି । ସୂଚନା ଅନୁଯାୟୀ, ଜଣେ କିଶୋର ଛୁରୀ ଧରି ବିଶ୍ୱବିଦ୍ୟାଳୟର ବିଦେଶୀ ଛାତ୍ରମାନଙ୍କ ହଷ୍ଟେଲରେ ପ୍ରବେଶ କରିଥିଲା ଏବଂ ସେଠାରେ ରହୁଥିବା ଛାତ୍ରମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା । ଏହି ଘଟଣାରେ ମଧ୍ୟସ୍ଥତା କରିବାକୁ ଯାଇ ଦୁଇଜଣ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଥିବା ଜଣାପଡିଛି ।

ରିପୋର୍ଟ ମୁତାବକ, ଏହି ଆକ୍ରମଣ ବାସ୍କୋର୍ଟୋସ୍ତାନର ରାଜଧାନୀ ଉଫାସ୍ଥିତ ଷ୍ଟେଟ୍ ମେଡିକାଲ୍ ୟୁନିଭରସିଟିର ହଷ୍ଟେଲରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଡ୍ରେନରେ ଫିଙ୍ଗି ଦେଲେ ନବଜାତର ମୃତଦେହ

**କଟକ,୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମରିଗଲା ମାନବିକତା । ଡ୍ରେନରେ କେହି ଫିଙ୍ଗି ଦେଲେ ନବଜାତ ଶିଶୁ କନ୍ୟାର ମୃତଦେହ । ଡ୍ରେନ ଭିତରେ ପଡ଼ିଥିବା ନବଜାତ ଶିଶୁର ମୃତଦେହକୁ ଝୁଣି ଖାଇଲା କୁକୁର । ଏହି ସମୟରେ ସ୍ଥାନୀୟ ଲୋକେ କୁକୁର ମୁହଁରୁ ଶିଶୁର ମୃତଦେହ ଉଦ୍ଧାର କରିଥିଲେ । ଏମିତି ଏକ ଘଟଣା ଦେଖିବାକୁ ମିଳିଛି କଟକ ତଳ ତେଲେଙ୍ଗା ବଜାର ଅଞ୍ଚଳରେ ।

ସେପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଏହି ଖବର ପାଇବା ପରେ ପୁରୀଘାଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି । ତେବେ ନିକଟରେ ଏକ ଘରୋଇ ହସ୍ପିଟାଲ ଥିବା ବେଳେ ସେଠାରୁ ଏହି ମୃତ ନବଜାତ ଶିଶୁ କନ୍ୟାକୁ କେହି ଫିଙ୍ଗି ଦେଇଥିବା ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ।

# ୪ମାସ ପରେ ବି ପୂଜା ଖର୍ଚ୍ଚ ମିଳିଲାନି ମନ୍ତ୍ରୀଙ୍କୁ ମନେ ପକାଇଲେ ବିଧାୟକ

**କେନ୍ଦ୍ରାପଡ଼ା,୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲିବାବେଳେ ରାଜ୍ୟ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସହ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତି ମଣ୍ଡପକୁ ୫୦ ହଜାର ଟଙ୍କା ପୂଜା ଖର୍ଚ୍ଚ ଦିଆଯିବ ବୋଲି ଘୋଷଣା କରିଥିଲେ । ହେଲେ ଅକ୍ଟୋବରରୁ ଏଯାଏ ୫ମାସ ପରେ ବି ଏହି ଟଙ୍କା ମିଳିଲା ନାହିଁ । ଫଳରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଶନିବାର ଚିଠି ଲେଖି ମନେ ପକାଇ ଦେଇଛନ୍ତି । ବିଧାୟକ ଶ୍ରୀବେହେରା ଦର୍ଶାଇଛନ୍ତିଯେ, ଗତ ୫ ମାସ ପୂର୍ବେ ଏହି ପୂଜା ଖର୍ଚ୍ଚ ଦିଆଯିବ ବୋଲି ଘୋଷଣା ହୋଇଥିଲା । କେନ୍ଦ୍ରାପଡା ପୌରଂଚଳର ସମସ୍ତ ମଣ୍ଡପ ସମ୍ପର୍କରେ ପ୍ରଶାସନ ସ୍ତରରେ ରିପୋର୍ଟ ପ୍ରସ୍ତୁତ ହୋଇଥିଲା । ମାତ୍ର *(ଶେଷ ପୃଷ୍ଠା ଦେଖନ୍ତୁ)*

# ଭିତରକନିକାରେ ଅନୁଗୋଳ ଟ୍ରେନିଂ ରେଞ୍ଜ ଅଫିସର

**ରାଜନଗର,୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନରେ ଅନୁଗୋଳ ରେଞ୍ଜ ଅଫିସର ଟ୍ରେନିଂ ସ୍କୁଲରୁ ୪୬ ଜଣ ଆର.ଓ. ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣରେ ଆସି ପହଞ୍ଚିଥିଲେ । ଉଦ୍ଭିଦ ଓ ପ୍ରାଣୀଜଗତ ବିଷୟରେ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ନାୟକ ଓ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ଠାରୁ ପରିପୂରକ ଜ୍ଞାନ ଆହରଣ କରିଛନ୍ତି ।

## ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ର ବ୍ୟାରେଜ୍

# ତ୍ରିକୋଣ ଭୂମି ଅଞ୍ଚଳରେ ବିପଦ ଆଶଙ୍କା

**କେନ୍ଦ୍ରାପଡ଼ା,୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ସରକାର ବହୁ ବ୍ୟାରେଜ୍ ନିର୍ମାଣ କରି ଏହା ଉପରେ ଏକ ପ୍ରକାର ଏକଚାଟିଆ ଅଧିକାର ସାବ୍ୟସ୍ତ ପାଇଁ କରିଥିବା ଷଡ଼ଯନ୍ତ୍ର ବିରୋଧରେ ଓଡ଼ିଶା ରାଜ୍ୟ ବିଜେଡ଼ି ସରକାର ନ୍ୟାୟିକ ଲଢେଇ ପାଇଁ ନିଷ୍ପତ୍ତି ନେଇଥିଲେ ହେଁ ଏକ୍ଷେତ୍ରରେ ଅନିଶ୍ଚିତତା ଲାଗିରହିଛି । ସମସ୍ୟାର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ହେଲେ ଏହି ପ୍ରକ୍ରିୟା ଯେପରି ବିଳମ୍ବିତ ହେବାରେ ଲାଗିଛି ସେଥିରୁ ନ୍ୟାୟ ପାଇଲାବେଳକୁ ଓଡ଼ିଶା ଅନେକ କିଛି ହରାଇ ସାରିଥିବ ନିଶ୍ଚୟ । ଅନ୍ୟପକ୍ଷରେ ଓଡ଼ିଶା ଉପଯୁକ୍ତ ନ୍ୟାୟ ପାଇବା ନେଇ ବୁଦ୍ଧିଜୀବି ମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି ।

ଅନେକଙ୍କ କହିବା କଥା ଯେ, ୨/୩ ବର୍ଷ ତଳେ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଏକ ଟିମ୍ ଦୁଇଟି ପର୍ଯ୍ୟାୟରେ ଉଭୟ ଛତିଶଗଡ଼ ଓ ଓଡ଼ିଶା ପରିଦର୍ଶନରେ ଆସି ପରିସ୍ଥିତିର ଅନୁଧ୍ୟାନ କରିବା ସହିତ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥିଲେ । ଟ୍ରିବ୍ୟୁନାଲ ସଦସ୍ୟଙ୍କ ଏହି ଗସ୍ତ ର ଅବ୍ୟବହିତ ପୂର୍ବରୁ ଛତିଶଗଡ଼ ସରକାର କଲମା ବ୍ୟାରେଜ ରୁ ପାଣି ଛାଡ଼ି ସଦସ୍ୟଙ୍କୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରିଥିବା ନେଇ ଓଡ଼ିଶା ପକ୍ଷରୁ ସ୍ୱର ଉଠିଥିଲା । ଏପରିକି ଟ୍ରିବ୍ୟୁନାଲର ସଦସ୍ୟ ଟିମ୍ କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲା ଭଳି ମହାନଦୀର ତ୍ରିକୋଣଭୂମି ଅଂଚଳ ପରିଦର୍ଶନ କରିନଥିଲେ । ଫଳରେ ମହାନଦୀକୁ ନେଇ ସୃଷ୍ଟି ହୋଇଥିବା ଜଳ ବିବାଦର ସମାଧନ ପାଇଁ ରାସ୍ତା ବାହାରିବ ବୋଲି ସ୍ୱାଭାବିକ ଭାବେ ଆଶଙ୍କା ଦେଖାଦେଇଥିଲା ।

ଏଠାରେ ପ୍ରକାଶଯୋଗ୍ୟ ଯେ, କାହିଁ କେଉଁ ସ୍ମରଣାତି କାଳରୁ ମହାନଦୀର ତଳମୁଣ୍ଡରେ ଥିବା ଜିଲ୍ଲା ମାନଙ୍କର ଜୀବନ, ଜୀବିକା, ସଭ୍ୟତା, ସଂସ୍କୃତି ଓ ପରିବେଶ ମହାନଦୀ ଉପରେ ନିର୍ଭରଶୀଳ । ମହାନଦୀ ଯେତେ ଶୁଷ୍କ ହେଉଛି ଏହି ଅଂଚଳ ପ୍ରତି ବିପଦ ସେତେ ଘନେଇ ଆସୁଛି । ପ୍ରତିବର୍ଷ ମୌସୁମୀ କାଳରେ ମହାନଦୀର ପ୍ରଳୟଙ୍କରୀ ବନ୍ୟା ବିଭୀଷିକାକୁ ମୁକାବିଲା କରୁଥିଲେ ହେଁ ଏହି ଅଂଚଳବାସୀ ଙ୍କୁ ବଂଚିବାର ରାହା ଦେଇଛି ମହାନଦୀ । ଏହି ଅଂଚଳବାସୀ ପାନୀୟ ଜଳ ଠାରୁ ଆରମ୍ଭ କରି କୃଷି, ନିର୍ମାଣ, ବାଣିଜ୍ୟ, ଶିଳ୍ପ, ଆଦି ସବୁକିଛି ପାଇଁ ମହାନଦୀ ଉପରେ ନିର୍ଭରଶୀଳ ହୋଇ ଆସିଛନ୍ତି । ସବୁଠାରୁ ବଡ଼ କଥା ହେଲା ସମୁଦ୍ର ତଟରେ ଅବସ୍ଥିତ ଏହି ଜିଲ୍ଲା ଗୁଡ଼ିକ ପ୍ରତି ସବୁବେଳେ ଥିବା ସାମୁଦ୍ରିକ ଝଡ଼, ସୁନାମୀ, ତଟକ୍ଷୟ ଭଳି ବିପତ୍ତିରୁ ମହାନଦୀ ତା'ର ମୁହାଣ ଅବବାହିକାରେ ସମୃଦ୍ଧ କରିଥିବା ବିରଳ ହେନ୍ତାଳ ଜଙ୍ଗଲ ଦ୍ୱାରା ସୁରକ୍ଷା ଦେଇ ଆସିଛି । ଏହି ଆଦ୍ର ଭୂମିରେ ସମୁଦ୍ରର ଲୁଣି ପାଣି ଓ ମହାନଦୀର ମଧୁର ପାଣିର ସମିଶ୍ରଣ ନଘଟିଲେ ଏହି ହେନ୍ତାଳ ଜଙ୍ଗଲ ଅଚିରେ ଧ୍ୱଂସ ପାଇଯିବ ।

କେନ୍ଦ୍ରାପଡା ଜିଲା ଉପକୂଳରେ ପ୍ରତିଷ୍ଠିତ ବିଶ୍ୱ ବିରଳ ଭିତରକନିକାର ଜୈବ ବିବିଧତା ବ୍ରାହ୍ମଣୀ ଓ ବୈତରଣୀ ସହିତ ମହାନଦୀର ଅବଦାନ ଅବିସ୍ମରଣୀୟ ହୋଇ ରହିଛି । ଛତିଶଗଡର ନଦୀବନ୍ଧ ଯୋଜନା ଏବଂ ମହାନଦୀର ତଳମୁଣ୍ଡକୁ ଶୁଷ୍କ କରି ନିଜର ଏକଚାଟିଆ ଅଧିକାର ସାବ୍ୟସ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମୋତେ ଫସାଯାଇଛି: ବିକ୍ରମ ପଣ୍ଡା

**ବ୍ରହ୍ମପୁର,୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଅସୁସ୍ଥ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ କଡା ସୁରକ୍ଷା ବଳୟ ଭିତରେ ଜେଲ୍‌ରୁ ଏମକେସିଜି ମେଡିକାଲକୁ ନିଆଯାଇଛି । ଏତିକି ବେଳେ ସେ କହିଛନ୍ତି ପୀତବାସ ପଣ୍ଡା ହତ୍ୟା ମାମଲାରେ ମୋତେ ଫସାଇ ଦିଆଯାଇଛି । ମୁଁ ନିର୍ଦ୍ଦୋଷ, ଅଯଥାରେ ଉଦ୍ଦେଶ୍ୟମୂଳକ ଭାବେ ମୋତେ ଫସାଯାଇଛି । ମୋତେ ଓ ବିଜେଡିକୁ ବଦନାମ କରିବାକୁ ଉଦ୍ୟମ କରାଯାଉଛି । ରାଜନୈତିକ ଉଦ୍ଦେଶ୍ୟ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାପୁଜୀନଗରରେ ଅବୈଧ ନିର୍ମାଣ ବନ୍ଦ କରିବାକୁ ମେୟରଙ୍କୁ ଲୋକଙ୍କ ନିବେଦନ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ରାଜଧାନୀର ଅନ୍ୟତମ ପ୍ରମୁଖ ଅଞ୍ଚଳ ବାପୁଜୀନଗରରେ ନିୟମ ଉଲ୍ଲଂଘନ କରି ଦିନ ଦ୍ୱିପ୍ରହରରେ ବିଲ୍ଡିଂ କାମ ଚାଲିଥିଲେ ହେ ଭୁମନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବ ରହିବା ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଅନେକଙ୍କୁ ଚକିତ କରିଛି । ଉଲ୍ଲେଖନୀୟ ଯେ, ବାପୁଜୀନଗର ଜନବସତିପୂର୍ଣ୍ଣ ଅଞ୍ଚଳରେ ଲେନ୍ ନଂ-୧୦ ଦୁର୍ଗା ମନ୍ଦିର ସାମ୍ନାରେ ଜନୈକ ବ୍ୟକ୍ତି ଆବାସିକ ଗୃହ ନିର୍ମାଣ ପାଇଁ କର୍ତ୍ତୃପକ୍ଷଙ୍କ ଠାରୁ ନକ୍ସା ମଞ୍ଜୁରୀ କରାଇଥିଲେ । କିନ୍ତୁ ବ୍ୟବସାୟିକ ମଲ୍ ଉଦ୍ଦେଶ୍ୟରେ ଅଧିକ ଉଚ୍ଚତା ବିଶିଷ୍ଟ ବିଲ୍ଡିଂ ନିର୍ମାଣ ସହ ଅନୁମୋଦିତ ନକ୍ସା ବାହାରେ ତିନିପଟେ କୌଣସି ଖାଲି ଜାଗା ନଛାଡିବା ଫଳରେ ନିକଟବର୍ତ୍ତି ଅଞ୍ଚଳର ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି । ପ୍ରଥମରୁ ରାସ୍ତା ଓ କଞ୍ଜରଭେନ୍ସି ଲେନ୍‌କୁ ଖୋଲିଦିଆଯିବା ଫଳରେ ଲୋକେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କର୍ତ୍ତୃପକ୍ଷ ଦୁଇଲକ୍ଷ ଟଙ୍କା ଜରିମାନା କରିବା ସହ ଏପରି ବେଆଇନ ଖନନରୁ ନିବୃତ୍ତ ରହିବାକୁ ତାଗିଦ୍ କରିଥିଲେ । ତା'ସତ୍ତ୍ୱେ ଏଯାବତ୍ ତାହା କାର୍ଯ୍ୟକାରୀ ହେଲାନି । ମା'ଦୁର୍ଗାଙ୍କ ମନ୍ଦିର ସାମ୍ନାରେ ଏପରି ବିପଦପୂର୍ଣ୍ଣ ନିର୍ମାଣ ଜାରି ରହିଥିଲେ ହେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଏହା ପଛରେ ବଡଧରଣର ଲାଞ୍ଚ କାରବାର ହୋଇଥିବାର ଲୋକେ ଅନୁମାନ କରୁଛନ୍ତି । ଜନସାଧାରଣଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ମେୟର ଓ କମିଶନର ତୁରନ୍ତ ଏଥିରେ ଦସ୍ତକ୍ଷେପ କରି ଏହି ଅବୈଧ ନିର୍ମାଣକୁ ବନ୍ଦ କରିବା ଲାଗି ସାଧାରଣରେ ଦାବି ହେଉଛି ।

## ବୃଦ୍ଧଙ୍କ ବେକରୁ ସୁନାହାର ଝାମ୍ପି ନେଲେ ଦୁର୍ବୃତ୍ତ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ଅଞ୍ଚଳରେ ଆଇନ ଶୃଙ୍ଖଳା ସୁଧୁରିବାର ନାଁ ନେଉନାହିଁ । ସହର ମଧ୍ୟରେ ଚୋରା ବାଲି ଉତ୍ତୋଳନ ଓ ଚାଲାଣ ଜନିତ ବିଶୃଙ୍ଖଳା ବନ୍ଦ ହେଉନଥିବା ବେଳେ ଚେନ୍ ଛିନ୍ତାଇ ଘଟଣା ବାରମ୍ବାର ଘଟି ଚାଲିଛି । ଶୁକ୍ରବାର ନୂଆ ବଜାର ମହିଳା ମହାବିଦ୍ୟାଳୟ ସନ୍ନିକଟ ସ୍ୱର୍ଗତ ଦେବେ ନାଥ ବାରିକ୍ ସ୍ତ୍ରୀ ମଞ୍ଜୁଲତା ବାରିକ୍ (୬୬) ପ୍ରାତଃ ଭ୍ରମଣରେ ଯାଉଥିଲେ । ନମ୍ବର୍ ବିହୀନ ବାଇକ୍‌ରେ ଦୁଇ ଦୁର୍ବୃତ୍ତ ପାଖରେ ପହଞ୍ଚି କୌଶଳ କ୍ରମେ ଅଢ଼େଇ ଭରି ଓଜନର ସୁନା ହାର ନେଇ ଛୁ ମାରିଛନ୍ତି । ପରିବାର ପକ୍ଷରୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସି ଟିଭି ଆଧାରରେ ତଦନ୍ତ କରୁଛନ୍ତି । ସହର ମଧ୍ୟରେ ବହୁ ପୁରୁଣା ଝିନ୍ତାଇ ଘଟଣାର ପର୍ଦ୍ଦାଫାଶ ହୋଇନଥିବା ବେଳେ ଏହି ଘଟଣା ଔପଚାରିକ ତଦନ୍ତ ରେ ସୀମିତ ରହିବ ନାଁ ଅପରାଧୀ ଧରାପଡିବେ ତାହା ସମୟ କହିବ । ତେଣୁ ଅତିରିକ୍ତ ସୁରକ୍ଷା ଦୃଷ୍ଟିରୁ ସୁନା ଅଳଙ୍କାର ପିନ୍ଧି ପଦାକୁ ବାହାରିବା ମନା ବୋଲି ସାଧାରଣରେ ବିଦ୍ରୁପ ହେଉଛି ।

## ବିଶ୍ୱଭୂଷଣଙ୍କ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ନେତୃତ୍ୱ କେବଳ କ୍ଷମତାର ପଦ ପଦବୀରେ ସୀମିତ ନୁହେଁ ବରଂ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ସମାଜର ସେବା ମାଧ୍ୟମରେ ପ୍ରତିଫଳିତ ହୁଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଓଡ଼ିଶାର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଏବଂ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ: ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ – 'ବକ୍ସି ଜଗବନ୍ଧୁ – ଦି ଗ୍ରେଟ କମାଣ୍ଡର'ର ଉନ୍ମୋଚନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ଏହି କାର୍ଯ୍ୟକ୍ରମକୁ ସାହିତ୍ୟିକ ଉତ୍କର୍ଷତାର ଉତ୍ସବ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ, ଏହା ଶ୍ରୀ ହରିଚନ୍ଦନଙ୍କ ସ୍ଥାୟୀ ସାର୍ବଜନୀନ ଏବଂ ବୌଦ୍ଧିକ ଐତିହ୍ୟକୁ ମଧ୍ୟ ପ୍ରତିଫଳିତ କରେ ।

ନିଜ ଅଭିଭାଷଣରେ ରାଜ୍ୟପାଳ ଡକ୍ଟର କମ୍ଭମପାଟି ସାମ୍ବିଧାନିକ ମୂଲ୍ୟବୋଧ, ଜନ କଲ୍ୟାଣ ଏବଂ ବୌଦ୍ଧିକ ସାଧନା ପ୍ରତି ଲେଖକଙ୍କ ଜୀବନବ୍ୟାପୀ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଶ୍ରୀ ହରିଚନ୍ଦନଙ୍କ ଆଇନଗତ ବୃତ୍ତିରୁ ସାର୍ବଜନୀନ ଜୀବନ ପର୍ଯ୍ୟନ୍ତ ଯାତ୍ରା ସମ୍ପର୍କରେ ରାଜ୍ୟପାଳ ଅବତାରଣା କରି ବ୍ୟକ୍ତିଗତ ସ୍ୱାର୍ଥ ଉର୍ଦ୍ଧ୍ୱରେ ନ୍ୟାୟିକ ସ୍ୱାଧୀନତା ଏବଂ ନାଗରିକ ସ୍ୱାଧୀନତା ଉପରେ ଶ୍ରୀ ହରିଚନ୍ଦନଙ୍କର ଦୃଢ଼ ଦୃଷ୍ଟିକୋଣ ଉଲ୍ଲେଖ କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ବିଧାନସଭା, କାର୍ଯ୍ୟନିର୍ବାହୀ ଏବଂ ସାମ୍ବିଧାନିକ ଭୂମିକାରେ ତାଙ୍କର ଅବଦାନ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ସାମାଜିକ ନ୍ୟାୟ ପ୍ରତି ଗଭୀର ଚିନ୍ତାକୁ ଦର୍ଶାଉଛି ।

'ବକ୍ସି ଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡର' ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହି ପୁସ୍ତକ ଓଡ଼ିଶାର ପାଇକ ବୀରମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ପ୍ରାରମ୍ଭିକ ଆନ୍ଦୋଳନ ମଧ୍ୟରୁ ଅନ୍ୟତମ । ଏପରି କାର୍ଯ୍ୟଗୁଡ଼ିକ ଐତିହାସିକ ଦୃଷ୍ଟିକୋଣକୁ ପୁନରୁଦ୍ଧାର କରେ ଏବଂ ଯୁବ ପିଢ଼ି ମଧ୍ୟରେ ଦେଶପ୍ରେମକୁ ପ୍ରେରଣା ଦିଏ ।

'ଏ ମାଟି କଥା କହେ'କୁ ଏକ ପ୍ରତିଫଳିତ ପ୍ରବନ୍ଧ ସଂଗ୍ରହ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ ଏହି ପୁସ୍ତକରେ ଗଣତନ୍ତ୍ର, ଓଡ଼ିଆ ପରିଚୟ, ଜାତୀୟ ନେତୃତ୍ୱ ଏବଂ ଆଧ୍ୟାତ୍ମିକ ପରମ୍ପରା, ପ୍ରଭୁ ଜଗନ୍ନାଥଙ୍କ ନବକଳେବରର ପ୍ରତିଫଳନ ରହିଛି ।

ଛାତ୍ର, ଯୁବପିଢ଼ି ଏବଂ ସମାଜର ସମସ୍ତ ବର୍ଗର ପାଠକମାନେ ଏହି ପୁସ୍ତକଗୁଡ଼ିକ ପଢିବା ଏବଂ ପ୍ରଦତ୍ତ ମୂଲ୍ୟବୋଧକୁ ଗ୍ରହଣ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ଅର୍ଥପୂର୍ଣ୍ଣ ପ୍ରକାଶନ ମାଧ୍ୟମରେ ସାଂସ୍କୃତିକ ସମୃଦ୍ଧିରେ ଅବଦାନ ପାଇଁ ରାଜ୍ୟପାଳ ପୁସ୍ତକର ପ୍ରକାଶକ ଏବଂ ସମ୍ପାଦନା ମଣ୍ଡଳୀକୁ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଓଡିଶା ରାଜନୀତିର ଏକ ଅନନ୍ୟ ପ୍ରତିଭା ତଥା ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର' ଆମ ପାଇଁ ପ୍ରେରଣାଦାୟୀ ।

୧୮୫୭ ପୂର୍ବରୁ ଖୋର୍ଦ୍ଧା ମାଟିରେ ଘଟିଥିବା ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଭାବେ ପରିଚିତ ହେବା ଦରକାର । 'ଏ ମାଟି କଥା କହେ' ପୁସ୍ତକରେ ଓଡ଼ିଆ ଅସ୍ମିତା, ଗଣତନ୍ତ୍ର ଓ ଶ୍ରୀଜଗନ୍ନାଥ ସଂପର୍କିତ ଗଭୀର ଚିନ୍ତନ ଉପସ୍ଥାପିତ ହୋଇଛି, ଯାହା ସମସ୍ତ ପିଢି ପାଇଁ ପ୍ରେରଣାଦାୟୀ । ଏହି ପୁସ୍ତକ ଦୁଇଟି ଯୁବପିଢିଙ୍କ ମନରେ ଦେଶପ୍ରେମ, ତ୍ୟାଗ ଓ ଗଣତନ୍ତ୍ରୀୟ ମୂଲ୍ୟବୋଧ ସଞ୍ଚାର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ – 'ବକ୍ସି ଜଗବନ୍ଧୁ – ଦି ଗ୍ରେଟ କମାଣ୍ଡର'ର ଲେଖକ ଓଡ଼ିଶାର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଏବଂ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ନିଜ ରଚିତ ପୁସ୍ତକ ଗୁଡିକ ବିଷୟରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ।

ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ସାଂସଦ ତଥା ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ, 'ବକ୍ସି ଜଗବନ୍ଧୁ – ଦି ଗ୍ରେଟ କମାଣ୍ଡର'ର ଅନୁବାଦକ ପ୍ରଫେସର ଭଗବାନ ଜୟସିଂହ ବକ୍ତବ୍ୟ ପ୍ରଦାନ କରି ବିଶ୍ୱଭୂଷଣ ହରିଚନ୍ଦନଙ୍କ ବ୍ୟକ୍ତିତ୍ୱ, ରାଜନୈତିକ ଜୀବନ ଯାତ୍ରା, ସାମ୍ବିଧାନିକ ପଦବୀରେ କର୍ତ୍ତବ୍ୟ ନିର୍ବାହ, ସାରସ୍ୱତ ସୃଷ୍ଟି ଏବଂ ଉପରୋକ୍ତ ପୁସ୍ତକ ଉପରେ ଆଲୋକପାତ କରିଥିଲେ ଓ ପ୍ରଫେସର ବିଜୟାନନ୍ଦ ସିଂ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ।

## ବିବାହ ବନ୍ଧନରେ ବାନ୍ଧିହେଲେ ୧୮ ଯୋଡ଼ି

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ବିବାହ ଏକ ସାମାଜିକ ସ୍ୱୀକୃତି, ରିବାରର ଅସହମତି, ଯୌତୁକ ଅସଙ୍ଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଅନଭିଜ୍ଞତା ଆଦି ସାମାଜିକ ପ୍ରତିବନ୍ଧକ କାରଣ, ମୁଖ୍ୟତଃ ବିବାହ କାର୍ଯ୍ୟ ସମ୍ପନ୍ନ ଓ ବୈବାହିକ ଜୀବନ ଅତିବାହିତରେ ମୁଖ୍ୟ ପ୍ରତିବନ୍ଧକ । ଏହାର ପ୍ରତିକାର ସ୍ୱରୂ ନବଦମ୍ପତିଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ବିବାହକୁ ରେଜିଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା 'ପ୍ରୟାସ ସାମୂହିକ ବିବାହ'ର ଧ୍ୟେୟ । ଦୀର୍ଘ ୧୧ ବର୍ଷ ମଧ୍ୟରେ ପ୍ରାୟ ୨୯୫ ଗୋଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରି ସାରିଛି ପ୍ରୟାସ । ଚଳିତ ବର୍ଷ ୧୮ ଯୋଡ଼ି ନବଦମ୍ପତି ବିବାହ ବନ୍ଧରେ ବାନ୍ଧି ହୋଇଛନ୍ତି । ସମାଜର ସବୁ ବର୍ଗ, ଗୋଷ୍ଠୀ, ଜାତି, ବିଧବା, ଅର୍କମଣ୍ୟ ଓ ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବରେ ମାନ୍ୟତା ଦେବାକୁ 'ପ୍ରୟାସ' ପକ୍ଷରୁ ପ୍ରୟାସ କରାଯାଇଛି । ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଏହି ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ସନ୍ଧ୍ୟାରେ ମଙ୍ଗନି, ମେହେନ୍ଦି ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ ହୋଇଥିଲେ । ପୂର୍ବାହ୍ନ ୧୧ ଘଟିବାରେ ୟୁନିଟ୍-୨ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ୧୮ ଜଣ ବର ବାହାରି ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିଥିଲେ । ବରବଧୂଙ୍କୁ ଆଶୀର୍ବାଦ କରିବାକୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ । ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର, ସମାଜସେବୀ ନମ୍ରତା ଚଡ୍ଢା, କର୍ପୋରେଟର ରୁଲତା ରାୟ ପ୍ରମୁଖ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ ପ୍ରୟାସର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଯୁବ ମାରୱାଡି ସଂଗଠନ ଓଡ଼ିଶା ଯୁବା ସେବା ସମିତି ଓ ମାରୱାଡି ମହିଳା ସମିତି ପକ୍ଷରୁ ସାମୂହିକ ବିବାହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରାଯାଇଥିଲା । ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ ପ୍ରଥମ କନ୍ୟାଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରୟାସର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୁରେଶ କୁମାର ପତ୍ରି, କମଳ ମହାନ୍ତି, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, ପ୍ରେମ ଅଗ୍ରୱାଲ, ଜସ୍ମିନ୍ ମହାନ୍ତି, ମମତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ଜନସାଧାରଣ ସହଯୋଗର ହାତ ବଢ଼ାଇ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପ୍ରୟାସର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି ଅନୁରୋଧ କରିଛନ୍ତି । ରାଜ୍ୟ ସରକାର ଗଣବିବାହକୁ ସ୍ୱୀକୃତି ପ୍ରଦାନ କରିବା ସହ ସରକାରୀ ସହାୟତା ଓ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ପିପିଲି: ଏକ୍ସପ୍ରେସ ନ୍ୟୁଜ୍**

ପିପିଲି ଥାନା ଅନ୍ତର୍ଗତ ସିଉଳା ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଜଣେ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ମୃତକ ଭୁବନେଶ୍ୱର ଆଇଆରସି ଭିଲେଜର ଅଶ୍ୱିନୀ କୁମାର ଦାଶ ବୋଲି ଜଣାପଡିଛି । ସେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗରେ ଜଣେ ସରକାରୀ କର୍ମଚାରୀ । ଶନିବାର ଅପରାହ୍ନରେ କାର୍ଯ୍ୟସାରି ବାଇକ ଯୋଗେ ଭୁବନେଶ୍ୱର ସ୍ଥିତ ଘରକୁ ଫେରୁଥିବାବେଳେ ସିଉଳା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । କୌଣସି କାରଣରୁ ତାଙ୍କ ବାଇକ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଜାତୀୟ ରାଜପଥ ପୋଲିସ ପେଟ୍ରୋଲିଂ ଟିମ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପିପିଲି ପୋଲିସ୍ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

## ସଂରକ୍ଷିତ ଜଙ୍ଗଲରୁ ୩ ଶିକାରୀ ଗିରଫ

**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**



ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ଗୟଳ ଶୀକାର ଘଟଣାରେ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ବନବିଭାଗ । ଶନିବାର ସନ୍ଧ୍ୟାରେ ଗୟଳ ଶୀକାର ଅଭିଯୋଗରେ କିଆଝର ପଞ୍ଚାୟତ ଅଧୀନ ପଣସପଦର ଗ୍ରାମର ସୁର ନାଏକ (୫୨), ଈଶ୍ୱର ନାଏକ (୫୨) ଓ କୋସକା ପଞ୍ଚାୟତ କୁସୁମଡା ଗ୍ରାମର ଦିଲୀପ ନାଏକ (୪୮)ଙ୍କୁ କୋର୍ଟଚାଲାଣ କରିଛି ଖଣ୍ଡପଡା ବନବିଭାଗ । ମୃତ ଗୟଳ ଶରୀରରୁ ମାଂସ କାଟିନେଇ ବିକ୍ରି କରିବା ସମୟରେ ଉକ୍ତ ତିନି ଅଭିଯୁକ୍ତଙ୍କୁ କାବୁ କରିଥିଲା ସ୍ଥାନୀୟ ବନବିଭାଗ । ଅନ୍ୟପକ୍ଷରେ ପୂର୍ବାହ୍ନରେ ନୟାଗଡ ବନଖଣ୍ଡର ଏସିଏଫ ଆଇଶା ଅଖତରି ନିଶାଙ୍କ ନେତୃତ୍ୱରେ ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ, ବନପାଳ ଜ୍ୟୋତିରଞ୍ଜନ ମଲ୍ଲିକ ଓ ବନ ବିଭାଗ କର୍ମଚାରୀଙ୍କ ସହିତ ଘଞ୍ଚ ଜଙ୍ଗଲ ମଧ୍ୟରେ ତଦନ୍ତ କରିଥିଲେ । ମୃତ ଗୟଳକୁ ବିଦ୍ୟୁତ ଫାଶରେ ପକାଇ ମାରିବା ପରେ ତାର ପଛ ପକ୍ଷରୁ ମାଂସ କାଟିନେଇ ବିକ୍ରି ଉଦ୍ୟମ କରାଯାଇଥିବା ବନବିଭାଗ କହିଛି । ଘଟଣାରେ ୩ ଜଣଙ୍କୁ ବିଭାଗ କୋର୍ଟଚାଲାଣ କରିଥିବା ବେଳେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ତଦନ୍ତ କରାଯାଉଥିବା ନେଇ ସୂଚନା ଦେଇଛି । ସେହିପରି ମୃତ ଗୟଳକୁ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଇ ପୋତି ଦିଆଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ଶିକାର ସମୟରେ ବ୍ୟବହୃତ ତାର ଏବଂ କାଚ୍ ବୋତଲ ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ ଗୟଳ ଶିକାର କରି ମାଂସ ବିକ୍ରି କରିବା ସମୟରେ ସ୍ଥାନୀୟ ବନବିଭାଗ ହାତରେ କିଆଝର ଅଞ୍ଚଳର ତିନି ଶିକାରୀ ଧରା ପଡିଥିଲେ ।

## ଚୋରା ବାଲି ଚାଲାଣକୁ ନେଇ ଉତ୍ତେଜନା

**ପିପିଲି: ଏକ୍ସପ୍ରେସ ନ୍ୟୁଜ୍**

ଚୋରା ବାଲିକୁ ନେଇ ଉତ୍ତେଜନା । ପିପିଲି ଉତ୍ତରା ନିକଟ ମଧୁପୁର ଠାରେ ଚୋରା ବାଲି ଚାଲାଣ ବେଳେ ଉତ୍ତେଜନା ଦେଖାଦେଇଛି । ଏପିରିକି ଘଟଣାସ୍ଥଳରେ ବାଲି ମାଫିଆ ଓ ମାଇନ୍ସ ଅଧିକାରୀ ଏବଂ ପୋଲିସ ମୁହାଁମୁହିଁ ହୋଇଛନ୍ତି । ଖବର ଅନୁଯାୟୀ, ପୁରୀ ଜିଲ୍ଲା ମାଇନ୍ସ ଅଧିକାରୀ ଚୋରା ବାଲି ଗାଡ଼ି ଓ ଚୋରା ବାଲିକୁ ଜବତ କରିବାକୁ ଯାଇଥିଲେ । ଏହି ସମୟରେ କିଛି ଓ ଅଧିକାରୀ ମୁହାଁମୁହିଁ ହୋଇଥିଲେ । ଘଟଣାସ୍ଥଳରେ ପିପିଲି ଥାନା ଅଧିକାରୀ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲେ । ଏହାସହିତ ଜଣଙ୍କୁ ଅଟକ ରଖିବା ଶହ ଗୋଟେ ଜେସିବି ମେସିନ ଓ ଗାଡ଼ିକୁ ଜବତ କରିଛି ପୋଲିସ । ଅନ୍ୟପଟେ ଘଟଣାସ୍ଥଳରେ ଥାନା ଓ ମାଇନ୍ସ ବିଭାଗ ଅଧିକାରୀ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛି । ଏହାସହିତ ଚୋରା ବାଲି ଚାଲାଣ ଉପରେ କଡ଼ା ନଜର ରଖିଛି ପୋଲିସ ।

## ବାଣିଜ୍ୟ

## ନୂଆ ଆୟକର ନିୟମର ଡ୍ରାଫ୍ଟ ଜାରି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଶନିବାର ଦିନ ଆୟକର ବିଭାଗ 'ଆୟକର ନିୟମ,୨୦୨୬'ର ଏକ ନୂଆ ଡ୍ରାଫ୍ଟ ପ୍ରକାଶ କରିଛି । ଏହି ନୂଆ ନିୟମଗୁଡ଼ିକ ଆଗାମୀ ଆର୍ଥିକ ବର୍ଷ, ୧ ଏପ୍ରିଲ,୨୦୨୬ରୁ କାର୍ଯ୍ୟକାରୀ ହେବ । ସରକାର ଟିକସ ଦାଖଲ ପ୍ରକ୍ରିୟାକୁ ସରଳ କରିବା ଏବଂ ସାଧାରଣ କରଦାତାଙ୍କ ପାଇଁ ନିୟମଗୁଡ଼ିକୁ ସହଜ କରିବାକୁ ଲକ୍ଷ୍ୟରେ ଏହି ନୂଆ ନିୟମ ଲାଗୁ କରିବେ । ନୂଆ ପ୍ରସ୍ତାବିତ ଡ୍ରାଫ୍ଟ ନିୟମ ଏବଂ ଫର୍ମ ସଂଖ୍ୟାରେ ମଧ୍ୟ ହ୍ରାସ କରାଯାଇଛି । ଏପର୍ଯ୍ୟନ୍ତ ଲାଗୁଥିବା ଆୟକର ନିୟମ ୧୯୬୨ରେ ମୋଟ ୫୧୧ ନିୟମ ଏବଂ ୩୯୯ ଫର୍ମ ଥିଲା । ନୂଆ ଡ୍ରାଫ୍ଟରେ ଏହାକୁ ମାତ୍ର ୩୩୩ ନିୟମ ଏବଂ ୧୯୦ ଫର୍ମକୁ ହ୍ରାସ କରାଯାଇଛି । ଯେଉଁ ପ୍ରାବଧାନଗୁଡିକ ଆବଶ୍ୟକ ନଥିଲା ଆୟକର ବିଭାଗ ସେଗୁଡିକୁ ହଟାଇ ଦେଇଛି । ତା'ସହିତ ପ୍ରାୟ ଏକାପରି କାର୍ଯ୍ୟ କରୁଥିବା ଏକାଧିକ ନିୟମକୁ ଯୋଡି ଦିଆଯାଇଛି । ଏହା ଟିକସ ବ୍ୟବସ୍ଥାର ଜଟିଳତାକୁ ହ୍ରାସ କରିବ ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ୍ ଭାଷଣରେ କହିଥିଲେ ଯେ ଆୟକର ନିୟମ ଏବଂ ଫର୍ମଗୁଡ଼ିକୁ ସରଳ କରାଯିବ, ଯାହା ଦ୍ୱାରା ସାଧାରଣ ନାଗରିକମାନେ ବିନା ଅସୁବିଧାରେ ଏହାର ନିୟମ ପାଳନ କରିପାରିବେ । ନୂଆ ଡ୍ରାଫ୍ଟ ଫର୍ମଗୁଡ଼ିକୁ ପୁନଃ ଡିଜାଇନ୍ କରାଯାଇଛି । ବିଶେଷଜ୍ଞମାନଙ୍କ କହିବା କଥା ହେଲା ପ୍ରଶାସନିକ ଏବଂ ଆଇନଗତ ଜଟିଳତାକୁ ହ୍ରାସ କରିବା ପାଇଁ ଫର୍ମର ଭାଷାକୁ ଅଧିକ ବ୍ୟବହାର-ଅନୁକୂଳ କରାଯାଇଛି । ତା'ସହିତ ଥିବା ନିର୍ଦ୍ଦେଶାବଳୀକୁ ମଧ୍ୟ ସରଳ କରାଯାଇଛି ।

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ଏହି ଡ୍ରାଫ୍ଟକୁ ସାର୍ବଜନୀନ ଡୋମେନରେ ରଖିଛି । ଜନସାଧାରଣ ଏବଂ ଷ୍ଟେକହୋଲ୍ଡରମାନେ ଏହି ପ୍ରସ୍ତାବଗୁଡ଼ିକ ଉପରେ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ୨୨ଫେବୃଆରୀ,୨୦୨୬ ପର୍ଯ୍ୟନ୍ତ ସେମାନଙ୍କର ପରାମର୍ଶ ଦାଖଲ କରିପାରିବେ । ଜନସାଧାରଣଙ୍କ ମତାମତ ଲୋଡ଼ିବା ଦ୍ୱାରା ଆଇନ ଅଧିକ ପ୍ରଭାବଶାଳୀ ଏବଂ ସମାବେଶୀ ହେବ ବୋଲି ସରକାରଙ୍କ ବିଶ୍ୱାସ । ନିର୍ଦ୍ଧାରିତ ତାରିଖ ସୁଦ୍ଧା ଆୟକର ନିୟମ ଉପରେ ପରାମର୍ଶ ଆସିଲେ ସେହି ଆଧାରରେ ଚୂଡ଼ାନ୍ତ ନିୟମ ସୂଚିତ କରାଯିବ ବୋଲି ସରକାର କହିଛନ୍ତି ।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

**ପୁରୁଷୋତ୍ତମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଘଳା ପଞ୍ଚାୟତର କୁଶପୁର ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ରାଜନୈତିକ ହିଂସା ଦେଖାଯାଇଛି । ସଂଘବଦ୍ଧ ଭାବେ ବାଘଳା ସମିତିସଭ୍ୟଙ୍କ ଘରେ ପଶି ତାଙ୍କୁ ଘୋଷାଡି ଘୋଷାଡି ଆଣି ଗାଁଦାଣ୍ଡରେ ନିର୍ମମ ଭାବେ ଖଣ୍ଡାରେ ହଣାଯାଇ ଥିବାବେଳେ ଅନ୍ୟ ତିନିଜଣଙ୍କୁ ମଧ୍ୟ ଖଣ୍ଡା, କାତି, ପଞ୍ଝାରେ ଆକ୍ରମଣ କରି ଦୃର୍ବୃତ୍ତମାନେ ରକ୍ତାକ୍ତ କରିପକାଇଛନ୍ତି । ଆହାତମାନେ ହେଲେ ଏହି ପଞ୍ଚାୟତର ସମିତି ସଭ୍ୟ ପ୍ରକାଶ ନାହାକ ଅନ୍ୟ ୩ ଜଣ ହେଲେ ରୋହିତ ନାହାକ, ପ୍ରମୋଦ ନାହାକ ଓ କୃଷ୍ଣ ନାହାକ । ଏ ସମସ୍ତ ଆହାତଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି । ଖବରପାଇ ଥାନା ଅଧିକାରୀ ରାଜେଶକୁମାର ନାୟକ ଘଟଣାସ୍ଥଳକୁ ଯାଇ ପୋଲିସ ସୁରକ୍ଷାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିବା ବେଳେ ପାଞ୍ଚଜଣଙ୍କୁ ଧରିଆଣି ସେମାନଙ୍କୁ ଜେରା କରି ତଦନ୍ତ ଚଳାଇଛନ୍ତି । ଏହି ଘଟଣାରେ ଯେଉଁ ବ୍ୟକ୍ତି ସଂପୃକ୍ତ ରହିଥିବେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ପ୍ରକାଶ ନାୟକ ଭାଇ ଶେଷଦେବ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରାପ୍ତ ଘଟଣାରୁ ସୂଚନାଅନୁଯାୟୀ ଗ୍ରାମର ମୁକେଶ ବସ୍ତିଆଙ୍କର ବିବାହ ଭୋଜିର ଶୋଭାଯାତ୍ରା ଚାଲିଥିବା ବେଳେ ଏହାର ସୁଯୋଗ ନେଇ ବିରୋଧି ଗୋଷ୍ଠୀ ପକ୍ଷରୁ ପୂର୍ବ ରାଜନୈତିକ ଶତ୍ରୁତାରୁ ଆକ୍ରମଣ କରିବା ଲାଗି ଯୋଜନାବଦ୍ଧ ଭାବରେ ୧୭ରୁ ୧୮ ଯୁବକ ମାରଣାଅସ୍ତ୍ର ଖଣ୍ଡା, ଭୁଜାଲି, ଲୁହାରଡ ଧରି ଅପରପକ୍ଷର ରୋହିତ ନାହାକଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେ ଜୀବନ ରକ୍ଷା କରିବା ଲାଗି ଦୌଡି ଆସି ତାଙ୍କର ସମ୍ପର୍କୀୟଙ୍କୁ ଜଣାଇଥିଲେ । ସମ୍ପର୍କୀୟମାନେ ଯିବାରୁ ତାଙ୍କୁ ମଧ୍ୟ ଖଣ୍ଡାରେ ହାଣି ଆକ୍ରମଣ କରିବା ସହ ସମିତିସଭ୍ୟ ପ୍ରକାଶ ନାହାକଙ୍କ ଘରେ ପଶି ଘୋଷାଡି ଘୋଷାଡି ଗାଁ ଦାଣ୍ଡକୁ ଆଣି ତଳେ ପକାଇ ମାଡମାରି ଖଣ୍ଡାରେ ହାଣି ଆକ୍ରମଣ କରିଛନ୍ତି । ଏତେଲାକୁ ଭିତ୍ତିକରି ୮୪/୨୬ରେ ମାମଲା ରୁଜୁ କରିବାସହ ଘଟଣାସ୍ଥଳରେ ପହଞ୍ଚି ୫ଜଣକୁ ଆଣି ତଦନ୍ତ ଜାରି ରଖିଛନ୍ତି ।



## ସିନେମାଫିନେମା ଟିଭିଫିବି

## ତାରାଙ୍କ ଇମୋସନାଲ ରିଆକ୍ସନ ଭାଇରାଲ

ତାରା ସୁତାରିଆ ଏବଂ ବୀର ପହରିଆ ବହୁତ ଦିନ ଧରି ଡେଟ୍ କରୁଛନ୍ତି, କିନ୍ତୁ କିଛି ସମୟ ଧରି ସେମାନଙ୍କ ମଧ୍ୟରେ ବ୍ରେକଅପ୍ ହେବାର ଗୁଜବ ଶୁଣିବାକୁ ମିଳୁଛି । ବୀରଙ୍କ ଜନ୍ମଦିନ ପାର୍ଟିରେ ତାରା ନଜର ନଆସିବା ପରେ ସେମାନଙ୍କ ବ୍ରେକଅପ୍ ହେବାର ଆହୁରି ତୀବ୍ର ହୋଇଥିଲା । ଏହି ଜନ୍ମଦିନ ପାର୍ଟି ପରେ ଲୋକମାନେ ଅନୁମାନ କରିବା ଆରମ୍ଭ କରିଥିଲେ ଯେ ଉଭୟ ପ୍ରକୃତରେ ଅଲଗା ହୋଇଯାଇଛନ୍ତି । ଏକ କନସର୍ଟ ସମୟରେ ତାରା ସୁତାରିଆ ଏପି ଧିଲୋନଙ୍କୁ ଆଲିଙ୍ଗନ କରିବା ପରେ ସେମାନଙ୍କ ବ୍ରେକଅପ୍ ଖବର ପ୍ରକାଶ ପାଇଲା । କିନ୍ତୁ ଏବେ ତାରା ଏହି ଗୁଜବକୁ ନେଇ ଜବାବ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ତାରା ବୀରଙ୍କ ସହ ତାଙ୍କର ସମ୍ପର୍କ ପ୍ରକାଶ କରିଥିଲେ । କିନ୍ତୁ ଯେତେବେଳେ ସେ ଏପି ଧିଲୋଙ୍କ କନସର୍ଟରେ ତାଙ୍କୁ ଆଲିଙ୍ଗନ କରିଥିଲେ, ବୀରଙ୍କ ପ୍ରତିକ୍ରିୟା ଭାଇରାଲ ହୋଇଥିଲା । ଏହା ବ୍ୟତୀତ, ଏହି କନସର୍ଟ ପରେ ସେମାନଙ୍କ ବ୍ରେକଅପ୍ ହେବାର ଗୁଜବ ଆରମ୍ଭ ହୋଇଥିଲା । ତଥାପି, ସେତେବେଳେ ବୀର କିମ୍ବା ତାରା କେହି ଏହି ଗୁଜବ ଉପରେ ପ୍ରତିକ୍ରିୟା ଦେଇ ନଥିଲେ । ହେଲେ ତାରା ବ୍ରେକଅପ୍ ଉପରେ ତାଙ୍କର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଖୁବ୍ ଭାଇରାଲ ହେଉଛି ।

ଏକ ଇଣ୍ଟରଭ୍ୟୁରେ ତାରା ବ୍ରେକଅପ୍ ଗୁଜବ ବିଷୟରେ କହିଛନ୍ତି, 'ମୁଁ ସବୁବେଳେ ବିଶ୍ୱାସ କରେ ଯେ ସଫଳତା ଭିତରୁ ଆସେ... ମନର ଶାନ୍ତି, ଏମିତି କିଛି ଲୋକ ଯିଏ ଆପଣଙ୍କୁ ଭଲ ପାଉଥିବ, ନିଜକୁ ଜାଣିବା, ଏହା ମୋର ଲକ୍ଷ୍ୟ । ମୁଁ ମୋର ଶାନ୍ତିକୁ ରକ୍ଷା କରିବା ଶିଖିଛି । କେବଳ ଆମେ ଜାଣୁ ଯେ ଆମର ନର୍ଭ ସିଷ୍ଟମକୁ କିପରି ଶାନ୍ତ କରିବୁ ।' ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ ତାରା ଯଶଙ୍କ ଫିଲ୍ମ 'ଟକ୍ସିକ – ଏ ଫେରୀ ଟେଲ୍ ଫର୍ ଗ୍ରୋନ୍-ଅପ୍ସ'ରେ ଦେଖିବାକୁ ମିଳିବେ । ଏହି ଫିଲ୍ମଟି ୧୯ ମାର୍ଚ୍ଚ, ୨୦୨୬ ରେ ସିନେମା ହଲରେ ମୁକ୍ତିଲାଭ କରିବ ।




## ୧୨୧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି) ତରଫରୁ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ତେଲେନପାଲି ସରପଞ୍ଚ ଆକାଶ ସାହୁ ଏହାକୁ ଉଦଘାଟନ କରିଥିଲେ । ଏହି ଶିବିରରେ ଇବ୍ ଥର୍ମାଲ ଚିକିତ୍ସାଳୟର ଚିକିତ୍ସାଧୀକାରୀ ଡା.ମାନସ ପାଣିଗ୍ରାହୀ, ଡା. ଅଙ୍କିତ କୁମାର ଆଚାର୍ଯ୍ୟ, ଶିଶୁରୋଗ ବିଶେଷଜ୍ଞ ଡା.ବୈକୁଣ୍ଠନାଥ କଶ୍ୟପଙ୍କ ସମେତ ସମ୍ବଲପୁରରୁ ଆମନ୍ତ୍ରିତ ଭେଷଜ ବିଶେଷଜ୍ଞ ଡା.ବଳରାମ ଖମାରୀ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତେଲେନପାଲି, ଛଡ଼ାରମା, ବନହରପାଲି, ଧୋବାଡ଼ରା, ହାଉସପଡା, ବିନିକା, ସାପାଲି ଏବଂ ଫଲସାମୁଣ୍ଡା ଆଦି ଗ୍ରାମର ୧୨୧ ରୋଗୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଓପିଜିସିର ସିଏସଆର୍ ବିଭାଗ ଏବଂ ଇବ୍ ଥର୍ମାଲ ଚିକିତ୍ସାଳୟର ମିଳିତ ଉଦ୍ୟମରେ ଇବ୍ ଥର୍ମାଲ ଚିକିତ୍ସାଳୟର ସୁଜାତା ନାୟକ, ସଂଯୁକ୍ତା ମହାନନ୍ଦ, ସନ୍ଧ୍ୟାରାଣୀ କିଷାନ, ପ୍ରଭାତ ବାରିକ, ପ୍ରଭାତ ବିଶ୍ୱାଳ, ଅଭିମନ୍ୟୁ ଭୋଇ, ଦୁବରାଜ କିଷାନ, ପ୍ରଫୁଲ୍ଲ ପ୍ରଧାନ ଏବଂ କର୍ଣ୍ଣ ବାଗ୍ ପ୍ରମୁଖ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ଏବେବି ମୋବାଇଲ୍ ନେଟୱ୍ୱାର୍କ ଅପହଞ୍ଚ

:୮।୨ ଏକ୍ସପ୍ରେସ୍ ନ୍ୟୁଜ୍

କୋରାପୁଟ ସଂସଦୀୟ କ୍ଷେତ୍ରର କୋରାପୁଟ ଏବଂ ରାୟଗଡା ଜିଲ୍ଲାର ୨୩୮ ଗାଁରେ ମୋବାଇଲ୍ ନେଟୱ୍ୱାର୍କ ମିଳୁନି। ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ପ୍ରଶ୍ନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ଉପରୋକ୍ତ ସୂଚ଼ନା ଦିଆଯାଇଛି। ଏହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡିଜିଟାଲ୍ ଅସମତାର ଭୟାବହ ଏବଂ ବାସ୍ତବ ଚ଼ିତ୍ର ବୋଲି କହିଛନ୍ତି ସାଂସଦ ଶ୍ରୀ ଉଲ୍ଲାକା।

ଉଲ୍ଲାକାଙ୍କ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର ଯୋଗାଯୋଗ ମନ୍ତ୍ରାଳୟ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି, ୩୧ ଡିସେମ୍ବର ୨୦୨୫ ସୁଦ୍ଧା କୋରାପୁଟ ଓ ରାୟଗଡା ଜିଲ୍ଲାର ସମୁଦାୟ ୨୩୮ ଗାଁରେ ଏ ପର୍ଯ୍ୟନ୍ତ ମୋବାଇଲ ନେଟୱ୍ୱାର୍କ ସଂଯୋଗ ନାହିଁ। ଯଦ୍ୱାରା ଏହି ଗାଁ ଗୁଡିକ ୪ଜି ଡାଟା ସେବା ସହ ମୌଳିକ ଟେଲି ଯୋଗାଯୋଗରୁ ବଞ୍ଚିତ ରହିଛି। ସରକାରୀ ତଥ୍ୟ ଅନୁଯାୟୀ, କୋରାପୁଟ ଜିଲ୍ଲାର ସମୁଦାୟ ୨,୦୪୭ ଗାଁ ଭିତରୁ ୮୯ରେ ଏବଂ ରାୟଗଡାର ୨,୬୭୧ ଗାଁ ମଧ୍ୟରୁ ୧୪୯ରେ ମୋବାଇଲ୍ ନେଟୱ୍ୱାର୍କ ଉପଲବ୍ଧ ନାହିଁ। ଏହି ସେବାରୁ ବଞ୍ଚିତ ଗାଁ ଗୁଡିକ ପ୍ରୟତଃ ଆଦିବାସୀ, ପାହାଡିଆ ଏବଂ ଜଙ୍ଗଲ ଘେରା ଅଞ୍ଚଳର। କୋରାପୁଟ ଜିଲ୍ଲାର ବନ୍ଧୁଗାଁ, ଦଶମନ୍ତପୁର, ଲମତାପୁଟ, ନାରାୟଣପାଟଣା,




ପଟାଙ୍ଗୀ ଏବଂ ନନ୍ଦପୁର ବ୍ଲକ୍ ଏବଂ ରାୟଗଡାର ବିଷମକଟକ, କାଶୀପୁର, କଲ୍ୟାଣସିଂପୁର, ମୁନିଗୁଡା, ଗୁଣପୁର ଓ ରାୟଗଡା ବ୍ଲକ୍‌ରେ ଏଭଳି ଗାଁ ସଂଖ୍ୟା ଅଧିକ। ଏହି ଅଞ୍ଚଳ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ବଜାର ସୁଯୋଗ ଓ ପ୍ରଶାସନିକ ସେବା ଅପହଞ୍ଚ ହୋଇରହିଛି।

ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡିବିଏନ୍ ଯୋଜନା ଅଧୀନରେ ଶହ ଶହ ମୋବାଇଲ୍ ଟାୱ୍ୱାର ସ୍ଥାପନା ପାଇଁ ପରିକଳ୍ପନା କରାଯାଇଥିଲା। ଗମନାଗମନର ଅଭାବ, ଜମି ଆବଣ୍ଟନ, ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ପର୍କିତ ମଞ୍ଜୁରୀ ଏବଂ ରାସ୍ତାର ଅଧିକାର ସମ୍ବନ୍ଧୀୟ ଅନୁମତି ମିଳିବାରେ ବିଳମ୍ବ ଯୋଗୁ ଏହି ଯୋଜନା ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯୋଗାଯୋଗକୁ ସୁଦୃଢ କରିବା ପରିବର୍ତ୍ତେ ଅନେକ ଗ୍ରାମକୁ ଡିଜିଟାଲ୍ ସେବାରୁ ବଞ୍ଚିତ ରଖାଯାଇଛି। ଆଦିବାସୀ ଅଧ୍ୟୁଷିତ ଓ ଦୂରଦୂରାନ୍ତ ଅଞ୍ଚଳ ଗୁଡିକ ଡିଜିଟାଲ୍ ଭିତ୍ତିଭୂମିରୁ ବାଦ ପଡିଯିବାର ଗମ୍ଭୀର ଆଶଙ୍କା ରହିଥିବା ଶ୍ରୀ ଉଲ୍ଲାକା କହିଛନ୍ତି।

## ଆଜିର ରାଶିଫଳ

| ତାରିଖ | ସୋମବାର– ଅଷ୍ଟମୀ |
|---|---|
| ୯.୨.୨୦୨୬ | ନକ୍ଷତ୍ର– ବିଶାଖା, ତୁଳାଚନ୍ଦ୍ର |



| | |
|---|---|
| ମେଷ | : ବିଭିନ୍ନ ସ୍ଥାନର ଧନ ଲାଭ ହୋଇପାରେ। |
| ବୃଷ | : ଆୟ ଭଲ ରହିବ। |
| ମିଥୁନ | : କ୍ଳେଶ ବୃଦ୍ଧି ହେବ। |
| କର୍କଟ | : ସ୍ୱାସ୍ଥ୍ୟ କଷ୍ଟ ହୋଇପାରେ। |
| ସିଂହ | : ଆୟ ବୃଦ୍ଧି ଘଟିବ। |
| କନ୍ୟା | : ସ୍ୱାସ୍ଥ୍ୟହାନୀ ହୋଇପାରେ। |
| ତୁଳା | : ନୂତନ ଆୟ ହେବ। |
| ବିଛା | : ବ୍ୟୟବୃଦ୍ଧି ଘଟିପାରେ। |
| ଧନୁ | : ବିଭିନ୍ନ ସ୍ଥାନକୁ ଯାତ୍ରା ଶୁଭ ରହିବ। |
| ମକର | : ବିଭିନ୍ନ ସ୍ଥାନରେ ସମ୍ମାନିତ ହେବେ। |
| କୁମ୍ଭ | : ଦିନଟି ଶୁଭରେ କଟିବ। |
| ମୀନ | : ଆଘାତପ୍ରାପ୍ତି ଘଟିପାରେ। |

# ଲୁହା ଛଡ ବ୍ୟବସାୟରେ ଠକେଇ

କୋରାପୁଟ,୮।୨ ଏକ୍ସପ୍ରେସ୍ ନ୍ୟୁଜ୍

ଲୁହା ଛଡ ବ୍ୟବସାୟରେ ବଡ ଧରଣର ଠକେଇ। ଠକାମୀର ଶିକାର ହେଉଛନ୍ତି ଓଡିଶା ବ୍ୟବସାୟୀ। ପଶ୍ଚିମବଙ୍ଗରୁ ଲମ୍ବିଛି ଠକେଇର ଚେର। ଏଭଳି ଠକେଇ ମାମଲା ସାମ୍ନାକୁ ଆସିଛି କୋରାପୁଟ ଜୟପୁରରୁ। ଜୟପୁର ଆମ୍ବାଗୁଡା ନିକଟରେ ଏମିତି ଏକ ଲୁହା ଛଡ ବୋଝେଇ ଟ୍ରକ୍ ଧରାପଡିଛି, ଯେଉଁଥିରେ ଲୁହା ଛଡ ବ୍ୟତୀତ ଟ୍ରକ୍ ଭିତରେ ରଖାଯାଇଥିଲା ବାଲି ଏବଂ କଂକ୍ରିଟ୍।

ଗୋଟିଏ ଗୋଟିଏ ପ୍ୟାକଟର ଓଜନ ୨୦ କେଜି ଲେଖାଏଁ ରହିଛି। ଗୋଟିଏ ଟ୍ରଲରରୁ ପ୍ରାୟ ୨୦୦ ପ୍ୟାକେଟ୍ ବାଲି ଏବଂ କଂକ୍ରିଟ ମିଳିଛି। ସ୍ଥାନୀୟ ବ୍ୟବସାୟୀ ଟ୍ରଲରକୁ ଅଟକାଇ ପୋଲିସକୁ ଖବର ଦେଇଛନ୍ତି। ସୂଚ଼ନା ଅନୁଯାୟୀ କାରଖାନାରୁ ବାହାରିବା ବେଳେ ଟ୍ରକ୍ ଲୁହା ଛଡ ସହିତ ଓଜନ ହୋଇଥାଏ। କମ୍ପାନୀ କାଗଜପତ୍ର ଅନୁଯାୟୀ ଓଡିଶାରେ ବ୍ୟବସାୟୀମାନେ ଏହାକୁ ଗ୍ରହଣ କରିଥାନ୍ତି। ମାତ୍ର ରାସ୍ତାରେ ଆସିବା ବେଳେ ଟ୍ରଲର ଡ୍ରାଇଭର ଏଭଳି ଠକେଇ କରୁଥିବା ସନ୍ଦେହ କରାଯାଉଛି।

# ବୃଦ୍ଧାଙ୍କୁ ବିଭସ୍ ହତ୍ୟା, ପାଣିରୁ ମିଳିଲା ମୃତଦେହ

ବେତନଟୀ,୮।୨
ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀ ଉପକଣ୍ଠ ସଠିଲୋ ପଞ୍ଚାୟତ ଅଧୀନ ପୁରୁଣାପାଣିଠାରେ ଥିବା ଏକ ପୋଖରୀରୁ ବିଭସ୍ ଭାବରେ ହତ୍ୟାକରି ଅଖାଭିତରେ ପୁରାଇ ଫିଙ୍ଗିଦେଇଥିବା ଜନୈକା ଅପରିଚ଼ିତା ବୃଦ୍ଧାଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କଲା ବେତନଟୀ ପୋଲିସ। ସୂଚ଼ନା ମୁତାବକ ପୋଖରୀ ଭିତରେ ଏକ ଅଖା ଭାସୁଥିବାର ଦେଖି କିଛି ଲୋକେ ଉତ୍ସୁକତାର ସହିତ ଅଖା ଖୋଲିବାପରେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ପାଣିରୁ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଏକ ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି।

ବୃଦ୍ଧାଙ୍କ ବେକ ଏବଂ ଛାତିକୁ ଧାରୁଆ ଅସ୍ତ୍ରରେ ଅତ୍ୟନ୍ତ ବିଭସ୍ ଭାବରେ ହତ୍ୟା କରାଯାଇ ଥିବାର ଦେଖିବାକୁ ମିଳିଛି। ହତ୍ୟାକାଣ୍ଡ ଲୁଚ଼ାଇବାକୁ ଅଖାଭିତରେ ପୁରାଇ ଜଳାଶୟ ଭିତରେ ଫିଙ୍ଗିଦେଇ ହତ୍ୟାକାରୀ ଚ଼ମ୍ପଟ ମାରିଛନ୍ତି। ତେବେ ବୃଦ୍ଧାଙ୍କର ପରିଚ଼ୟ ମିଳିପାରିନଥିବା ବେଳେ ସେ ଆଖପାଖ ଗ୍ରାମର ହୋଇନଥିବା ପୋଲିସ ଅନୁମାନ କରୁଛି। ଅନ୍ୟତ୍ର ହତ୍ୟା କରିବା ପରେ ଅଖା ଭିତରେ ମୃତଦେହକୁ ପୁରାଇ ଆଣି ପୋଖରୀରେ ଫିଙ୍ଗିଦେଇଥିବା ନେଇ ଅନୁମାନ କରାଯାଉଛି। ଏହି ହତ୍ୟାକାଣ୍ଡରେ ଏକାଧିକ ସନ୍ଦିଗ୍ଧ ଜଡିତ ଥିବାର ଅନୁମାନ କରାଯାଉଥିବା ବେଳେ ବେତନଟୀ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

# ନିଆଳୀରେ ଆହାର କେନ୍ଦ୍ର କେବେ ?

ନିଆଳି :୮।୨ ଏକ୍ସପ୍ରେସ୍ ନ୍ୟୁଜ୍

ନିଆଳି ୪ଟି ଜିଲ୍ଲାର ଅଧିକାଂଶ ଲୋକଙ୍କ ମୁଖ୍ୟ ବଜାର ପାଲଟିଛି। ଏହି ବଜାରରେ ଦୈନ ଦିନ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥାନ୍ତି। ନିଆଳି ବଜାରକୁ ଗୁରୁବାର ରବିବାର ଦିନ ହାଟ ଥିବାରୁ ଦିନ ତମାମ ହଜାର ହଜାର ଚ଼ାଷୀ ଏହି ବଜାର ଉପରେ ନିର୍ଭର ଶୀଳ ହୋଇ ରହିଥାନ୍ତି। ନିଆଳି ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତର ଲୋକମାନେ ଦୈନ ଦିନ ନିଜ ନିଜ ସମସ୍ୟା ନେଇ ନିଆଳି ଥାନା, ନିଆଳି ବ୍ଲକ ଓ ତହସିଲକୁ ଆସିଥାନ୍ତି। ଏଥିସହିତ କଣ୍ଟାପଡା ବ୍ଲକ, ପୁରୀ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ନିଆଳି ଅଞ୍ଚଳର ସୀମାକୁ ଲାଗିଥିବାରୁ ନିଆଳିରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥାନ୍ତି। ନିଆଳିରେ ଥିବା ପ୍ରାଣୀ ଚ଼ିକିତ୍ସାଳୟ, ବିଏସନାଲ ଅଫିସ, ଅଗ୍ନୀ ସେବା ଅଫିସ, ଉଦ୍ୟାନ ବିଭାଗ, କୃଷି ବିଭାଗ, ସବ ରେଜିଷ୍ଟର ଅଫିସ, ୧୦ରୁ ଉର୍ଦ୍ଧ୍ୱ ଘରୋଇ ଓ ରାଷ୍ଟ୍ରୟତା ବ୍ୟାଙ୍କ, ତହସିଲ, ଜଳ ପରିମଳ ବିଭାଗ, ଲିଫ୍ଟ ଇରିଗେସନ ବିଭାଗ, ପୋଷ୍ଟ ଅଫିସ, ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର, ଜଳ ସେଚ଼ନ ବିଭାଗ, ଘରୋଇ ସ୍କୁଲ, ଟ୍ରେଜେରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ସହ ତିନି ଗୋଟି କଲେଜ, ଏସବୁ କାର୍ଯ୍ୟାଳୟକୁ ଦୈନ ଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ପର୍ଯ୍ୟଟନସ୍ଥଳୀ ଭାବେ ନିଆଳିର ମାଧବ ଓ ଶୋଭାନେଶ୍ୱର ଭଳି



ପର୍ଯ୍ୟଟନସ୍ଥଳୀରେ ବହୁ ମାତ୍ରାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥାଏ। ସବୁ ଠାରୁ ବଡ଼ ସମସ୍ୟା ହେଲା ନିଆଳୀରେ କୋର୍ଟ ଥିବାରୁ ଗରିବ ଶ୍ରେଣୀର ଲୋକମାନେ ଦୈନ ଦିନ କୋର୍ଟକୁ ଆସିଥାନ୍ତି। ବିଭିନ୍ନ କାର୍ଯ୍ୟାଳୟ ଓ କୋର୍ଟରେ ଦିନ ତମାମ ସମୟ ବିତି ଯାଉଛି। ଯାହାଫଳରେ କେତେକ ଗରିବ ଶ୍ରେଣୀର ଲୋକମାନେ ଦିପ୍ରହରେ ଖାଇବା ପାଇଁ ଅତିକମରେ ମିଲ୍ ପିଛା ୧୦୦ ଟଙ୍କା ଥିବାରୁ କେତେକ ଚ଼ାହା ବିସ୍କୁଟ ଖାଇ କି ଯାଉଥିବା ବେଳେ କେତେକ ଖାଲି ପେଟରେ ସେମାନେ ଉପବାସରେ ଫେରିବାକୁ ବାଧ୍ୟ ହେଉଛନ୍ତି। ନିଆଳି ବଜାରରେ ଏତେ ସଂଖ୍ୟାର ଲୋକ ଆସୁଥିବା ବେଳେ ସେଥିମଧ୍ୟରୁ ଅଧିକାଂଶ ଚ଼ାଷୀ ଓ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ନିଆଳିରେ ଏକ ଆହାର କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ନିଆଳି ବିଧାୟକ ଛବି ମଳିକ ଦୃଷ୍ଟି ଦେଲେ ଖୁବଶୀଘ୍ର ଆହାର କେନ୍ଦ୍ରଟି ଖୋଲିବ ବୋଲି ନିଆଳିବାସୀଙ୍କ ଆଶା।

# ହୋମଗାର୍ଡଙ୍କୁ ନିସ୍ତୁକ ମାଡ଼

ବଡ଼ଚ଼ଣା,୮।୨
ଏକ୍ସପ୍ରେସ୍ ନ୍ୟୁଜ୍

ମହିଳାଙ୍କୁ ଅସଦାଚ଼ରଣ ଅଭିଯୋଗ ପରେ ନିନ୍ଦୁମ ଛେଚ଼ିଲେ। ବଡ଼ଚ଼ଣା ଥାନା ତଥା ଧାନମଣ୍ଡଳ ଫାଣ୍ଡି ଅଧୀନ ହୋଲି ଜେସସ୍ ସ୍କୁଲ ପଛ ପଟେ ଥିବା ବସ୍ତି ମହିଳାମାନେ ଫାଣ୍ଡିରେ କାର୍ଯ୍ୟରତ ହୋମଗାର୍ଡଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ହୋମଗାର୍ଡ ଆଲୋକ ପଣ୍ଡା ଧାନମଣ୍ଡଳ ଫାଣ୍ଡିରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

ରବିବାର ଭୋରରୁ ହୋମଗାର୍ଡ ଜଣକ ବସ୍ତିର ପହଞ୍ଚିବା ପରେ ମହିଳାଙ୍କୁ ଅସଦାଚ଼ରଣ କରିଥିଲେ। ପରେ ବସ୍ତିର ମହିଳାମାନେ ଏକତ୍ରିତ ହୋଇ ଆଲୋକଙ୍କୁ କାବୁ କରିବା ସହ ମାଡ଼ ମାରିଥିଲେ। ହୋମଗାର୍ଡଙ୍କୁ ମହିଳାମାନେ ମାଡ଼ ମାରୁଥିବା ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପ୍ରକୃତ ଘଟଣା ସମ୍ପର୍କରେ ଜଣାପଡ଼ିନଥିବା ବେଳେ ଫାଣ୍ଡି ଅଧିକାରୀ ଚ଼ିତ୍ତରଞ୍ଜନ ମହାନ୍ତି କରିଛନ୍ତି, ଏହି ଘଟଣା ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଘଟଣା ସମ୍ପର୍କରେ ଖବର ପାଇ ଆମେ ଜିଲ୍ଲା ପୋଲିସ ମୁଖ୍ୟାଳୟଙ୍କୁ ଅବଗତ କରିଛୁ।

# ମେଳା ପୂର୍ବରୁ ରାସ୍ତା କାମ ସରିବ ତ ?



ବୈଶିଙ୍ଗା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍

ଉତ୍ତର ଓଡିଶାର ସର୍ବବୃହତ ଦୋଳମେଳା ପାଇଁ ପିଙ୍ଗାବଣିଆ ପ୍ରସିଦ୍ଧ। ଏହି ମେଳାକୁ ଆଉ ମାସେ ରହିଲା, ଦୀର୍ଘ ଦିନରୁ ରାସ୍ତା କାମ ଧିମେଇ ଧିମେଇ ଚ଼ାଲିବା ଯୋଗୁ ଗତ ମେଳାରେ ଧୂଳି ଧୂସରହୋଇ ଲକ୍ଷ ଲକ୍ଷ ମେଳାକୁ ଆସିଥିଲେ। ଚ଼ଳିତ ବର୍ଷ ମେଳା ପୂର୍ବରୁ ରାସ୍ତା କାମ ସରିବ କି ନାହିଁ ଏ ନେଇ ଚ଼ିନ୍ତାରେ ଅଞ୍ଚଳବାସୀ। ମେଳାଟି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଗୋଟିଏ ପଡିଆରେ ଅନୁଷ୍ଠିତ ହେଉଥିବାରୁ ମେଳାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି ଓ ଏଥିରେ ମୟୁରଭଞ୍ଜର ଭାଗ ଶତକଡା ୨୫ଭାଗ ରହିଛି। ଓଡିଶାର ବିଭିନ୍ନ ଜିଲ୍ଲା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅଞ୍ଚଳରୁ ଲୋକମାନେ ମେଳା ଦେଖିବା ପାଇଁ ଆସୁଥିବାରୁ ମେଳାରେ ପ୍ରବଳ ଭିଡ ଲାଗି ରହେ। ବାଲେଶ୍ୱର ଜିଲ୍ଲାର ରୂପସା ଷ୍ଟେସନରୁ ମେଳାକୁ ପିଚୁରାସ୍ତା ରହିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ପଟୁ ମାଟିରାସ୍ତା ହିଁ ଏକମାତ୍ର ଭରସା ଥିଲା। ଗତବର୍ଷ ଦୋଳମେଳା ପୂର୍ବରୁ ମେଳା ପଡିଆ ପର୍ଯ୍ୟନ୍ତ ପିଚୁରାସ୍ତା ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ଲୋକମାନେ ଆଶା କରିଥିଲେ ମାଟିରାସ୍ତା ବଦଳରେ ପିଚୁରାସ୍ତାରେ ମେଳା ଯିବା ହେବ, ହେଲେ ଠିକାଦାର କାମ ବିଳମ୍ବ କରିବାରୁ ତାହା ସମ୍ଭବ ହୋଇ ପାରିନଥିଲା। ଚ଼ଳିତ ବର୍ଷ କିନ୍ତୁ ଦୋଳମେଳା ପୂର୍ବରୁ ମେଳା ପଡିଆକୁ ପିଚୁ ସଂଯୋଗ କାମ ସଂପୂର୍ଣ୍ଣ ହେବ ବୋଲି ଅଞ୍ଚଳବାସୀ ଭରସା ରଖିଛନ୍ତି। ବର୍ତ୍ତମାନ ୯୦ ପ୍ରତିଶତ କାମ ଶେଷ ହୋଇଥିବାବେଳେ ଚ଼ଳିତ ସପ୍ତାହରେ ରାସ୍ତା ସଂପୂର୍ଣ୍ଣ ହୋଇଯିବାର ଆକଳନ କରାଯାଉଛି। ପିଚୁରାସ୍ତା ହେବା କାରଣରୁ ଆଉ ଆଗଭଳି ଧୂଳିମଳି ଓ ଟ୍ରାଫିକ ସମସ୍ୟା ଦେଖାଯିବନାହିଁ ବୋଲି ଅଞ୍ଚଳବାସୀ କହୁଛନ୍ତି। ମେଳାର ଏକମାସ ପୂର୍ବରୁ ପିଚୁରାସ୍ତା କାମ ସରିଯାଉଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି।

# ମଣ୍ଡି ବଢାଇଛି ଚ଼ାଷୀଙ୍କ ଚ଼ିନ୍ତା

ଚ଼ଣ୍ଡିଖୋଲ,୮।୨
ଏକ୍ସପ୍ରେସ୍ ନ୍ୟୁଜ୍

ଧାନ ମଣ୍ଡି ବଢାଇଛି ଚ଼ାଷୀଙ୍କ ଚ଼ିନ୍ତା। ଟୋକନ ଆସିଛି ହେଲେ ଧାନ ପରିମାଣ କମ ଆସିଛି। ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାଜପୁର ଜିଲ୍ଲା ବଡ଼ଚ଼ଣା ବ୍ଲକ ସମିଆଁ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ପଞ୍ଜିକୃତ ଚ଼ାଷୀମାନେ।

ଖବର ଅନୁଯାୟୀ, ସମବାୟ ସମିତିରେ ପଞ୍ଜିକୃତ ହୋଇଥିବା ଚ଼ାଷୀଙ୍କୁ ମଣ୍ଡିରେ ଧାନ ଦେବା ପାଇଁ ଟୋକନ ଆସିଛି। ହେଲେ ଚ଼ାଷୀଙ୍କ ଜମିର ପରିମାଣ ଅନୁସାରେ ଟୋକନ ଆସିନି ଯାହାକୁ ନେଇ ଚ଼ିନ୍ତାରେ ଚ଼ାଷୀ କୂଳ। ଅନେକ ଚ଼ାଷୀଙ୍କୁ ଠିକ୍ ସମୟରେ ଟୋକନ ଆସିନଥିବାରୁ ବିକ୍ରି କରିପାରୁନାହାନ୍ତି। ଯାହାକୁ ନେଇ ଚ଼ାଷୀମାନେ ପ୍ରତିବାଦ କରିଛନ୍ତି। ଧାର ଉଦ୍ଧାର କରି ଚ଼ାଷୀମାନେ ଫସଲ କରିଥିବା ବେଳେ ଧାନ ବିକ୍ରି ହୋଇ ପାରୁନଥିବାରୁ ଋଣ କିପରି ସୁଝିବେ। ସେଥିପାଇଁ ଚ଼ିନ୍ତାରେ ଚ଼ାଷୀ। ବହୁ ଚ଼ାଷୀମାନଙ୍କ ଏଭଳି ସମସ୍ୟା ହୋଇଥିବାରୁ ସରକାର ଏହା ଉପରେ ପଦକ୍ଷେପ ନେବା ପାଇଁ ଚ଼ାଷୀମାନେ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ଚ଼ାଷୀ।

# ଦୁର୍ଗମ ଅଞ୍ଚଳରେ ନୂଆ ସମ୍ଭାବନା: ପାହାଡ଼ ତଳକୁ ଆସିବେ ୮ ପରିବାର

ଲାଞ୍ଜିଗଡ଼,୮।୨ ଏକ୍ସପ୍ରେସ୍ ନ୍ୟୁଜ୍

କଳାହାଣ୍ଡିଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ତ୍ରିଲୋଚ଼ନପୁର ପଞ୍ଚାୟତର ଦୁର୍ଗମ କୁନ୍ନାକାଡୁ ଗାଁକୁ ଶନିବାର ଜିଲ୍ଲାପାଳ ସଚ଼ିନ ପାୱ୍ୱାର ପ୍ରକାଶ ଗସ୍ତ କରିଥିଲେ। ଗାଁ ଲୋକଙ୍କ ପାଇଁ ପାହାଡ ତଳେ ନିର୍ମାଣାଧୀନ ୮ଟି ଘରର ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲ୍ଲାପାଳ ପାଦଚ଼ଲା ରାସ୍ତା ଦେଇ ୧୨ ଶହ ଫୁଟ ପାହାଡ ଉପରେ ଥିବା ଏହି ଗାଁକୁ ପହଞ୍ଚିଥିଲେ। ତେବେ ଘର ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେମାନେ ବସବାସ କରୁଥିବା ଗାଁରେ ପାନୀୟ ଜଳ, ଚ଼ାଷ ପାଇଁ ନିୟମଗିରି ଝରଣାରୁ ଚେକ୍ ଡ୍ୟାମ୍ ଜରିଆରେ ଜଳଯୋଗାଣ, ଗାଁରୁ ନୂତନ ଘର ପର୍ଯ୍ୟନ୍ତ ରାସ୍ତା, ପରିବାର ପ୍ରତିପୋଷଣ ଆଦି ସଂପର୍କରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ଆଲୋଚ଼ନା କରିଥିଲେ।

ଏହାଛଡା ଜିଲ୍ଲାପାଳ ତ୍ରିଲୋଚ଼ନପୁର, ଫୁଲଡୁମେର ଗାଁକୁ ପରିଦର୍ଶନରେ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସେଠାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆଦିବାସୀଙ୍କ ୧୨ଟି ଘର ନିର୍ମାଣ କାର୍ଯ୍ୟର ବି ଯାଞ୍ଚ କରିଥିଲେ। ଜିଲ୍ଲାପାଳଙ୍କ ସହିତ ଆଇଏଏସ୍ ପ୍ରୋବେସନର ଅନିମେଶ ପ୍ରଧାନ, ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ଜିଲ୍ଲା ଗ୍ରାମ୍ୟ ଗୃହନିର୍ମାଣ ପ୍ରକଳ୍ପ ପରିଚ଼ାଳକ ଅମୂଲ୍ୟ ରାଉଳ, କନିଷ୍ଠଯନ୍ତ୍ରୀ କାହ୍ନୁ ଟୁଡୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚ଼ନାଯୋଗ୍ୟ, ନିୟମଗିରି ପାହାଡ଼ ଉପରେ ଥିବା କୁନ୍ନାକାଡୁ ଗାଁରେ ୮ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଗାଁକୁ ରାସ୍ତା ନାହିଁ। ନଳକୂଅ



ପାଣି, ବିଜୁଳି ଏବେ ବି ଅପହଞ୍ଚ। ପାହାଡ଼ି ଝରଣାରୁ ପିଇବା ପାଣି ଆଣିବାକୁ ୯ ଶହ ଫୁଟ ତଳକୁ ଓହ୍ଲାଇବାକୁ ପଡ଼େ। କାହାର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଲେ ଡାକ୍ତରଖାନା ନେବାକୁ ମଧ୍ୟ ସୁବିଧା ନାହିଁ। କିଛିବର୍ଷ ତଳେ ବ୍ଲକ୍ ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରୟାସ କରାଯାଇଥିଲା। ପାହାଡ଼ରୁ ତଳକୁ ଆସିଲେ ସେମାନଙ୍କ ପାଇଁ ସବୁ ସୁବିଧା କରି ଦିଆଯିବ ବୋଲି ଲୋକଙ୍କୁ ବୁଝାଇଥିଲା ପ୍ରଶାସନ। ହେଲେ ଗାଁ ମାଟି, ଧରଣୀକୁ ଛାଡ଼ିକି ଯିବେନି।

ସେମାନେ ସେଠାରୁ ଚ଼ାଲିଗଲେ ଧର୍ନୀ ଦେବତା କୋପ କରିବ ବୋଲି କହି ଆସି ନ ଥିଲେ। ୨୦୨୪ ମସିହାରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ତ୍ରିଲୋଚ଼ନପୁର ପଞ୍ଚାୟତ କୁନ୍ନାକାଡୁ ଗାଁକୁ ଗସ୍ତ କରି ଗାଁର ୮ ପରିବାରଙ୍କୁ ପାହାଡ଼ ଉପରୁ ତଳକୁ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁଙ୍କ ସହ ଯାଇ ବହୁ ବୁଝାଇବା ପରେ ଗ୍ରାମବାସୀ ଶେଷରେ ତଳକୁ ଆସିବାକୁ ରାଜି ହୋଇଥିଲେ। ୨୦୨୪ ଡିସେମ୍ବର ୪ ତାରିଖରେ କୁନ୍ନାକାଡୁ ଗାଁର ୮ଟି ପରିବାରଙ୍କୁ ଗାଁରୁ ୧୨ ଶହ ଫୁଟ ତଳେ ଜାଗା ଚ଼ିହ୍ନଟ କରି ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଥିଲା।

# ବାଇକ ଦୁର୍ଘଟଣାରେ ଜଣେ ମୃତ

କନ୍ଧମାଳ,୮।୨ ଏକ୍ସପ୍ରେସ୍ ନ୍ୟୁଜ୍

ସୋରଡ଼ା ଦାରିଙ୍ଗବାଡ଼ି ଜାତୀୟ ରାଜପଥ ପିପଲପଙ୍କା ନିକଟରେ ବାଇକ ଦୁର୍ଘଟଣା। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ସୋରଡ଼ା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣକ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିକଟ ମାହାସିଙ୍ଗି ଗ୍ରାମର ୪୫ ବର୍ଷୀୟ ମଦନ ସାହୁ। ଗୁରୁତର ବ୍ୟକ୍ତି ସେହି ଗ୍ରାମର ୩୫ ବର୍ଷୀୟ ସରୋଜ କୁମାର ପାତ୍ର। ଉଭୟେ ବାଇକରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଯାଇଥିଲେ। ଅପରାହ୍ନରେ ସୋରଡ଼ା ଦେଇ ଫେରୁଥିଲେ। ଗୁରୁତର ମଦନଙ୍କ କହିବାନୁଯାୟୀ, ପିପଲପଙ୍କା ନିକଟରେ ବାଇକଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପିଟି ହୋଇଯାଇଥିଲା। ଫଳରେ ମଦନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଉଭୟଙ୍କୁ ଉଦ୍ଧାରକାରୀ ଟିମ୍ ଉଦ୍ଧାର କରି ସୋରଡ଼ା ଡାକ୍ତର ଖାନାରେ ପହଞ୍ଚାଇଥିଲେ। ଡାକ୍ତର ମଦନଙ୍କୁ ମୃତ ଘୋଷଣା କରିଥିଲେ। ଆହତ ସରୋଜଙ୍କ ଦୁଇ ଗୋଡ଼ରେ ଆଘାତ ଲାଗିଛି।

# ସ୍କୁଲରେ ବ୍ୟାପକ ଦୁର୍ନୀତି

ଢେଙ୍କାନାଳ,୮।୨
ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ସରକାରୀ ଜନତା ଉ. ପ୍ରା ବିଦ୍ୟାଳୟ କାଳୀକାପ୍ରସାଦର ପ୍ରଧାନ ଶିକ୍ଷୟତ୍ରୀଙ୍କ ବ୍ୟାପକ ଦୁର୍ନୀତିରେ ଅତିଷ୍ଠ ହୋଇ ସ୍କୁଲର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପିଲାଙ୍କୁ ଆବଶ୍ୟକ ଶିକ୍ଷା ପ୍ରଦାନ, ମିଡେ ମିଲ ନ ଦେଇ ଅଣ୍ଡା ଓ ମାଣ୍ଡିଆ ଲଡୁରେ ବ୍ୟାପକ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। ଏଥିସହ ଛାତ୍ରଛାତ୍ରୀଙ୍କୁ ନିଜ କକ୍ଷକୁ ଡକାଇ ହାତ ପରସା ଖାଉଛନ୍ତି। ବିରୋଧ କଲେ ପରୀକ୍ଷାରେ ମାର୍କ କାଟିବାକୁ ଧମକ ଦେଉଥିବା ଛାତ୍ର ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ମିଡେ ମିଲ ପାଇଁ ଆସୁଥିବା ଚାଉଳକୁ ଘରେ ନେଇ ରଖିବା, ଏସଏମସି ଅନୁଦାନକୁ



ଆତ୍ମସାତ କରିବା, ଶ୍ରେଣୀରେ ପିଲାଙ୍କ ଉପସ୍ଥାନରେ ହେରଫେର କରି ମନଇଚ୍ଛା ପକାଇବା ଘଟଣାକୁ ସ୍କୁଲର ସହକାରି ଶିକ୍ଷକ ବିରୋଧ କରିବାରୁ ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର ତାଙ୍କ ନାମରେ ଏକ ମିଥ୍ୟା ମାମଲା ରୁଜୁ କରିଥିବା ଜଣାଯାଇଛି। ପରେ ଗତ ୪ ତାରିଖରେ ସ୍କୁଲରେ ଏସଏମସି ସଭ୍ୟ ସଭ୍ୟା ଓ ବିଦ୍ୟାଳୟ ସଭାପତିଙ୍କ ଏକ ଜରୁରୀକାଳୀନ ବୈଠକ ବସିଥିଲା। ସେଥିରେ ପ୍ରଧାନ ଶିକ୍ଷୟତ୍ରୀ ମନମୁଖୀ ଉତର ଦେଇ କୌଣସି ହିସାବ ସଠିକ ଭାବେ ନ ଦେଇ କଥା କାଟିଥିବା ଅଭିଯୋଗ ହୋଇଛି। ପରେ ଗତ ୫ ତାରିଖରେ ୩ଟି ଗ୍ରାମର ସଭାପତି, ୱାଡ଼ ମେମ୍ବର, ୨ ଜଣ ସରପଞ୍ଚଙ୍କ ଉପସ୍ଥିତିରେ ସ୍କୁଲରେ ଏକ ସଭା ହୋଇଥିଲା। ସେଥିରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମହାପାତ୍ର ପହଞ୍ଚି ଦୁର୍ବ୍ୟବହାର କରିବା ସହ ମୋ ସ୍କୁଲରେ ମୁଁ ଯାହା କରିପାରିବି କହି ସେଠାରୁ ପଳାଇ ଆସିଥିବା ଗ୍ରାମବାସୀ କହିଛନ୍ତି।

# ଜଳଭଣ୍ଡାର ଥିବା ଅଞ୍ଚଳରେ ପାଣିପାଇଁ ଲୋକେ ଡହଳବିକଳ

ସମ୍ବଲପୁର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟର ମୁଖ୍ୟ ଜଳ ଭଣ୍ଡାର କହିଲେ ହୀରାକୁଦ ଜଳଭଣ୍ଡାରକୁ ବୁଝାଏ। ତାହା ପୁଣି ଯେଉଁ ଜିଲ୍ଲାରେ ଅଛି ସେଠାରେ ପୁଣି ପାନୀୟ ଜଳର ଉତ୍କଟ ଅଭାବ ଓ ଲୋକେ ଡହଳ ବିକଳ ହେବା ପରିସ୍ଥିତି ଯେତିକି ଉଦବେଗର କାରଣ ପାଲଟିଛି ଠିକ୍ ସେହିପରି, ନିକଟରେ ରାଜ୍ୟ ମୁଖ୍ୟମନ୍ତ୍ରୀ ପିଇବା ପାଣି ସମସ୍ୟାର ସମାଧାନ କରିବାର ଦୃଢ଼ ପ୍ରତିଶ୍ରୁତି ପରେ ଏହି ସଙ୍କଟ ଦେଖାଦେବା ଜିଲ୍ଲା ପ୍ରଶାସନ ପ୍ରତି ପ୍ରଶ୍ନବାଚ଼ୀ ସୃଷ୍ଟି କରାଇଛି।

ସମ୍ବଲପୁର ସହରରେ ଟ୍ୟାପ୍ ଖୋଲିଲା ମାତ୍ରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ନିକଟରେ ଘୋଷଣା କରିବା ସହ ଜଳ ପ୍ରକଳ୍ପର ଭୂମିପୂଜା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସମ୍ବଲପୁର ଗସ୍ତରେ ଆସି କରିଥିଲେ। ମାତ୍ର ଗତ ଦୁଇ ଦିନ ଧରି ଗୋବିନ୍ଦତୋଳା, ଧନୁପାଲି ଓ ଫାଟକ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଏକ ପ୍ରକାର ଠପ୍ ହୋଇ ପଡିଥିବା ଯୋଗୁଁ ଲୋକେ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀଙ୍କୁ ଲୋକେ ବାରମ୍ବାର ଫୋନ କରିଥିଲେ ମଧ୍ୟ କୌଣସି ସ୍ୱଷ୍ଟ ଉତ୍ତର ମିଳୁଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ପଚ଼ାରିବାରୁ ବିଭାଗୀୟ ପଦାଧିକାରୀ କେତେବେଳେ କହୁଛନ୍ତି ସକାଳେ ଆସିବ ତ କେତେବେଳେ କହୁଛନ୍ତି ରାତିରେ ଆସିବ। ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣର ପ୍ରତିଶ୍ରୁତି ମୁଖ୍ୟମନ୍ତ୍ରୀ ଦେଇଥିବା ବେଳେ ଦୀର୍ଘ ୨ ଦିନ ଜଳ ଯୋଗାଣ ବନ୍ଦ ରହିଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ‘ସାଧନା’ର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ପ୍ରକାଶ କରିଥିବା ବେଳେ ଜିଏମ୍ କଲେଜର ଛାତ୍ରଛାତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋଟେ ଗୋଟେ ପରିବାର ଏମିତି ବି ଅଛନ୍ତି, ଯେଉଁମାନଙ୍କ ଘରେ ସାମାନ୍ୟ ବ୍ୟବହାର ପାଇଁ ମଧ ମୁନ୍ଦାଏଁ ପାଣି ନାହିଁ। ପରିସ୍ଥିତି ଏମିତି ହୋଇଛି ଯେ, ଓ୍ୱାଟକୋ ଅଧିକାରୀମାନଙ୍କ ସହ ଏହି ସମସ୍ୟା ନେଇ ଅଭିଯୋଗ ପାଇଁ ଫୋନ କଲେ ଉତ୍ତର ମିଳୁନାହିଁ କି ଫୋନ ବି ଉଠାଉ ନାହାନ୍ତି। ଦୁଇ ଦିନ ପାନୀୟ ଜଳ ଯୋଗାଣ ଠପ ହୋଇଯିବା କାରଣରୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଏସମ୍ପର୍କରେ ସକାଳୁ ଏହି ସାଙ୍ଘାତିକ ପରିସ୍ଥିତି ବିଷୟରେ ପଚ଼ାରିବାରୁ ଓ୍ୱାଟକୋର ସହ-ନିର୍ବାହୀ ଯନ୍ତ୍ରୀ ସୁଖମୟ ସରକାର କହିଲେ ଯେ ସମ୍ବଲପୁର ସହରରେ ଚ଼ର୍ଚ୍ଚ ପାଖରେ ବଡ ପାଇପ ଫାଟିଯିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥିବାରୁ ପାନୀୟ ଜଳ ଯୋଗାଣରେ ବିଳମ୍ବ ହେଉଛି। ଏହି ମରାମତି କାର୍ଯ୍ୟ ଆଜି ସମାପ୍ତ ହେବାର ଆଶା ଅଛି, ଆସନ୍ତାକାଲି ଗୋବିନ୍ଦତୋଳା ପମ୍ପ ହାଉସରୁ ଜଳ ଯୋଗାଣ କରାଯିବ ବୋଲି ସୂଚ଼ନା ଦେଇଛନ୍ତି।

ଆଶା ଓ ବିଶ୍ୱାସରେ ଅଞ୍ଚଳବାସୀ ଅପେକ୍ଷାରେ ଅଛନ୍ତି ପିଇବା ପାଣି ପାଇଁ। ସମସ୍ତଙ୍କର ମନରେ ଗୋଟିଏ ପ୍ରଶ୍ନ ଯେ, ଲୋକଙ୍କର ଆବଶ୍ୟକୀୟ ସେବା ଦେବାରେ ପ୍ରଶାସନ କାହିଁକି ଯତ୍ନବାନ ହେଇ ପାରୁନାହିଁ ? ସମ୍ବଲପୁର ସହର ପରି ନେତୃତ୍ୱଶାଳୀ ସମ୍ବଲପୁର ମହାନଗରର ଅବସ୍ଥା ଯଦି ଏମିତି, ତାହେଲେ ଉପାନ୍ତ ଗ୍ରାମାଞ୍ଚଳର ଅବସ୍ଥା କ’ଣ ନହେବ ବୋଲି ଶ୍ରୀ ପାଣିଗ୍ରାହୀ ଚ଼ିନ୍ତା ପ୍ରକଟ କରିଛନ୍ତି। ଏହିପରି ସମସ୍ୟାର ଆଶୁ ସମାଧାନ ଯେମିତି ହୋଇପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତଥା ୱାଟକୋ ଧ୍ୟାନ ଦେବାକୁ ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି। ଅପରପକ୍ଷେ ଜିଲ୍ଲା ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଖାମଖିଆଲି ନୀତି ଯୋଗୁଁ ସହରରେ ଜଳ ଯୋଗାଣ ସଠିକ୍ ଭାବରେ ହୋଇପାରୁନଥିବା ଅଭିଯୋଗ ହୋଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସମସ୍ୟା ପ୍ରତି ଯତ୍ନବାନ ନହେବା ଓ ପାଇପ୍ ବିଛା ଓ ମରାମତି ଧୀରେ କଚ୍ଛପ ଗତିରେ କରୁଥିବା ଯୋଗୁଁ ଏହି ସମସ୍ୟା ସମ୍ବଲପୁର ସହରକୁ ଛାଡୁନଥିବା ମଧ୍ୟ ଅଭିଯୋଗ ହେଉଛି। ଗତ ଦୁଇ ଦିନ ଧରି ସହରର ଏହି ଅଚ଼ଳାବସ୍ଥାକୁ ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

ପାଖାପାଖି ଦେଢ଼ବର୍ଷ ବିତିଗଲାଣି ନୂଆ ସରକାର କ୍ଷମତାକୁ ଆସିବାର । ତେଣୁ ଆଉ ସେ ପୂର୍ବ ପାଠର ଆଲୋଚନା କରାଯିବା ଉଚିତ୍ ନୁହେଁ । ଏଣିକି ନୂଆ ସରକାର ନିଜେ ଓଡ଼ିଶାବାସୀଙ୍କୁ କେତେ ସନ୍ତୁଷ୍ଟ କରିପାରିବେ ସେ ଦିଗରେ ଚିନ୍ତା କରିବା ଦରକାର । ଲୋକଙ୍କ ଆଶା ଆକାଂକ୍ଷା କିଭଳି ପୂରଣ ହୋଇପାରିବ ସେ ଦିଗରେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ପୂର୍ବ ସରକାରକୁ ତ ଲୋକେ ନାକଚ କଲେ, ତେଣୁ ନୂଆ ସରକାର ଏଣିକି ଶୂନରୁ କାମ ଆରମ୍ଭ କରନ୍ତୁ, ଯଦି ଭାବୁଛନ୍ତି ପୂର୍ବ ସରକାର ଅମଳରେ ସବୁ ଭୁଲ୍ ହୋଇଥିଲା ବୋଲି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୯ ଫେବୃଆରୀ, ୨୦୨୬ | ସୋମବାର



# ଓଡ଼ିଶା ଏକ୍ସପ୍ରେସ୍


## ପୂର୍ବପାଠର ଆଲୋଚନା ଶେଷ ହେବା ଉଚିତ୍

ଏବେ ରାଜ୍ୟରେ ଯେଉଁ ସରକାର ରହିଛି, ସିଏ ପୂର୍ବ ସରକାର ଅମଳର ଅନେକ ଦୋଷତ୍ରୁଟିକୁ ଦର୍ଶାଉଛନ୍ତି । ଏହା ଏକ ସ୍ୱାଭାବିକ ଧାରା । ଏ ସରକାର ଯାଇ ଯଦି ପୁଣି ଆଉ କେଉଁ ନୂଆ ସରକାର ଆସିବ ସିଏ ବି ଏବେର ସରକାରଙ୍କ ତ୍ରୁଟିକୁ ନିଶ୍ଚିତ ଭାବରେ ଦର୍ଶାଇବ । ଏକଥା ଲୋକେ ବେଶ୍ ଜାଣନ୍ତି, ତେଣୁ ପୂର୍ବ ସରକାରଙ୍କ ତ୍ରୁଟିକୁ ଦର୍ଶାଇବା ସହ ଲୋକଙ୍କ ଆବଶ୍ୟକତା କିଭଳି ପୂରଣ ହୋଇପାରିବ ଏବଂ ଓଡ଼ିଶାର ସ୍ୱାର୍ଥକୁ କିଭଳି ସୁରକ୍ଷିତ ରଖାଯାଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରିବା ଦରକାର ।

ପାଖାପାଖି ଦେଢ଼ବର୍ଷ ବିତିଗଲାଣି ନୂଆ ସରକାର କ୍ଷମତାକୁ ଆସିବାର । ତେଣୁ ଆଉ ସେ ପୂର୍ବ ପାଠର ଆଲୋଚନା କରାଯିବା ଉଚିତ୍ ନୁହେଁ । ଏଣିକି ନୂଆ ସରକାର ନିଜେ ଓଡ଼ିଶାବାସୀଙ୍କୁ କେତେ ସନ୍ତୁଷ୍ଟ କରିପାରିବେ ସେ ଦିଗରେ ଚିନ୍ତା କରିବା ଦରକାର । ଲୋକଙ୍କ ଆଶା ଆକାଂକ୍ଷା କିଭଳି ପୂରଣ ହୋଇପାରିବ ସେ ଦିଗରେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ପୂର୍ବ ସରକାରକୁ ତ ଲୋକେ ନାକଚ କଲେ, ତେଣୁ ନୂଆ ସରକାର ଏଣିକି ଶୂନରୁ କାମ ଆରମ୍ଭ କରନ୍ତୁ, ଯଦି ଭାବୁଛନ୍ତି ପୂର୍ବ ସରକାର ଅମଳରେ ସବୁ ଭୁଲ୍ ହୋଇଥିଲା ବୋଲି । ଏବେ ସେ ତ୍ରୁଟିକୁ ସୁଧାରି ଆଗକୁ ବଢ଼ିବା ଦରକାର । ଲୋକେ କିଭଳି ପୂର୍ବ ସରକାର ଏବଂ ଏ ସରକାରଙ୍କ ଭିତରେ ଏକ ସକରାତ୍ମକ ଫରକ ଅନୁଭବ କରିପାରିବେ ସେ ଦିଗରେ କାମ କରାଯିବା ଦରକାର । ଲୋକେ କିଭଳି ନ ଭାବିବେ ଯେ- ଆମେ ଏ ସରକାରଙ୍କୁ ଭୋଟ୍ ଦେଇ ଭୁଲ୍ କରିଛୁ । ଏଭଳି ଏକ ଅନୁଭବ ଏବଂ ଧାରଣା ଲୋକଙ୍କ ମନରେ କିଭଳି ସୃଷ୍ଟି ନ ହେବ ସେ ଦିଗକୁ ଗୁରୁତ୍ୱ ଦେଲେ ହିଁ ଏ ସରକାର ଲୋକଙ୍କ ସରକାର ବୋଲି ଲୋକେ ଅନୁଭବ କରିପାରିବେ ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା- ଯେତେବେଳେ ନୂଆ ବିଜେପି ସରକାର ଶାସନ ଦାୟିତ୍ୱ ନେଲେ କିଛିଦିନ ଯାଏଁ କହିଲେ ଯେଉଁସବୁ ତ୍ରୁଟି ବିଚ୍ୟୁତି ହୋଇଛି ରାଜ୍ୟରେ ତାହା ଆମେ ଉତ୍ତରାଧିକାର ସୂତ୍ରରେ ପାଇଛୁ । ଏହାର ଅର୍ଥ ହେଲା- ଏକ ଅସଜଡ଼ା ଓଡ଼ିଶା ନୂଆ ସରକାର ପାଇଛି ।

ଉତ୍ତରାଧିକାରୀ ସୂତ୍ରରେ ବା ଗୁଣସୂତ୍ରରେ (ଜେନେଟିକାଲ) ଯେଉଁସବୁ ରୋଗ ବାପା ଅଜାଙ୍କଠାରୁ ପୁଅ ଏବଂ ନାତି ନାତୁଣୀମାନଙ୍କ ପାଖକୁ ଆସିଥାଏ ତା'ର ଚିକିତ୍ସା ଯାହାଠାରେ ସେ ରୋଗର ଲକ୍ଷଣ ଦେଖାଯାଏ ତାକୁ ହିଁ ଚିକିତ୍ସା କରାଯାଏ । ବାପା ଅଜାଙ୍କର ଚିକିତ୍ସା କରାଯାଏ ନାହିଁ । ତେଣୁ ପୂର୍ବ ବିଜେଡି ସରକାରଙ୍କ ଚିକିତ୍ସା କଲେ ବା ଦୋଷ ତ୍ରୁଟି ଦର୍ଶାଇଲେ ଯେ ଏବେର ସମସ୍ୟା ସମାଧାନ ହୋଇଯିବ ଏଭଳି ସମ୍ଭାବନା ବୋଧେ ନାହିଁ ।

ଏତେସବୁ କଥା କହିବାର ମୂଳ ଉଦ୍ଦେଶ୍ୟ ହେଲା- ମହାନଦୀ ବିବାଦ ଏ ସରକାର କେମିତି ପରିଚାଳନା କରୁଛନ୍ତି ? ନୂଆ ସରକାର କ୍ଷମତାକୁ ଆସିବା ଦେଢ଼ବର୍ଷ ବିତିଗଲାଣି । ଯଦି ପୂର୍ବ ସରକାର ଟ୍ରିବ୍ୟୁନାଲକୁ ବିଶଦ ତଥ୍ୟ ପ୍ରମାଣ ଦେଇପାରିନାହାନ୍ତି ଏବେର ସରକାର ଏଯାଏ ଦେଇନାହାନ୍ତି କାହିଁକି ? ଯଦି ପୂର୍ବ ସରକାରଙ୍କ ତ୍ରୁଟି ଜାଣି ହେଉଛି ତା'ହେଲେ ସୁଧାରର ବାଟ ତ ସୁଗମ ହେବା କଥା ? କେଉଁ କେଉଁ ତଥ୍ୟ ପ୍ରମାଣର ଆବଶ୍ୟକତା ରହିଛି ସେଥିପାଇଁ ତତ୍ପରତା ଦେଖାଯିବା ଉଚିତ୍ । ଆଉ ଯଦି ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ ବୋଲି ଭାବୁଛନ୍ତି ତାହା ମଧ୍ୟ କରାଯିବା ଉଚିତ୍ । ଲୋକଙ୍କର ଆଶା ଥିଲା ନୂଆ ବିଜେପି ସରକାର ଆସିଲେ ମହାନଦୀ ବିବାଦ ଚୁଟ୍‌କିରେ ସମାଧାନ ହୋଇଯିବ । ବିଜେପିର କେତେକ ନେତା ମଧ୍ୟ ଏଇ କଥା କହୁଥିଲେ ସେତେବେଳେ ।

ଖବରରୁ ପ୍ରକାଶ ଯେ- ମହାନଦୀ ଟ୍ରିବ୍ୟୁନାଲର ୫୦ତମ ଶୁଣାଣି ସରିଛି । ଏଥରର ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡ୍‌ଭୋକେଟ ଜେନେରାଲଙ୍କ ଶୁଣାଣି ବେଳେ ଅନୁପସ୍ଥିତିକୁ ବିରୋଧୀ ଦଳ ସମାଲୋଚନା କରିଛି । ସେ ଯାହାବି ହେଉ, ଯେଉଁବାଟରେ ହେଉ ଲୋକେ ଚାହାନ୍ତି ମହାନଦୀରେ ପାଣି ରହୁ । ମହାନଦୀ ମରୁଭୂମି ନ ପାଲଟୁ ।

# ଆଗପଛ ନ ବିଚାରି ପ୍ରଶଂସା କଲେ...

**ଡାକ୍ତର ତପନ କୁମାର ପଣ୍ଡା ...**



ଏବେ ପ୍ରଶଂସାର ଯୁଗ । ତେଣୁ କାର୍ଯ୍ୟ ହାସଲ ପାଇଁ ଅତି ମାମୁଲି ମଣିଷକୁ ମହାମାନବ କହିବାକୁ ଅନେକେ ପଛଘୁଞ୍ଚା ଦେଉନାହାନ୍ତି । ରାଜନୀତିରେ ତ ପ୍ରଶଂସାର ପ୍ରତିଯୋଗିତା। କୌଣସି କାର୍ଯ୍ୟରେ ଆଦୌ ଭୂମିକା ନଥିବା ନେତାର ବିଶାଳ ଫଟୋ ଓ କଟ୍‌ଆଉଟ୍ ସହିତ ସ୍ତୁତିଗାନ ଏକ ନିତିଦିନିଆ ଘଟଣା । କଥା କଥାକେ ମାନ୍ୟବର, ମାନ୍ୟବର ଆଉ ମାନ୍ୟବର । ଦୁଇଦିନ ତଳେ ଯାହାକୁ ଚୋର ଚଣ୍ଡାଳ କହି ଗାଳି କରୁଥିଲେ ଆଜି ସିଏ ମାନ୍ୟବର ବିଶେଷଣରେ ସମ୍ମାନିତ!

ଏ ପ୍ରଶଂସାରୁ ହୁଏତ କିଛିଲୋକ ଫାଇଦା ପାଉଛନ୍ତି ମାତ୍ର ସଂଖ୍ୟାଧିକ ଲୋକଙ୍କର ବିଶେଷ ସୁବିଧା ହେଉନାହିଁ ବରଂ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଭାବିଚିନ୍ତି ପ୍ରଶଂସା କଲେ ଭଲ । ଆସନ୍ତୁ ଏ ସମ୍ପର୍କୀତ ହସ କଥାଟିଏ ଶୁଣିବା ।

ଜଣେ ବାବାଙ୍କୁ ତାଙ୍କର ଜଣେ ଶିଷ୍ୟ ସେଦିନ ପଚାରିଲା- ବାବା, କୋଡ଼ିଏ ବର୍ଷ ହେଲା ବାହାହେଲିଣି କିନ୍ତୁ ମୋ' ସ୍ତ୍ରୀ ମତେ ପାଇ ଖୁସିନୁହେଁ । କ'ଣ କଲେ ତାକୁ ସନ୍ତୁଷ୍ଟ କରିପାରିବି?

ବାବା ପଚାରିଲେ- ବତ୍ସ, ତୁମେ କ'ଣ ଟିଭି ଦେଖୁନ?

ଶିଷ୍ୟ କହିଲା- ଦେଖେ ପ୍ରଭୁ । ତେବେ ମଝିରେ ମଝିରେ । ରୋଜଗାରଜନିତ ବ୍ୟସ୍ତତା ଟିଭି ଦେଖାର ସୁଯୋଗ ମତେ ଦେଇନାହିଁ ।

ଏଥର ବାବା କହିଲେ- ତୁମେ ଦେଖିବ ବିଭିନ୍ନ ମସଲା କମ୍ପାନୀର ବିଜ୍ଞାପନରେ ଦାମ୍ପତ୍ୟ ସୁଖର ରହସ୍ୟ ଲୁଚି ରହିଛି । ତୁମେ ତୁମ ପତ୍ନୀର ହାତରନ୍ଧା ଖାଦ୍ୟର ତାରିଫ୍ କର ଦେଖିବ ତୁମ ଦୁଇଜଣଙ୍କ ସମ୍ପର୍କରେ ଉନ୍ନତି ଘଟିବ ।

ଆଶ୍ରମରୁ ଫେରି ସେଦିନ ରାତିରେ ଡାଇନିଂ ଟେବୁଲ୍‌ରେ ବସିଥିବା ଏଇ ଶିଷ୍ୟ ପତ୍ନୀ ପରଷିଥିବା ଖାଦ୍ୟର ଏତେ ପ୍ରଶଂସା କଲେ ଯାହାର ଫଳ ଏପରି ବିପଜ୍ଜନକ ହେବ ସେ ଭାବିନଥିଲେ ।

ପ୍ରଶଂସା ଶେଷ ହେବା ମାତ୍ରେ ପତ୍ନୀଦେବୀ ଡାଇନିଂ ଟେବୁଲ୍ ଉପରେ ଥୁଆ ହୋଇଥିବା ଷ୍ଟିଲ୍ ସଣ୍ଡୁଆସିରେ ପତିଦେବଙ୍କ ମୁଣ୍ଡକୁ ଏପରି ଶକ୍ତ ଆଘାତ କଲେ ତାଙ୍କ ମୁଣ୍ଡରୁ ରକ୍ତ ଝରିଲା ।

ରକ୍ତ ଝରୁଥିବା ଅବସ୍ଥାରେ ଶିଷ୍ୟ ସେଇ ମୁହୂର୍ତ୍ତରେ ଖାଇବା ଟେବୁଲ୍‌ରୁ ଉଠି ଆଶ୍ରମରେ ପହଞ୍ଚିଲେ । ବାବା ଶିଷ୍ୟର ରକ୍ତାକ୍ତ ମୁଖମଣ୍ଡଳକୁ ଦେଖି ପଚାରିଲେ- ବତ୍ସ! ଏପରି ଅବସ୍ଥା ତୁମର କିଏ କଲା ?

ଶିଷ୍ୟ ବେଦନାଜଡ଼ିତ କଣ୍ଠରେ କହିଲା- ଆପଣ । ଆପଣଙ୍କ ପରାମର୍ଶ ହିଁ ଏଇ ଦୁର୍ଯ୍ୟୋଗର କାରଣ । ଆପଣଙ୍କ ପରାମର୍ଶକ୍ରମେ ମୁଁ ଆଜି ମୋ' ପତ୍ନୀର ହାତରନ୍ଧା ଖାଦ୍ୟର ଉଚ୍ଚ ପ୍ରଶଂସା କରିବାରୁ ସେ ସଣ୍ଡୁଆସିରେ ମୋ' ମୁଣ୍ଡକୁ ପାହାରେ ଦେଲା । ମୁହଁ ଛିଞ୍ଚାଡ଼ି କହିଲା- ଏତେ ବର୍ଷ ମୋ' ହାତରନ୍ଧା ଖାଦ୍ୟ ଖାଇଛ, କେବେ ତ ପ୍ରଶଂସା କରିନ ! ଆଜି କାହିଁକି ଏ ନାଟକ । ଏ ଶୁଖିଲା ପ୍ରଶଂସା ?

ବାବା ଦାଢ଼ୀ ସାଉଁଳି ସ୍ମିତ ହସି କହିଲେ- ବତ୍ସ! ପ୍ରଶଂସା କରିବା ପୂର୍ବରୁ ତୁମର ଜାଣିବା ଉଚିତ୍ ଥିଲା ସେ ଖାଦ୍ୟ କିଏ ପ୍ରସ୍ତୁତ କରିଛି । ତୁମେ ପରା ସକାଳେ ନିଜେ କହୁଥିଲ- ଆଜି ସନ୍ଧ୍ୟାରେ ତୁମ ଶାଳୀ ଆଉ ସଢ଼ୁ ତମ ଘରକୁ ଆସିବେ ! ତୁମେ ଯେଉଁ ଖାଦ୍ୟର ପ୍ରଶଂସା କଲ ସେ ଖାଦ୍ୟ ନିଶ୍ଚିତ ଭାବରେ ତୁମ ଶାଳୀ ପ୍ରସ୍ତୁତ କରିଥିବ, ତେଣୁ ତୁମ କପାଳ ଫାଟିଲା ।

ପାଠକେ ଆଗପଛ ନ ବିଚାରି ପ୍ରଶଂସା କରୁଥିବା ଲୋକମାନଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଏକ ଚେତାବନୀ ନା ନାଇଁ ।

### ଭଗବାନ ବି ପ୍ରଶଂସା ଭଲପାଆନ୍ତି

ଆମ ସାମାଜିକ ବ୍ୟବସ୍ଥାରେ ତୋଷାମୋଦୀ ଯେ ଏକ ନିନ୍ଦିତ ଆଚରଣ ଏହା ସର୍ବଜନବିଦିତ । ଏହାର ଆଉ ଏକ ନିର୍ଭରଯୋଗ୍ୟ ବିକଳ୍ପ ହେଲା- ତୈଳମର୍ଦ୍ଦନ ବା କଥିତ ଭାଷାରେ କହିଲେ ତେଲମରା । ତେବେ ପ୍ରକୃତ ତୈଳମର୍ଦ୍ଦନରେ ତୈଳର ବାସ୍ତବ ଉପଯୋଗିତା ପରିଲକ୍ଷିତ ହେଉଥିବା ବେଳେ ଏଇଧରଣର ମର୍ଦ୍ଦନରେ କିନ୍ତୁ ତେଲ ଆଖିକୁ ଦେଖାଯାଏ ନାହିଁ । ଏ ତେଲ ସାଧାରଣତଃ ମସ୍ତିଷ୍କରେ ପ୍ରୟୋଗ କରାଯାଏ । ଏପରି କୌଣସି ବ୍ୟକ୍ତି ନାହିଁ ଯିଏ ତୋଷାମୋଦୀ କବଳିତ ନୁହେଁ ବା କେବେ ତୋଷାମୋଦକାରୀର ପାଲରେ ପଡ଼ିନାହିଁ । କାର୍ଯ୍ୟ ହାସଲର ଏହା ସବୁଠାରୁ ନିର୍ଭରଯୋଗ୍ୟ ସାଧନ । ଏଥିରେ ଅସାଧ ସାଧନ କରିହୁଏ । ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ମଧ୍ୟ ତୈଳମର୍ଦ୍ଦନରେ ଧରାଶାୟୀ ହୁଏ । ତେବେ ଏହାର ପାର୍ଶ୍ୱ ପ୍ରତିକ୍ରିୟା କିନ୍ତୁ ଖୁବ୍ ମାରାତ୍ମକ । ଅନେକଟା ଆଣ୍ଟିବାୟୋଟିକ୍ ଔଷଧ ପରି । ରୋଗ ଭଲ ହେବ କିନ୍ତୁ ଶରୀରରେ ଅନ୍ୟ ଲକ୍ଷଣ ପ୍ରକାଶ ପାଇବ ।

ଅନେକଙ୍କର ଧାରଣା କେବଳ ମଣିଷ ତୋଷାମୋଦୀକୁ ଭଲପାଏ । ହେଲେ ନା' । ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଏଥିରେ ସର୍ବାଗ୍ରେ ରହିବେ ଆମ ଦେବଗଣ। ଏଇମାନେ ହିଁ ସବୁଠାରୁ ବେଶି ଖୁସାମତି ଭଲପାଆନ୍ତି । ଆପଣ ଯେକୌଣସି ଲୋକପ୍ରିୟ ଭଜନର ଭାବ ଏବଂ ଏଥିରେ ବ୍ୟବହୃତ ଶବ୍ଦକୁ ଲକ୍ଷ୍ୟ କରନ୍ତୁ ଦେଖିବେ ଭଗବାନ ଖୁସିହେଲା ଭଳି ଅନେକ କଥା ସେଥିରେ ଅଛି । ଏ ବାବଦରେ ସବୁଠାରୁ ଲୋକପ୍ରିୟ ଭଜନ- 'ଆହେ ନୀଳଶୈଳ'ର କେତୋଟି ଧାଡ଼ି ଏଠାରେ ଉଲ୍ଲେଖ କରିବା ଉଚିତ ହେବ- କୁରୁସଭା ସ୍ଥଳେ ଶୁଣି ଦ୍ରୌପଦୀର ଜଣାଣ, କୋଟି ବସ୍ତ୍ର ଦେଇ ତାକୁ ଉଦ୍ଧରିଲ ଆପଣ।

ଭଗବାନ କି ପ୍ରକାର ସାହାଯ୍ୟ କରିଛନ୍ତି ବା ନକରିଛନ୍ତି ସେ କଥା କ'ଣ ତାଙ୍କୁ ଅଜଣା? କିନ୍ତୁ ସେସବୁ କଥା ମନେପକାଇଦେଲେ ଯେ ସେ ଖୁସି ହୁଅନ୍ତି ଏହା ହିଁ ଏହିଧରଣର ଭଜନର ମୂଳ ଉଦ୍ଦେଶ୍ୟ । କେବଳ ଭଜନ କୀର୍ତ୍ତନ ନୁହେଁ ବିଷ୍ଣୁ ସହସ୍ରନାମ, ଦୁର୍ଗାସ୍ତୋତ୍ର, କୃଷ୍ଣଙ୍କ ଅଷ୍ଟୋତ୍ତର ଶତନାମ ଏସବୁ ଦେବଦେବୀମାନଙ୍କୁ ଖୁସି କରିବା ପାଇଁ ରଚିତ ।

ମଣିଷକୁ ତିଆରି କରିଥିବା ଭଗବାନଙ୍କୁ ପ୍ରଶଂସା କଲେ ସେ ଯେତେବେଳେ ଖୁସି ହେଉଛନ୍ତି ତେଣୁ ମଣିଷ ଏଥିରୁ ବାଦ୍ ପଡ଼ିବ କେମିତି? ତେଣୁ ତୋଷାମୋଦୀକୁ ଅନେକେ ନ୍ୟୁନ ଦୃଷ୍ଟିରେ ଦେଖିଥିଲେ ହେଁ ଏଥିରେ ଯେ ଏକ ଭଗବଦ୍‌ଭାବ ରହିଛି ଏହା ଯେକେହି କହିବେ ।

### ଯିଏ ବେପାରୀ ସିଏ ଗରାଖ

ଅନେକେ ଏଇ କଥା ଲକ୍ଷ୍ୟ କରିନଥିବେ । ଏ ଦୁନିଆଁରେ ବ୍ୟବସାୟିକ ଜଗତରେ ଗରାଖ ଏବଂ ବେପାରୀ ବୋଲି ଅଲଗା ଅଲଗା ଗୋଷ୍ଠୀ କିଛି ନାହିଁ । ଯଦିଓ ଆଲୋଚନା ବା ସମାଲୋଚନା ଆଳରେ ବ୍ୟବସାୟୀଙ୍କୁ ଏକ ଭିନ୍ନ ଗୋଷ୍ଠୀ ଭାବେ ଦର୍ଶାଯାଇଥାଏ କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିଲେ ଯିଏ ବ୍ୟବସାୟୀ ସେ ଗରାଖ । ବୁଝେଇ କହିଲେ- ଆଳୁ ବ୍ୟବସାୟରେ ଥିବା ଲୋକଟି ଆଳୁ ବିକ୍ରି କରୁଥିବା ବେଳେ ସେ ଜଣେ ବ୍ୟବସାୟୀ। କିନ୍ତୁ ଏଇ ବ୍ୟକ୍ତି ଯେତେବେଳେ ଇଲେକ୍ଟ୍ରିକ୍ ବଲ୍‌ବଟିଏ କିଣିବ ସେତେବେଳେ ସେ ଜଣେ ଗରାଖ। ଏହା ବିଶ୍ୱର ସରଳତମ ସମୀକରଣ। ତେଣୁ ବ୍ୟବସାୟୀମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଖାଉଟିଙ୍କୁ ଚଢ଼ା ଦାମ୍ ଦେବାକୁ ପଡୁଛି ବୋଲି କହିବା ବାସ୍ତବତାକୁ ଅଣଦେଖା କରିବା ବୋଲି ଯଦି କିଏ କହେ ତେବେ ତାହାକୁ ଖଣ୍ଡନ କରିହେବ ନାହିଁ । ଆଳୁ ଯିଏ ବିକୁଛି ସିଏ ଯେମିତି ଲାଭ ଚାହୁଁଛି ସେମିତି ତାକୁ ଇଲେକ୍ଟ୍ରିକ୍ ବଲ୍‌ବ ବିକ୍ରି କରୁଥିବା ବ୍ୟବସାୟୀର ଇଚ୍ଛା ଦି'ପଇସା ଅଧିକ ଲାଭ । ତେଣୁ ଦର ବୃଦ୍ଧି କରୁଥିବା ଲୋକ ହିଁ ଦର ବୃଦ୍ଧି ବିରୋଧରେ ଚିତ୍କାର କରୁଛି ବୋଲି ଧରିବାକୁ ପଡ଼ିବ । ଏଇ କାରଣରୁ ଜିନିଷପତ୍ର ଦର ବଢ଼ିଛି ବୋଲି ସମସ୍ତେ ପାଟି କରୁଛନ୍ତି । ଏଥିରେ ଚଢ଼ା ଦରରେ ପରିବା, ତେଲ ବିକ୍ରି କରୁଥିବା ଲୋକ ବି ସାମିଲ ।

ଦୁର୍ନୀତି ନିବାରଣ ନେଇ ସରକାର ଯେତେ ଅଭିନବ ପନ୍ଥା ଉଦ୍ଭାବନ ବା ଆବିଷ୍କାର କରନ୍ତୁ ନା କାହିଁକି ପୂର୍ବୋକ୍ତ ଗରାଖ ଏବଂ ବ୍ୟବସାୟୀ ସମୀକରଣ ହିଁ ଦୁର୍ନୀତି ନିବାରଣ ଅଭିଯାନକୁ ଦୁର୍ବଳ କରିଦେଉଛି ।

ଦୁର୍ନୀତି ବ୍ୟବସାୟୀଙ୍କ ଲାଭ ଭଳି । ବ୍ୟବସାୟର ମୂଳ ଉଦ୍ଦେଶ୍ୟ ଯେମିତି ଲାଭ ଖାଇବା ସେମିତି ସରକାରୀ ବ୍ୟବସ୍ଥାରେ ଥିବା ଲୋକମାନଙ୍କର ମୂଳ ଉଦ୍ଦେଶ୍ୟ ପଇସା ଖାଇବା ହୋଇଯାଇଛି । ଯଦିଓ ନିଯୁକ୍ତି ବା ଶପଥ ପାଠରେ ଏଥିପାଇଁ ଅନୁମତି ଦିଆଯାଇନାହିଁ ତଥାପି ଏହା ସେମାନଙ୍କର ଏକ ଅଧିକାର ବୋଲି ସରକାରୀ ବ୍ୟବସ୍ଥାରେ ଥିବା ଲୋକେ ଭାବୁଛନ୍ତି । ଯିଏ ବେପାରୀ ସିଏ ଗରାଖ ନ୍ୟାୟରେ 'କ' ବିଭାଗରେ କାମ କରୁଥିବା ପଇସା ଖିଆ କର୍ମଚାରୀ 'ଖ' ବିଭାଗର ପଇସା ଖିଆ କର୍ମଚାରୀଙ୍କ ପାଖକୁ କାମ ପାଇଁ ଗଲେ ତାକୁ ଯେ ପଇସା ଦେବାକୁ ପଡ଼ିବ ଏଥିପାଇଁ ଆଉ ପୂର୍ବ ପ୍ରସ୍ତୁତିର ଆବଶ୍ୟକତା ପଡୁନି ।

ତେଣୁ ବେଳେବେଳେ ମୋବାଇଲ୍ ଫୋନ୍‌କୁ ଦୁର୍ନୀତି କରୁଥିବା ଲୋକକୁ ଧରେଇଦିଅ ବୋଲି ଆସୁଥିବା ମେସେଜ ଅନେକ ସମୟରେ ଛଳନା ବୋଲି ମନେହୁଏ ।

ଚୋରି ହେଲେ ଲୋକେ ପୁଲିସ ପାଖରେ ଫେରାଦ କରନ୍ତି । ଚୋରି ମାଲ୍ ଫେରିପାଇବା ପାଇଁ କୁହନ୍ତି । କିନ୍ତୁ ଚୋର ବାବଦରେ ଥାନାକୁ ଯାଇ ସୂଚନା ଦେଉଥିବା ନଜିର ଅଛି କି? ଚୋରକୁ ଧରିବା ପୁଲିସର କାମ । ଚୋରକୁ ଧରେଇଦେବା ଲୋକଙ୍କ ଦାୟିତ୍ୱ ନୁହେଁ । ଚୋର କବଳରୁ ସୁରକ୍ଷିତ ରହିବା ଲୋକଙ୍କର ଅଧିକାର। କୌଣସି ବି ସରକାର ଏ ଦିଗରେ ସଫଳ ହୋଇଥିବା ଭଳି ମନେହୁଏ ନାହିଁ ।

# ଜନ୍ମ ହେବାମାତ୍ରେ ଶିଶୁ କାନ୍ଦେ କାହିଁକି?

**■ ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ ■**

ନୂଆ କୁନି ସଦସ୍ୟର ଆଗମନରେ ଘରେ ଖୁସିର ଲହରି ଖେଳିଯାଏ । ତା'ର କୁଆଁ କୁଆଁ କାନ୍ଦ ଘରର ଖାଲିପଣକୁ ଭରିଦିଏ। ହେଲେ କେବେ ଭାବିଛନ୍ତି କି ଶିଶୁ ଜନ୍ମ ହେବାମାତ୍ରେ କାହିଁକି କାନ୍ଦେ? ଏ ସମ୍ପର୍କରେ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିକ ଓ ବିଜ୍ଞାନ ସମ୍ବନ୍ଧୀୟ କାରଣଟି ଉଲ୍ଲେଖ କରୁଛୁ ।

ଜନ୍ମ ହେବାମାତ୍ରେ ଶିଶୁର କାନ୍ଦିବାକୁ ଅନେକେ ସାଧାରଣ ବୋଲି ଭାବନ୍ତି। ଏହାପଛର କାରଣ ଭୋକ, ଅସହଜାତ ଅବା ଭୟ ବୋଲି ମନେ କରନ୍ତି। ହେଲେ ବିଜ୍ଞାନ କହେ ଏହାପଛରେ ଗଭିର କାରଣ ରହିଛି । ମା' ଗର୍ଭରେ ଶିଶୁ ଏକ ସୁରକ୍ଷିତ, ଅନ୍ଧାରୁଆ ଓ ଉଷ୍ମ ପରିବେଶରେ ଥାଏ। ତା'ଚାରିପଟେ ତରଳ ପଦାର୍ଥ ଥାଏ । ଆଉ ତାପମାତ୍ରା ପ୍ରାୟ ୩୭ ଡିଗ୍ରୀ ଥାଏ । ଜନ୍ମ ହେବାମାତ୍ରେ ଶିଶୁ ଏହି ଆରାମଦାୟକ ପରିବେଶରୁ ବାହାରି ହଠାତ୍ ଥଣ୍ଡା ବାୟୁ, ଆଲୋକ ଓ କୋଳାହଳ ଭରା ଦୁନିଆକୁ ପ୍ରବେଶ କରେ। ତେଣୁ ସେ ଅସହଜ ମନେ କରେ। ଆଉ କାନ୍ଦି କାନ୍ଦି ନିଜର ପ୍ରତିକ୍ରିୟା ବ୍ୟକ୍ତ କରେ ।

ଗର୍ଭରେ ଥିବାବେଳେ ଶିଶୁ ନିଜ ଫୁସଫୁସ ବ୍ୟବହାର କରିନଥାଏ। ତାକୁ ଯାହା ବି ଅମ୍ଳଜାନ ଆବଶ୍ୟକ ହୁଏ ତାହା ସେ ପ୍ଲାସେ ମାଧ୍ୟମରେ ପାଇଥାଏ। ମା'ର ରକ୍ତରେ ଅମ୍ଳଜାନ ଥାଏ ଯାହାକି ପ୍ଲାସେ ଓ ଅମ୍ବଲିକାଲ କଡ଼ ମାଧ୍ୟମରେ ଶିଶୁ ନିକଟରେ ପହଞ୍ଚିଥାଏ । ଗର୍ଭନଳୀ ବା ଅମ୍ବଲିକାଲ କଡ଼ ଶିଶୁକୁ ଅମ୍ଳଜାନ ପ୍ରଦାନ କରିବାର ଏକ ଜରୁରୀ ମାଧ୍ୟମ କାମ କରିଥାଏ। ଏହା ଯେ କେବଳ ଅମ୍ଳଜାନ ପ୍ରଦାନ କରେ ତାହା ନୁହେଁ, ଖାଦ୍ୟ ଓ ରୋଗରୁ ରକ୍ଷା କରୁଥିବା ଆଣ୍ଟିବଡ଼ି ବି ଶିଶୁକୁ ପ୍ରଦାନ କରିଥାଏ। ତେବେ ଶିଶୁ ଜନ୍ମ ହେବାପରେ ଏହି ପ୍ରକ୍ରିୟା ବନ୍ଦ ହୋଇଯାଏ। ପ୍ରଥମଥର ପାଇଁ କାନ୍ଦିବା ଦ୍ୱାରା ଫୁସଫୁସ ବାୟୁରେ ଭରେ। ଆଉ ଅମ୍ଳଜାନ ରକ୍ତକୁ ପହଞ୍ଚିବାକୁ ଲାଗେ। ଯାହାକି ଏକ ନୂଆ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଆରମ୍ଭ। ଶିଶୁ ଜନ୍ମ ହେବାମାତ୍ରେ ଯଦି କାନ୍ଦେ ତେବେ ଏହା ଜଣାଯାଏ ଯେ, ଶିଶୁଟି ସୁସ୍ଥ ଅଛି। ଆଉ ତା'ର ଫୁସଫୁସ ଏବଂ ଅନ୍ୟ ଅଙ୍ଗ ଠିକ ଭାବେ କାମ କରୁଛି। ଖାସ ଏହି କାରଣ ଯୋଗୁଁ ଶିଶୁ ଜନ୍ମ ପରେ ପରେ କାନ୍ଦିବା ଜରୁରୀ ବୋଲି କୁହାଯାଏ।

ଏହାବାଦ ଜନ୍ମ ପ୍ରକ୍ରିୟା ଶିଶୁ ପାଇଁ ଆଦୌ ସହଜ ନୁହେଁ। ଗର୍ଭରୁ ବାହାରିବା ସମୟରେ ତାକୁ ଶାରୀରିକ ଓ ମାନସିକ ଚାପ ଦେଇ ଗତି କରିବାକୁ ପଡ଼େ। କାନ୍ଦିବା ହେଉଛି ଏହି ଚାପରୁ କମ କରିବାର ପ୍ରାକୃତିକ ଉପାୟ। ତା'ସହ ଏହାଦ୍ୱାରା ମସ୍ତିଷ୍କକୁ ଅମ୍ଳଜାନ ବି ପହଞ୍ଚେ । ନର୍ମାଲ ଡେଲିଭରୀରେ ଶିଶୁ ଯେବେ ଜନ୍ମ ଗ୍ରହଣ କରେ ତା'ର ଛାତି ଉପରେ କିଛିଟା ଚାପ ପଡ଼େ। ଯଦ୍ୱାରା ତାର ଫୁସଫୁସରେ ଥିବା ପାଣି ବାହାରିଯାଏ। ଶିଶୁର ଫୁସଫୁସରେ ବାୟୁ ଭରିଯାଏ। ଆଉ ଫୁସଫୁସ କାମ କରିବା ଆରମ୍ଭ କରେ ଓ ଶିଶୁ କାନ୍ଦେ। ଏହି ପ୍ରକ୍ରିୟା ଜନ୍ମ ହେବାର ମାତ୍ର କେଇ ସେକେଣ୍ଡରେ ହୁଏ। ଆଉ ଶିଶୁ ପ୍ରଥମଥର ଶ୍ୱାସକ୍ରିୟା କରେ। ଏହି ନୂଆ ଜୀବନର ଆରମ୍ଭ ପାଇଁ ଏହି ପ୍ରକ୍ରିୟା ନିହାତି ଆବଶ୍ୟକ। ଶିଶୁ କାନ୍ଦିବା ଏହା ସଙ୍କେତ ଦିଏ କି ଶିଶୁର ଫୁସଫୁସ କାମ କରିବା ଆରମ୍ଭ କଲା। ଯଦି ଶିଶୁ ନ କାନ୍ଦେ ତେବେ ଡାକ୍ତର ତୁରନ୍ତ ଚେକ କରନ୍ତି। ହେଲେ ସି-ସେକ୍ସନରେ ଜନ୍ମ ହୋଇଥିବା ସବୁ ଶିଶୁ ତୁରନ୍ତ କାନ୍ଦି ନଥାନ୍ତି। କାରଣ ସାଧାରଣ ପ୍ରସବ ବେଳେ ଯେଉଁ ଚାପ ଶିଶୁ ଉପରେ ପଡ଼େ ତାହା ଏଥିରେ ପଡ଼ି ନଥାଏ। ତେଣୁ ଡାକ୍ତର ମେସିନ ସାହାଯ୍ୟରେ ଶିଶୁର ପାଟି ଓ ନାକ ସଫା କରନ୍ତି। ତାକୁ ଅମ୍ଳଜାନ ପ୍ରଦାନ କରନ୍ତି । ଆବଶ୍ୟକ ହେଲେ ସିପିଆର ବି ଦିଅନ୍ତି । ଯଦି ଶିଶୁ ଜନ୍ମର ତୁରନ୍ତ ପରେ ନ କାନ୍ଦେ ତାହା କିଛି ସ୍ୱାସ୍ଥ୍ୟଗତ ସମସ୍ୟାର ସଙ୍କେତ ଦିଏ। ଯେମିତିକି ଫୁସଫୁସରେ ସମସ୍ୟା, ହୃତପିଣ୍ଡରେ ସମସ୍ୟା, ଜନ୍ମ ସମୟରେ ଅମ୍ଳଜାନର ଅଭାବ ଆଦି । ଏଭଳି ମାମଲା ଆସିଲେ ଶିଶୁରୋଗ ବିଶେଷଜ୍ଞ ତୁରନ୍ତ ଯାଞ୍ଚ କରି ଚିକିତ୍ସା ଆରମ୍ଭ କରନ୍ତି।

ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

## ଉପରବାଲାଙ୍କ ଅଦାଲତରୁ ଖସିବା ଭାରି କଷ୍ଟ!



ସତ କହିବାକୁ କିଆଁ ଡରିବି

ଅମ୍ବିକା ପ୍ରସାଦ ଦାସ

ମହାଶୟ,

ଜୋର ଯାହାର ମୂଳକ ତାହାର ପରି ଅଦାଲତ କେବଳ ବଡ ବଡିଆଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ମୋର ମନେହୁଏ ଚକାରଣ ଯେତେ ବଡ ଅପରାଧ କରିଥଲେ ବି ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଆନ୍ତି । ସେମାନଙ୍କ କେସ୍ ଲଢ଼ିବା ପାଇଁ ନାମୀଦାମୀ ଓକିଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲେ । ଏଠାରେ ଟଙ୍କା କାମ କରେ । କିନ୍ତୁ ଉପରବାଲାଙ୍କ ଅଦାଲତରେ ସେସବୁ ବ୍ୟବସ୍ଥା ନାହିଁ । ଦୋଷ କରି ସେଠାରୁ କେହି ଖସି ଯାଇ ପାରନ୍ତି ନାହିଁ ଓ ଦୋଷୀ ଠାରୁ କଡ଼ା ଗଣ୍ଡା ହିସାବରେ ସବୁ ଅସୁଲ କରାଯାଏ । ନିଜର ସମସ୍ତ କର୍ମ ଈଶ୍ୱରଙ୍କୁ ସମର୍ପଣ କରିଦେଇଥିବା ବ୍ୟକ୍ତି ସାମୟିକ ଭାବେ ଅସୁବିଧାର ସମ୍ମୁଖୀନ ହୁଏ ସତ୍ୟ କିନ୍ତୁ ବିଳମ୍ବରେ ହେଉ ପଛକେ ଈଶ୍ୱରଙ୍କ ଅଦାଲତରେ ସେ ନିଶ୍ଚିତ ଭାବେ ନ୍ୟାୟ ବିଚାର ପାଇଥାଏ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**, ଅନ୍ତେଇ,ପାଟକୁରା

# ନାମ ଅଛି ଗ୍ରାମ ନାହିଁ - ଗ୍ରାମ ଅଛି ନାମ ନାହିଁ

**ଝିଙ୍କି ମହାକାଳି ଚକ୍ଳୀ**



**ସମରେନ୍ଦ୍ର ବଳିଆରସିଂହ**

ସାଧାରଣତଃ ଆମେ ଏଭଳି ଗାଁ ସହିତ ପରିଚିତ, ଯାହାର ଖ୍ୟାତି ଅଛି ଏବଂ ବାହାରେ ସେଇ ଗାଁକୁ ଲୋକେ ଜାଣନ୍ତି, ଅଥଚ ତାହା ସରକାରୀ ରେକର୍ଡ଼ଭୁକ୍ତ ରାଜସ୍ୱ ଗ୍ରାମ ନୁହେଁ । ଉଦାହରଣସ୍ୱରୂପ ଆମେ ଖୋର୍ଦ୍ଧା କଥା ଏଠାରେ ଆଲୋଚନା କରିବା । ଖୋର୍ଦ୍ଧାରେ ଥାନା, କଚେରୀ, ଡାକ୍ତରଖାନା, ବଜାର, ବସ୍‌ଷ୍ଟାଣ୍ଡ ଯାହାସବୁ ଅଛି ତାହା ଜଜାରସିଂହ ମୌଜାର, ଖୋର୍ଦ୍ଧା ମୌଜାର ନୁହେଁ । ଖୋର୍ଦ୍ଧା ନାମରେ ଯେଉଁ ରାଜସ୍ୱ ଗ୍ରାମ ରହିଛି ସେଠାରେ ଓଡ଼ିଶାର ପ୍ରାଚୀନ ରାଜା ଖୋର୍ଦ୍ଧା ଗଜପତିଙ୍କ ରାଜପ୍ରାସାଦର ଭଗ୍ନାବଶେଷ ରହିଛି । ଏହି ମୌଜାକୁ ଗଡ଼ଖୋର୍ଦ୍ଧା ମଧ୍ୟ କୁହାଯାଏ । ଖୋର୍ଦ୍ଧାରୁ ଜାତୀୟ ରାଜପଥରେ ଦକ୍ଷିଣ ଦିଗକୁ ୧୫ କିଲୋମିଟର ଦୂରରେ ମଳିପଡ଼ା ରୂପେ ପରିଚିତ ସ୍ଥାନରେ ହାଇସ୍କୁଲ୍, କଲେଜ, ଡାକ୍ତରଖାନା ଆଦି ଅଛି । କିନ୍ତୁ ଏସିବୁ ସ୍ଥାନର ଅବସ୍ଥିତି କଁପୁର ମୌଜାରେ । ମଳିପଡ଼ା ନାମରେ ଯେଉଁ ରାଜସ୍ୱ ଗ୍ରାମ ଅଛି, ସେଠାରେ ଜନସଂଖ୍ୟା ଅଳ୍ପ । ମଳିପଡ଼ାଠାରୁ ଦକ୍ଷିଣକୁ ୫ କିଲୋମିଟର ଗଲେ ଜଙ୍କିଆ ବସ୍‌ଷ୍ଟାଣ୍ଡ, ଏହାକୁ ଲାଗି ଯେଉଁ ଗ୍ରାମ ଅଛି ତାହା ଜଙ୍କିଆ, ବାଲିଗାଡ଼ିଆ ରୂପେ ପରିଚିତ । ଅଥଚ ଏହି ସ୍ଥାନ ମୁଣ୍ଡାଆମ୍ବ ରାଜସ୍ୱ ଗ୍ରାମ ରୂପେ ସରକାରୀ କାଗଜପତ୍ରରେ ରେକର୍ଡ଼ଭୁକ୍ତ । ଜଙ୍କିଆ ରାଜସ୍ୱ ଗ୍ରାମ ବୋଲି ଯାହା ରେକର୍ଡ଼ରେ ଚିହ୍ନିତ ପ୍ରକୃତରେ ତାହା ନୂଆଗାଁ ରୂପେ ପରିଚିତ । ଖୋର୍ଦ୍ଧାଠାରୁ ହଳଦିଆ ରାସ୍ତାରେ ୮ କିଲୋମିଟର ଦୂର ଅତିକ୍ରମ କଲା ପରେ ନିଆଳ ଗ୍ରାମ ପଡ଼େ । ଏଠାରେ ନିଆଳ ୟୁ.ଜି.ଏମ୍.ଇ ସ୍କୁଲ୍ ଅଛି । ପ୍ରକୃତ ନିଆଳ ବୋଲାଉଥିବା ଗ୍ରାମ ହେଉଛି ଚମ୍ପାପୁର ଓ ମଲ୍ଲୀପୁର ରାଜସ୍ୱ ଗ୍ରାମ । ଏହା ନିକଟରେ ଗଡ଼ନିଆଳ ନାମରେ ଗ୍ରାମ ରହିଛି । ଖୋର୍ଦ୍ଧା ବ୍ଲକ୍‌ରେ ଆୟତନରେ ତରକାଇ ମୌଜା ସର୍ବବୃହତ୍ ଅଟେ । ଏହି ଗ୍ରାମରେ ବାଉଁଶପୁଟ ଓ ରାମଚନ୍ଦ୍ରପୁର ନାମରେ ଦୁଇଟି ପ୍ରାଥମିକ ବିଦ୍ୟାଳୟ ଅଛି । ଅଥଚ ତରକାଇ ମୌଜା କହିଲେ କେହି ଏହାର ସ୍ଥିତି ଜାଣିପାରନ୍ତି ନାହିଁ ।

ବେଗୁନିଆ ବ୍ଲକ୍‌ର ଏକ ବୃହତ୍ତ ଗ୍ରାମ ଗୁଡୁମ । ଏଠାରେ ହାଇସ୍କୁଲ୍, ଡାକ୍ତରଖାନା, ବ୍ୟାଙ୍କ ଆଦି ରହିଛି । ତେବେ ଗୁଡୁମ ନାମରେ କୌଣସି ରାଜସ୍ୱ ଗ୍ରାମ ନାହିଁ । ରାମସିଂହ ପ୍ରସାଦ, ଦୁର୍ଗାପୁର, ଗୋକୁଳପୁର, ନୃସିଂହପୁର, ମାନଗୋବିନ୍ଦପୁର ଓ ବେଙ୍ଗିଟାଙ୍ଗି ରାଜସ୍ୱ ଗ୍ରାମକୁ ଏକତ୍ର ଗୁଡୁମ ଭାବେ ପରିଚିତ କରାଇଛି । ଗୁଡୁମାଇ ଠାକୁରାଣୀଙ୍କ ନାମରୁ ଗୁଡୁମ ଶବ୍ଦଟି ଆସିଛି, ଯାହାକି ବେଶ୍ ଲୋକପ୍ରିୟ ହୋଇପାରିଛି । ରାମସିଂହପ୍ରସାଦ ଗ୍ରାମଟିକୁ ଲୋକେ ଗଡ଼ଗୁଡୁମ ବୋଲି ମଧ୍ୟ କହୁଛନ୍ତି । ବେଗୁନିଆକୁ ଲାଗି ଗଡ଼ତରା । ଗଡ଼ତରା ବସ୍‌ଷ୍ଟାଣ୍ଡକୁ ସୁଆଁଳ, ଧାନଘର, ନୂଆଗାଁ ଆଦି ଗ୍ରାମକୁ ରାସ୍ତା ଅଛି । ବସ୍‌ଷ୍ଟାଣ୍ଡ ନିକଟରେ ଗଡ଼ତରା ଉଚ୍ଚପ୍ରାଥମିକ ବିଦ୍ୟାଳୟ । ତେବେ ଏ ସମସ୍ତ ସ୍ଥାନର ଅବସ୍ଥିତି ରାଧାକାନ୍ତପୁର ମୌଜାରେ । ଏହା ନିକଟରେ ଗଡ଼ତରା ନାମରେ ଥିବା ରାଜସ୍ୱ ଗ୍ରାମ ଜନବସତିଶୂନ୍ୟ ଅଟେ ।

ହିନ୍ଦୁ-ମୁସଲମାନ ସଂହତିର ପୀଠସ୍ଥଳୀ ରୂପେ ପ୍ରସିଦ୍ଧ ମାଣିକଗୋଡ଼ା ଗ୍ରାମ ବୋଲଗଡ଼ ବ୍ଲକ୍‌ର ବୃହତ୍ତ ଗ୍ରାମ । ଅଥଚ ଏହା ଏକ ରାଜସ୍ୱ ଗ୍ରାମ ନୁହେଁ । ଦଳେଇସାହି, କୁମୁଟିସାହି, ରାମଚନ୍ଦ୍ରପୁର, ଚଣ୍ଡିପାଟଣା ଓ ହାଟସାହି ରାଜସ୍ୱ ଗ୍ରାମ ନୁହେଁ । ଏକତ୍ର ବିଚାରକୁ ନେଲେ ମାଣିକାଗୋଡ଼ାକୁ ବୁଝାଏ । ମାଣିକାଗୋଡ଼ା ନାମରେ ହାଇସ୍କୁଲ୍, ଡାକ୍ତରଖାନା ଓ ଅନ୍ୟାନ୍ୟ ଅନୁଷ୍ଠାନ ରହିଛି । ଖୋର୍ଦ୍ଧାରୁ ନୟାଗଡ଼ ଆଡ଼କୁ ୨୭ କି.ମି. ଦୂର ଅତିକ୍ରମ କଲେ ପିତୁକୁଳି, ଏହାର ଦକ୍ଷିଣକୁ ସାନପଦର । ଏହି ନାମରେ ବାଳକ ଓ ବାଳିକା ହାଇସ୍କୁଲ୍ ମଧ୍ୟ ଅଛି । ମଥୁରାମଙ୍ଗଳର କବି ଭକ୍ତଚରଣ ଦାସ, ଗୋପୀଭାଷାର କବି ଦନେଇ ଦାସ, ବସନ୍ତରାସର କବି ପିଣ୍ଡିକ ଶ୍ରୀଚନ୍ଦନ ଓ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟଙ୍କ ପାଇଁ ସାନପଦର ଗ୍ରାମ ଜଣାଶୁଣା । ତେବେ ଏହି ମହାନ୍ ବ୍ୟକ୍ତିମାନଙ୍କ ଅବସ୍ଥାନ ଥିଲା କୃଷ୍ଣଶରଣପୁର ଗ୍ରାମରେ । ଅବଶ୍ୟ କୃଷ୍ଣଶରଣପୁରକୁ ଲାଗି ସାନପଦର ରାଜସ୍ୱ ଗ୍ରାମ ଅଛି ଏବଂ ଏଠାରେ ମନ୍ଦିର ଓ ପ୍ରାଥମିକ ବିଦ୍ୟାଳୟ ରହିଛି ।

ଖୋର୍ଦ୍ଧାଠାରୁ ୪୦ କି.ମି. ଦୂର ଟାଙ୍ଗି ଠାରୁ ପଶ୍ଚିମ ଦିଗରେ ବଡ଼ପାରି ଦେଇ ଗଲେ ଝରିଆ ଗ୍ରାମ ପଡ଼େ । ପ୍ରସିଦ୍ଧ ରାମଲୀଳା ନାଟକ ପାଇଁ ଏକଦା ଏହି ଗ୍ରାମର ଖ୍ୟାତି ଥିଲା । ସ୍ୱନାମଧନ୍ୟ ମହିଳା କ୍ରୀଡ଼ାବିତ୍ ରଚିତା ପଣ୍ଡା ବା ରଚିତା ମିସ୍ତ୍ରୀଙ୍କ ଘର ଏହି ଗ୍ରାମରେ । ତେବେ ଝରିଆ ନାମରେ ରାଜସ୍ୱ ଗ୍ରାମ ନାହିଁ, ଏହା ରାମଚନ୍ଦ୍ରପୁର ରାଜସ୍ୱ ଗ୍ରାମ ।

ପାଇକ କବି ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଘର ବାଣପୁର ନିକଟବର୍ତ୍ତୀ ଭୀମପୁର ଗ୍ରାମରେ । ପ୍ରକୃତରେ ଭୀମପୁର ନାମରେ କୌଣସି ରାଜସ୍ୱ ଗ୍ରାମ ନାହିଁ । ଗାଲୁଆ, ସାମନ୍ତରାପୁର, ସୁରେଖାଦେଇପୁର ଭଳି ୫ଟି ଗ୍ରାମକୁ ନେଇ ଭୀମପୁର ରୂପ ନେଇଛି ।

ଚିଲିକା ହ୍ରଦର ମଝିରେ ଯେଉଁ ଦ୍ୱୀପଟି ଅଛି ତାହା ପାରିକୁଦ ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ତାହା ହେଉଛି କୃଷ୍ଣପ୍ରସାଦ ରାଜସ୍ୱ ଗ୍ରାମ । ପୁନଶ୍ଚ କୃଷ୍ଣପ୍ରସାଦ ନାମରେ ଥିବା ବ୍ଲକ୍ ଓ ଥାନା କୃଷ୍ଣପ୍ରସାଦ ରାଜସ୍ୱ ଗ୍ରାମରେ ଅବସ୍ଥିତ ନହୋଇ ନୂଆପଡ଼ା ରାଜସ୍ୱ ଗ୍ରାମରେ ଅବସ୍ଥିତ ।

କଂସାପିଳ ବାସନ ପାଇଁ ପ୍ରସିଦ୍ଧ ବାଲକାଟି ଗ୍ରାମ । ତେବେ ଏହାର ରାଜସ୍ୱ ଗ୍ରାମର ନାମ ହେଉଛି ପ୍ରତାପଶାସନ । ପୁରୀ ଜିଲ୍ଲା ପିପିଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେଲାଙ୍ଗ ଏକ ପ୍ରସିଦ୍ଧ ସ୍ଥାନ । ଥାନା, ବ୍ଲକ୍, କଲେଜ, ବ୍ୟାଙ୍କ, ରେଲ୍‌ୱେ ଷ୍ଟେସନ୍ ସବୁ ଡେଲାଙ୍ଗ ନାମରେ ଅଛି । କିନ୍ତୁ ଡେଲାଙ୍ଗ ନାମରେ ରାଜସ୍ୱ ଗ୍ରାମ ନାହିଁ । ଏ ସମସ୍ତ ଅନୁଷ୍ଠାନ ବେରବୋଇ, ସୁଜନପୁର, ରାମଚନ୍ଦ୍ରପୁର, ଜଗଦଳପୁର ଭଳି ଗ୍ରାମମାନଙ୍କରେ ରହିଛି ।

ଏଭଳି କେତେକ ଗ୍ରାମ ଅଛି, ଯେଉଁଗୁଡ଼ିକର ନାମ ଅତୀବ ବିଚିତ୍ର । ଖୋର୍ଦ୍ଧା ବ୍ଲକ୍‌ରେ ଥିବା ଏଭଳି ଗାଁ ହେଲା ଷଢ଼େଇଗଡ଼, କଙ୍କଡ଼ାହାଡ଼, ବାଉଁଶପୁଟ, ଷଣ୍ଢପୁର, ତରକାଇ, କାୟା, କଦଳୀବାଡ଼ି, ଭାଲିଆବାଡ଼ି, ବେଗୁନିଆ ବ୍ଲକ୍‌ରେ ଏଭଳି ଗାଁ ସବୁ ହେଲେ ଶଗଡ଼ଭଙ୍ଗା, ଖଡ଼ିପଦର, ମଲ୍ଲୀପଦର, ଓସ୍ତପଲା, କୁଶପଲ୍ଲା, ଟାଙ୍ଗି ବ୍ଲକ୍‌ର ଏଭଳି ଗାଁ ସବୁ ହେଲା ନରମାନବୀ, ଧୋବାଧୋବଣି, ଆମ୍ବବିଲ, ବାଲୁଙ୍ଗାଡିହ, ବେଲପଡ଼ା, ଯୋଗିମରା, ପୁତନା, ଶାହାଡ଼ାପଲୀ, ଚଢ଼େଇଗୁହା, କୁହୁଡ଼ି, ଜରିଟାପୁ, ଝରିଆ । ସେଇଭଳି ବାଣପୁର ବ୍ଲକ୍‌ର ମନଇଚ୍ଛାପୁର, ସଲପଡିହ, ହରିଣଡିହ, ମହୁଲଝର, ଜୀବନଦେଇପୁର, ପ୍ରାଣଦେଇପୁର, ପଣସଡିହ, କତୁରିକଟା, କଳାପାଟ, ଭାଲିଆପଡ଼ା, ଷଣ୍ଢାମାଳ, କାରାଖାଇ, କିଆଘୋଡ଼ା, ବାଡ଼ିକଟା, ସରଧୁଆପଲୀ, ସୁନାକେରା, ପାହାଡ଼ପୁଟ, ଘୋଡ଼ାଶାଳିଆ, ବରକୋଳି, ସାରୁବାରି, କରଞ୍ଜପଲୀ, ଫାଣିପଡ଼ା, ଅଗାଡ଼ିପଲ୍ଲୀ, ସୁଳିଆପଡ଼ା, ଖୁପଲ୍ଲୀ, ଝିକାପଲ୍ଲୀ, ବେତୁଳି । ଚିଲିକା ବ୍ଲକ୍‌ର ବିଚିତ୍ରନାମଧାରୀ ଗାଁ ହେଲେ ଗବପଦର, ଆଖୁପୋଖରୀ, ଘିଅଖଳା । ନୟାଗଡ଼ ବ୍ଲକ୍‌ରେ ଥିବା ଏଭଳି ଗାଁ ସବୁ ହେଲା ବୋଦାପଡ଼ା, ମାଇଛେଳି, ଗୋଡ଼ିପଡ଼ା, ମାଳିସାହି, ଡମସାହି । ରଣପୁର ବ୍ଲକ୍‌ର ଗଛପତର, କଟକସହର (୧୯୫୨ ପର୍ଯ୍ୟନ୍ତ ଏହି ଗ୍ରାମ ନାମ କଟରାପଲ୍ଲୀ ଥିଲା) । ଏହିଭଳି ବହୁ ଉଦାହରଣ ସାରା ଓଡ଼ିଶାରେ ରହିଛି।


**ବିଶ୍ୱାତ୍ମା, ଏମ୍-୨୩, ବିଡିଏ କଲୋନୀ, ଖୋର୍ଦ୍ଧା**
**ମୋ ୮୨୪୯୬୭୯୦୯୯**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






# ବୁଲିଆସନ୍ତୁ ଅଲୱର

ରାଜଧାନୀ ଦିଲ୍ଲୀର ନିକଟବର୍ତ୍ତୀ ହୋଇଥିବା କାରଣରୁ ରାଜସ୍ଥାନର ଅଲୱର ସହର ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ବା ଏନ୍‌ସିଆର୍ ମଧ୍ୟରେ ସାମିଲ । ଯଦି ରାଜସ୍ଥାନ ବୁଲିବାକୁ ଚାହାନ୍ତି ତା'ହେଲେ ଅଲୱରରୁ ହିଁ ଭ୍ରମଣ ଆରମ୍ଭ କରନ୍ତି । ପୂର୍ବ ରାଜସ୍ଥାନରେ ରହିଛି ଏହି ସହର । ଏହି ସହରରେ ପ୍ରବେଶ ମାତ୍ରକେ ଆପଣ ରାଜସ୍ଥାନୀ ଶୈଳୀର ପରିଚୟ ପାଇବେ । ଦୁର୍ଗ, ମହଲ ଏବଂ ଅଟ୍ଟାଳିକାରେ ରାଜସ୍ଥାନୀଶୈଳୀର ଝଲକ ଦେଖିବାକୁ ମିଳେ । ଏହାର ଜଳବାୟୁ ମଧ୍ୟ ସତେଜତାଭରା । ପ୍ରାକୃତିକ ଶୀତଳତା ପର୍ଯ୍ୟଟକମାନଙ୍କୁ ଏହି ସହର ପ୍ରତି ଆକୃଷ୍ଟ କରେ । ସବୁଜିମା ଭରା ପାହାଡ଼, ସରୋବର-ଜଳାଶୟ, ଝରଣା, ବଣ ଏବଂ ବନ୍ୟଜୀବମାନଙ୍କ ଦୁନିଆ ଏଠାରେ ଅନନ୍ୟ । ରାଷ୍ଟ୍ରୀୟ ରାଜଧାନୀରେ ଥିବା ହେତୁ ଦ୍ରୁତଗତିରେ ଏହା ବିକଶିତ ହେଉଛି । କେବଳ ପର୍ଯ୍ୟଟନ ନୁହେଁ ଉଦ୍ୟୋଗ ଏବଂ ରୋଜଗାର କ୍ଷେତ୍ରରେ ମଧ୍ୟ ଅନେକ ସମ୍ଭାବନା ରହିଛି ଏଠାରେ । କାରଣ ସରିଷ୍କା ପରି ପର୍ଯ୍ୟଟନ କ୍ଷେତ୍ର ଏବଂ ଭିୱାଡ଼ି ଏବଂ ନିମ୍‌ରାଣା ପରି ଔଦ୍ୟୋଗିକ ହବ୍ ମଧ୍ୟ ଅଛି ଏଠାରେ । ଦେଶ ଏବଂ ଦୁନିଆର ଅନେକ ବଡ଼ ବଡ଼ କମ୍ପାନୀର ୟୁନିଟ୍ ଏଠାରେ ରହିଛି । ଏଠାରେ ଦେଖିବା ପାଇଁ ଐତିହାସିକ ଏବଂ ପ୍ରାକୃତିକ ମହତ୍ତ୍ୱ ଥିବା ଅନେକ ସ୍ଥଳ ରହିଛି ।

ମୋଗଲ ସାମ୍ରାଜ୍ୟର ପ୍ରାଧାନ୍ୟ ସମୟରେ ୧୭୭୦ ଖ୍ରୀଷ୍ଟାବ୍ଦରେ ରାଓ ରାଜା ପ୍ରତାପ ସିଂ ଅଲୱର ରାଜ୍ୟ ସ୍ଥାପନ କରିଥିଲେ । ସ୍ୱାଧୀନତା ପରେ ୧୯୪୮ ମାର୍ଚ୍ଚ ୧୮ ତାରିଖରେ ଏହା ବୃହଦ୍ ରାଜସ୍ଥାନ ସହ ମିଶ୍ରଣ ହେଲା ଏବଂ ଏହା ରାଜସ୍ଥାନ ପ୍ରଦେଶର ଏକ ଜିଲା ଭାବରେ ପରିଚିତ ହେଲା । ଅଲୱରର ଭପଙ୍ଗ ବାଦ୍ୟଯନ୍ତ୍ର ରାଜସ୍ଥାନୀ ଲୋକସଙ୍ଗୀତର ପ୍ରତୀକ । ଏହା ମେଓ୍ୱାତି

ପାରିଧି ପାଇଁ ଏହି ରାଜଭବନ ନିର୍ମାଣ କରାଇଥିଲେ । ବର୍ତ୍ତମାନ ଏହାକୁ ହୋଟେଲ୍ ସାରିସ୍କା ପ୍ୟାଲେସ୍ ଭାବରେ ନାମିତ କରାଯାଇଛି । ଏହା ବ୍ୟତୀତ ରାଜସ୍ଥାନ ପର୍ଯ୍ୟଟନ ବିକାଶ ନିଗମର ଏକ ହୋଟେଲ୍ 'ଟାଇଗର୍ ଡେନ୍' ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ ।

## ଭୀମଙ୍କ ଗଦାରେ ତିଆରି ହୋଇଗଲା ପାଣ୍ଡୁପୋଲ

ଅଲୱର ଠାରୁ ୬୦ କିଲୋମିଟର ଦୂର ସାରିସ୍କା ଘାଟିରେ ଥିବା ପାଣ୍ଡୁପୋଲ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହେବା ସହ ଐତିହାସିକ ଏବଂ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । କିମ୍ବଦନ୍ତୀ ଅନୁଯାୟୀ, ଅଜ୍ଞାତବାସ ସମୟରେ କୌରବମାନଙ୍କ ସେନା ସେମାନଙ୍କୁ ଘେରାଇ ନେଇଥିଲେ । ଏହି ସମୟରେ ଭୀମ ନିଜର ଗଦା ଦ୍ୱାରା ପାହାଡ଼ ଭିତର ଦେଇ ରାସ୍ତା ତିଆରି କରିଦେଇଥିଲେ । ସେବେଠାରୁ ଏହା ପାଣ୍ଡୁପୋଲ ନାମରେ ବିଖ୍ୟାତ । ଭାଦ୍ରବ ମାସରେ ପାଣ୍ଡୁପୋଲରେ ଏକ ବିରାଟ ମେଳା ହୁଏ । ଏଠାକୁ ଯିବା ପାଇଁ ସାରିସ୍କା ପ୍ରକଳ୍ପ ଠାରୁ ୨୦ କିଲୋମିଟର ପକ୍କା ସଡ଼କ ଅଛି ।

## ସିଲିସେଢ୍ ହ୍ରଦରେ ନୌକାବିହାର

ପର୍ବତ ମଝିରେ ସୁରମ୍ୟ ସ୍ଥାନ ସିଲିସେଢ୍ । ଏହା ଅଲୱର ସହର ଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ଏକ ଟାପୁ ଉପରେ ମହାରାଜା ବିନୟ ସିଂହ ୧୮୪୪ ମସିହାରେ ନିଜ ରାଣୀ ଶିଳାଦେବୀଙ୍କ ପାଇଁ ଛ' ମହଲା ବିଶିଷ୍ଟ ମହଲ ନିର୍ମାଣ କରାଇଥିଲେ । ଆଜି ଏହି ମହଲ ରାଜସ୍ଥାନ ପର୍ଯ୍ୟଟନ ବିକାଶ ନିଗମର ଲୋକପ୍ରିୟ ମୋଟେଲ୍ । ଘନ ଜଙ୍ଗଲ ଏବଂ ପାହାଡ଼ ଘେରା ଏହି ସରୋବର ନିକଟରେ ଥିବା କାରଣରୁ ଏହା ପର୍ଯ୍ୟଟକ ମାନଙ୍କର ଅତି ପ୍ରିୟ । ଏଠାରେ ନୌକାବିହାର ପାଇଁ ପେଡ଼ାଲ୍ ବୋଟ୍ ଉପଲବ୍ଧ ।

## ନୀମରାଣା ଦୁର୍ଗରେ ରାତ୍ରୀ ବିଶ୍ରାମ

ଅଲୱର ଠାରୁ ୭୩ କିଲୋମିଟର ଦୂରରେ ଥିବା ନୀମରାଣା ଆଜି ଇଣ୍ଡଷ୍ଟ୍ରିଆଲ୍ ହବ୍ ଭାବରେ ଜଣାଶୁଣା । ଏହାର ନୀମରାଣା ଦୁର୍ଗ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ୧୯୪୭ ପର୍ଯ୍ୟନ୍ତ ଏହି ଦୁର୍ଗ ଉପରେ ଚୌହାନ ରାଜପୁତମାନଙ୍କର ଅଧିକାର ଥିଲା । ବର୍ତ୍ତମାନ ଏହାକୁ ହେରିଟେଜ୍ ହୋଟେଲ୍‌ରେ ପରିବର୍ତ୍ତିତ କରିଦିଆ ଯାଇଛି । ନୀମରାଣଶ ସହରର ବିଶାଳ ବାମ୍ପି ମଧ୍ୟ ଏକ ଅନନ୍ୟ ଦର୍ଶନୀୟ ସ୍ଥଳ ।

## ସ୍ୱାଦିଷ୍ଟ କାଲାକନ୍ଦ

ଯେ କୌଣସି ସହରର ପରିଚୟ ଏହାର ସଂସ୍କୃତି ସହ ବିଶେଷ ବ୍ୟଞ୍ଜନ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ଅଲୱର କାଲାକନ୍ଦ ଏହାର ସବୁଠାରୁ ଲୋକପ୍ରିୟ ମିଷ୍ଟାନ୍ନ । ଏହା ବ୍ୟତୀତ ଅଲୱାର୍‌ର ମିଲ୍କ କେକ୍ ଏବଂ ମାୱାର ସ୍ୱାଦ ଅନ୍ୟ କେଉଁଠି ବି ମିଳେ ନାହିଁ । ଏଠାରେ ଅନେକ କାଲାକନ୍ଦ ଦୋକାନ ଅଛି ତେବେ ବାବା ଠାକୁର ଦାସ ଆଣ୍ଡ ସନ୍ସର ଲୋକପ୍ରିୟତା କିନ୍ତୁ ସବୁଠାରୁ ଅଧିକ । ଏହି ମିଷ୍ଟାନ୍ନ ଦୋକାନର ଶାଖା କାଲାକାନ୍ଦ ମାର୍କେଟ୍, ଘଣ୍ଟାଘର, ଗଣପତି ଟାୱାର, ନଙ୍ଗଲି ସର୍କଲ୍, ଭିୱାଡ଼ି-ରାଜଗଡ଼ ଆଦି ସ୍ଥାନରେ ରହିଛି । ସହରରେ ରାଜସ୍ଥାନୀ ବ୍ୟଞ୍ଜନର ସ୍ୱାଦ ନେବା ପାଇଁ ଅନେକ ଭଲ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ରହିଛି ।

## ହୋପ୍ ସର୍କଲ୍‌ରେ ସପିଂ

କମ୍ପାନୀ ବାଗ୍ ନିକଟସ୍ଥ ଚର୍ଚ୍ଚ ରୋଡ୍‌ରେ ସେଣ୍ଟ ଆଣ୍ଡୃଜ୍ ଚର୍ଚ୍ଚ ଅଛି । ତେବେ ଅଧିକାଂଶ ସମୟରେ ଏହା ବନ୍ଦ ଥାଏ । ଏହି ରାସ୍ତାର ଶେଷ ଭାଗରେ ରହିଛି ହୋପ୍ ସର୍କଲ୍ । ଏଠାରେ ଆପଣ ସପିଂର ମଜା ନେଇପାରିବେ । ଏହା ସହରର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର । ସହରର ସବୁଠାରୁ ବ୍ୟସ୍ତ ସ୍ଥାନ ହୋଇଥିବା କାରଣରୁ ରାସ୍ତା ସବୁବେଳେ ଜାମ୍ ଥାଏ । ଏହାର ଚାରିପାଖରେ ଅନେକ ଦୋକାନ ଅଛି । ହୋପ୍ ସର୍କଲ୍‌ରୁ ସାତଟି ରାସ୍ତା ବାହାରିଛି । ଏ ମଧ୍ୟରୁ ଗୋଟିଏ ଘଣ୍ଟାଘରର କାଲାକନ୍ଦ ବଜାର ପର୍ଯ୍ୟନ୍ତ ଯାଇଛି । ଗୋଟିଏ ରାସ୍ତା ତ୍ରିପୋଲିଆ ଗେଟ୍ ଦେଇ ସିଟି ପ୍ୟାଲେସ୍ ପର୍ଯ୍ୟନ୍ତ ଯାଇଛି । ଏହି ରାସ୍ତାରେ ସରାଫ୍ ବଜାର ଏବଂ ବଜାଜ୍ ବଜାର ରହିଛି । ଏହି ଦୁଇ ବଜାର ସୁନା-ରୂପା ଆଭୂଷଣ ପାଇଁ ଖ୍ୟାତ । ପାରମ୍ପରିକ ଶୈଳିର ଆଭୂଷଣ ପାଇଁ ପୁରୁଣା ବଜାର ଅଧିକ ଉପଯୋଗୀ । ଏହାର ହାତ ତିଆରି ରୂପା ପାଉଁଜି ଖୁବ୍ ଖ୍ୟାତ ।







## ମୁସି ମହାରାଣୀ କି ଛତ୍ରୀ

ଅଲୱାରର ଆକର୍ଷକ ଏବଂ କଳାତ୍ମକ ସ୍ମାରକ ମଧ୍ୟରେ ରହିଛି ମୁସି ମହାରାଣୀ କି ଛତ୍ରୀ । ଏହା ସିଟି ପ୍ୟାଲେସ୍ ପଛପଟେ ଥିବା ସାଗର ସରୋବର କୂଳରେ ରହିଛି । ଧଳା ମାର୍ବଲର ଅଶୀଟି ସ୍ତମ୍ଭ ଉପରେ ନିର୍ମିତ ହୋଇଛି ଏହି ଛତ୍ରୀ ବା ଗମ୍ବୁଜ । ରାଜପୁତ ସ୍ଥାପତ୍ୟର ଏହା ଅନନ୍ୟ ନିଦର୍ଶନ । ମୁସି ମହାରାଣୀ ଏବଂ ତତ୍କାଳୀନ ମହାରାଜା ବଖ୍‌ତାବର ସିଂଙ୍କ ସ୍ମୃତିରେ ଏହି ଛତ୍ରୀ ଖୁବ୍ କଳାତ୍ମକ । ଏଠାକୁ ଆସିଲେ ଏହି ଛତ୍ରୀ ଦେଖିବାକୁ ଭୁଲନ୍ତୁନି ।

## ରାଓ ରାଜା ପ୍ରତାପ ସିଂଙ୍କ ସହର

ମୋଗଲ ସାମ୍ରାଜ୍ୟର ପ୍ରାଧାନ୍ୟ ସମୟରେ ୧୭୭୦ ଖ୍ରୀଷ୍ଟାବ୍ଦରେ ରାଓ ରାଜା ପ୍ରତାପ ସିଂ ଅଲୱର ରାଜ୍ୟ ସ୍ଥାପନ କରିଥିଲେ । ସ୍ୱାଧୀନତା ପରେ ୧୯୪୮ ମାର୍ଚ୍ଚ ୧୮ ତାରିଖରେ ଏହା ବୃହଦ୍ ରାଜସ୍ଥାନ ସହ ମିଶ୍ରଣ ହେଲା ଏବଂ ଏହା ରାଜସ୍ଥାନ ପ୍ରଦେଶର ଏକ ଜିଲା ଭାବରେ ପରିଚିତ ହେଲା । ଅଲୱରର ଭପଙ୍ଗ ବାଦ୍ୟଯନ୍ତ୍ର ରାଜସ୍ଥାନୀ ଲୋକସଙ୍ଗୀତର ପ୍ରତୀକ । ଏହା ମେଓ୍ୱାତି ସଙ୍ଗୀତ ସଂସ୍କୃତିର ଐତିହ୍ୟ । ବଲିଉଡ୍‌ରେ ମଧ୍ୟ ଏହି ସଙ୍ଗୀତର ବିଶେଷ ପ୍ରାଧାନ୍ୟ ରହିଛି । ଏକଦା ଜନୈକ ମେଓ୍ୱାତି ବ୍ୟକ୍ତି ବିଡି ବିକ୍ରି କରୁଥିଲେ ଏବଂ ଗ୍ରାହକମାନଙ୍କୁ ଆକର୍ଶିତ କରିବା ପାଇଁ ଭପଙ୍ଗ ବଜାଉଥିଲେ । ସେଇ ସମୟରେ ଅଭିନେତା ଦିଲୀପ କୁମାର ଅଲୱରରେ ସୁଟିଂ କରୁଥିଲେ । ଏହି ବାଦନ ଶୁଣି ସେ ଏତେ ପ୍ରଭାବିତ ହୋଇଥିଲେ ଯେ ମେଓ୍ୱାତି କଳାକାରଙ୍କୁ ନିଜ ସହ ମୁମ୍ବାଇ ନେଇଆସିଥିଲେ । ସେ ହିଁ ବଲିଉଡ୍ ସିନେମାରେ ଅନେକ ପାର୍ଶ୍ୱ ସଙ୍ଗୀତ ପ୍ରସ୍ତୁତ କରିଥିଲେ । ଭପଙ୍ଗ ବାଦନ କରୁଥିବା ସମସ୍ତ କଳାକାର ମୁସଲମାନ ହୋଇଥିଲେ ମଧ୍ୟ ଶିବ ଭକ୍ତ । କାରଣ ସେମାନେ ବିଶ୍ୱାସ କରନ୍ତି ଏହି ବାଦ୍ୟଯନ୍ତ୍ରର ଉତ୍ପତ୍ତି ଶିବଙ୍କ ଡମ୍ବରୁଠାରୁ ହୋଇଥିଲା ।

## ଗୋଟିଏ କୋଷରେ ଦୁଇଟି ତରବାରୀ

ଗୋଟିଏ କୋଷରେ ଦୁଇଟି ତରବାରୀ ଥିବା କେବେ ଦେଖିଛନ୍ତି କି? ଏହି ଆଶ୍ଚର୍ଯ୍ୟ ପ୍ରକାର ଜିନିଷ ଆପଣ ଦେଖିପାରିବେ ସିଟି ପ୍ୟାଲେସ୍ ସଂଗ୍ରହାଳୟରେ । ଏଠାରେ ନିକଟରେ ପ୍ରଦର୍ଶିତ ହୋଇଥିବା ଆୟୁଧ ସାମଗ୍ରୀ ମଧ୍ୟରେ ମୁଖ୍ୟ ଆର୍ଷଣ ଥିଲା ଏହି ଅନନ୍ୟ ତରବାରୀ କୋଷ । ଏହି କୋଷରେ ଏକାସମୟରେ ଦୁଇଟି ତରବାରୀ ରହି ପାରିବ । ଏହାବ୍ୟତୀତ ଏହି ସଂଗ୍ରହ ମଧ୍ୟରେ ରହିଛି ଆକବର୍ ଏବଂ ଜାହାଙ୍ଗୀର୍‌ଙ୍କ ତରବାରୀ । ଅଲୱର ସହରର ଗୌରବ ଏହି ସିଟି ପ୍ୟାଲେସ୍ । ୧୭୯୩ ମସିହାରେ ରାଜା ବଖ୍‌ତାବର ସିଂ ଏହି ପ୍ୟାଲେସ୍ ନିର୍ମାଣ କରାଇଥିଲେ । ଆପଣ ଏହି ସଂଗ୍ରହାଳୟର ସୌନ୍ଦର୍ଯ୍ୟର ତାରିଫ୍ ନକରି ରହି ପାରିବେନି । ଏହାର ରାଜସୀୟ ସାଜସଜ୍ଜା ସାମଗ୍ରୀ, ଦୁର୍ଲଭ ପାଣ୍ଡୁଲିପି ଏବଂ ତୈଳଚିତ୍ରର ସଂଗ୍ରହ ରହିଛି । ଏହି ସଂଗ୍ରହାଳୟର ଅନ୍ୟତମ ମୁଖ୍ୟ ଆକର୍ଷଣ ବିଶ୍ୱର କ୍ଷୁଦ୍ରତମ କୋରାନ୍ । ଏକ ଛୋଟ ଡବା ମଧ୍ୟରେ ଏକ ଇଞ୍ଚ ଲମ୍ବା ଏବଂ ଏକ ଇଞ୍ଚ ଚୌଡ଼ାର ମୁଦ୍ରିତ କୋରାନ୍ ରହିଛି । ସିଟି ପ୍ୟାଲେସ୍‌ର ଗୋଟିଏ ଅଂଶରେ ରାଜକୀୟ ସଂଗ୍ରହାଳୟ ରହିଛି । ଏହା ସକାଳ ୧୦ରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରୁହେ । ଏହି ପ୍ରାସାଦ ପଛପଟେ ଏକ ଛୋଟ କିନ୍ତୁ ସୁନ୍ଦର ଜଳାଶୟ ରହିଛି । ଏହାର ପାଣି ପାଖରେ ପହଞ୍ଚିବା ପାଇଁ କଳାତ୍ମକ ସିଡ଼ି ରହିଛି । ଆପଣ ଚାହିଁଲେ ଏଠାରେ ପାରା ଏବଂ ମାଛଙ୍କୁ ଖାଦ୍ୟ ଦେଇପାରିବେ ।

## ଏଠାରେ ନଜରବନ୍ଦୀ ଥିଲେ ସଲୀମ୍

ମୋଗଲ ସମ୍ରାଟ ଆକବର ନିଜ ବିଦ୍ରୋହୀ ପୁତ୍ର ସଲିମ୍‌ଙ୍କୁ ଏଠାରେ ବନ୍ଦୀ କରି ରଖିଥିଲେ । ଏହି ସ୍ଥାନ ଥିଲା ଅଲୱରର ବାଲା କିଲ୍ଲା । ଅଲୱରର ବାଲା କିଲ୍ଲା ଖୁବ୍ ବିଖ୍ୟାତ୍ ଓ ସୁନ୍ଦର । ତେବେ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରେ ଜାହାଙ୍ଗୀରଙ୍କ ବନ୍ଦୀ ସ୍ଥଳ ଭାବରେ । ଇତିହାସ ଅନୁଯାୟୀ, ଆକବରଙ୍କ ଶାସନ ସମୟରେ ଯୁବରାଜ ସଲାମ୍ ବା ଜାହାଙ୍ଗୀର ପିତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ନିଜସ୍ୱ ସୈନ୍ୟବାହିନୀ ଦ୍ୱାରା ଆକବରଙ୍କ ସେନା ଉପରେ ଆକ୍ରମଣ କରିଥିଲେ । ଆକବରଙ୍କ ସେନା ଦ୍ୱାରା ସେ ପରାସ୍ତ ହେବା ପରେ ଆକବର ତାଙ୍କୁ ଅଲୱାରର ଏହି କିଲ୍ଲାରେ ନଜରବନ୍ଦୀ କରି ରଖିଥିଲେ ।

ଧାରାବଳୀ ପର୍ବତରେ ଥିବା ଏହି କିଲ୍ଲାର ପ୍ରାଚୀର ପର୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସମୁଦ୍ରପତ୍ତନରୁ ୧୦୦୦ ଫୁଟ ଉଚ୍ଚରେ ଥିବା ଏହି କିଲ୍ଲା ୫ କିଲୋମିଟର ଦୀର୍ଘ ଓ ୧.୫ କିଲୋମିଟର ଚୌଡ଼ା । ୧୫୫୧ ଖ୍ରୀଷ୍ଟାବ୍ଦରେ ହସନ ଖାନ୍ ମେଓ୍ୱାତି ଏହି କିଲ୍ଲା ନିର୍ମାଣ କରିଥିଲେ । ଆଜି ମଧ୍ୟ ଏହାର ସୌନ୍ଦର୍ଯ୍ୟ ଅନେକାଂଶରେ ରହିଛି । ଏହି କିଲ୍ଲା ମୋଗଲ, ମରାଠା, ଜାଠ୍, ଖଞ୍ଜାଦାସ ଓ ପଠାନମାନଙ୍କ ଅଧୀନକୁ ଯାଇଛି । ୧୭୭୫ରେ କଛବାହା ରାଜପୁତ୍ର ପ୍ରତାପ ସିଂହ କିଲ୍ଲାକୁ ନିଜ କବ୍‌ଜାକୁ ନେଇଥିଲେ ।

ଏହି ଦୁର୍ଗରେ ପ୍ରବେଶ କରିବା ପାଇଁ ପାଞ୍ଚଟି ଦ୍ୱାର ରହିଛି । ୧୫ଟି ବିଶାଳ ଏବଂ ୫୧ଟି ମଧ୍ୟମଧରଣର ସ୍ତମ୍ଭ ରହିଛି ଏଥିରେ । କିଲ୍ଲାରେ ଅନେକ କୁମ୍ଭଜ ରହିଛି । ଗୁଳି ଚଳାଇବା ପାଇଁ ଦୁର୍ଗ ମଧ୍ୟରେ ୪୪୬ଟି ଛିଦ୍ର ରହିଛି । ଦୁର୍ଗରେ ଜଳମହଲ, ନିକୁମ୍ଭ ମହଲ, ସଲୀମ୍ ସାଗର, ସୁରଜ କୁଣ୍ଡ ଏବଂ ଅନ୍ୟ କେତେକ ମନ୍ଦିରର ଅବଶେଷ ଦେଖିବାକୁ ମିଳେ । କିଲ୍ଲାର ପ୍ରାଚୀର ପାହାଡ଼ ପର୍ଯ୍ୟନ୍ତ ଲାଗିଛି, ଏହା ଆଗରେ ରହିଛି ସବୁଜିମା ଭରା ପ୍ରାନ୍ତର । ଆପଣ ସକାଳ ୬ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଏଠାକୁ ଯାଇପାରିବେ ।

## କମ୍ପାନୀବାଗ୍ ରେ ଶିମଳାର ସୌନ୍ଦର୍ଯ୍ୟ

ଅଲଧ୍ୱର ଭ୍ରମଣ ସମୟରେ ବିଶ୍ରାମ ଚାହିଁଲେ ଏଥିପାଇଁ ସବୁଠାରୁ ପ୍ରକୃଷ୍ଟ ସ୍ଥାନ କମ୍ପାନୀ ବାଗ୍ । ଏଠାରେ ବିଶ୍ରାମ ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଶୋଭା ମଧ୍ୟ ଉପଭୋଗ କରିପାରିବେ ଆପଣ । ମହାରାଜା ଶ୍ୟୋଦାନ ସିଂହଙ୍କ ଦ୍ୱାରା ୧୮୬୮ରେ ନିର୍ମିତ ହୋଇଥିବା ଏହି ଉଦ୍ୟାନ ଅଲୱର୍‌ର ଏକ ସୁନ୍ଦର ସାର୍ବଜନୀନ ଉଦ୍ୟାନ । କମ୍ପାନୀ ବାଗ୍‌ରେ ଥିବା ଶିମଳା ନିଜର ଅନନ୍ୟ ସୌନ୍ଦର୍ଯ୍ୟ ପାଇଁ ଖ୍ୟାତ । ଏହା ରଙ୍ଗ ବେରଙ୍ଗୀ ଫୁଲରେ ପ୍ରସ୍ତୁତ ଲତା ମଣ୍ଡପରେ ଅଚ୍ଛାଦିତ । ଅନେକ ସ୍ଥାନରେ ଫୁଆରା ଲାଗିଛି । ଉଦ୍ୟାନ ମଧ୍ୟରେ ଏହି ସ୍ଥାନ ଶୈଳ ନିବାସ ଶିମଲାର ଭ୍ରମ ସୃଷ୍ଟି କରେ ।

## ଆକର୍ଷକ ଫତେଗଞ୍ଜ ଗମ୍ବୁଜ

ଅଲୱର ରେଲ ଷ୍ଟେସନ୍ ନିକଟରେ ରହିଛି ପାଞ୍ଚ ମହଲା ବିଶିଷ୍ଟ ଫତେଗଞ୍ଜ ଗମ୍ବୁଜ । ଏହି ଚାରିକୋଣିଆ ଗମ୍ବୁଜର ପ୍ରତିଟି ମହଲାରେ ଚାରିପଟେ ଦ୍ୱାର ଏବଂ ଝରକା ରହିଛି । ପ୍ରଥମ ମହଲାର କବାଟ ଏବଂ ଛାତରେ ସୁନ୍ଦର ଅକ୍ଷରରେ କୋରାନ୍‌ର ପଂକ୍ତି ଲେଖା ଯାଇଛି । ଗମ୍ବୁଜ ଉପରେ ପଦ୍ମ ପାଖୁଡ଼ା ମଧ୍ୟରେ ଚାରେଟି ସ୍ତମ୍ଭ ବିଶିଷ୍ଟ ଏକ କ୍ଷୁଦ୍ର ଛତ୍ରୀ ରହିଛି । ଏହି ସ୍ମାରକ ବର୍ତ୍ତମାନ ପ୍ରତ୍ନତତ୍ତ୍ୱ ବିଭାଗର ତତ୍ତ୍ୱାବଧାନରେ ରହିଛି ।

## ପରିତ୍ୟକ୍ତ କିଲ୍ଲାକୁ ରାତିରେ ଯିବା ମନା

ଅଲୱରର ରାଜଗଡ଼ ତହସିଲରେ ଥିବା ଭାନଗଡ଼ ଏବଂ ଅଜବଗଡ଼ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଗୁରୁତ୍ତ୍ୱପୂର୍ଣ୍ଣ । ଲୋକମାନଙ୍କର ବିଶ୍ୱାସ ଭାନଗଡ଼ କୌଣସି ଅଜ୍ଞାତ କାରଣରୁ ଉଜୁଡ଼ି ଯାଇଥିଲା । କିଛି ବର୍ଷ ପରେ ଲୋକମାନେ ଏହାକୁ ଭୁତ କିଲ୍ଲା କହିବା ଆରମ୍ଭ କଲେ । ଏବେ ଲୋକେ ଏଠାକୁ ଆସିବାକୁ ଡରୁଛନ୍ତି । କିଲ୍ଲା ଭିତରେ ପ୍ରବେଶ କରିବା ପରେ ଡାହାଣ ପଟେ କିଛି ମହଲର ଧ୍ୱଂସାବଶେଷ ଦେଖିବାକୁ ମିଳେ । ସୂର୍ଯ୍ୟୋଦୟ ପୂର୍ବରୁ ଏବଂ ସୂର୍ଯ୍ୟାସ୍ତ ପରେ ଏଠାରେ କାହାକୁ ରହିବାର ଅନୁମତି ଦିଆ ଯାଏ ନାହିଁ ।

## ସରିସ୍କାର ବାଘ

ଅଲୱର ଠାରୁ ୩୫ କପିଲୋମିଟର ଦୂରରେ ରହିଛି ସରିସ୍କା ଅଭୟାରଣ୍ୟ । ଏହା ପ୍ରକୃତିପ୍ରେମୀ ଏବଂ ବନ୍ୟଜୀବପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ କେନ୍ଦ୍ର । ଏହି ଅଭୟାରଣ୍ୟରେ ବାଘ, ହରିଣ, ସମ୍ବର, ନୀଳଗାଇ,ବାର୍‌ହା ଏବଂ ଅନ୍ୟ ବନ୍ୟଜୀବ ସ୍ୱଚ୍ଛନ୍ଦରେ ବୁଲୁଥିବା ଦେଖିବାକୁ ମିଳିବ । ଏଠାକୁ ପର୍ଯ୍ୟଟକଙ୍କ ନିୟମିତ ଯାତାୟତ ରହିଥାଏ । ଏଠାରେ ପର୍ଯ୍ୟଟକଙ୍କ ରହଣୀ ପାଇଁ ମଧ୍ୟ ଭଲ ବ୍ୟବସ୍ଥା ରହିଛି । ଏଠାରେ ଏକ ସୁନ୍ଦର ରାଜଭବନ ଅଛି । ମହାରାଜା ଜୟସିଂହ ଡ୍ୟୁକ୍ ଅଫ୍ ଏଡ଼ିନ୍‌ବର୍ଗଙ୍କ

## କେବେ କେମିତି ଯିବେ

ଅଲୱର ବୁଲିଯିବା ପାଇଁ ସବୁଠାରୁ ଭଲ ସମୟ ଅକ୍ଟୋବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ । ଆପଣ ମୌସୁମୀ ଋତୁରେ ବି ଅଲୱାର ବୁଲିବାକୁ ଯାଇପାରିବେ । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଟର୍ ନ୍ୟାସନାଲ୍ ଏୟାର୍‌ପୋର୍ଟ ଏହାର ନିକଟତମ ବିମାନ ବନ୍ଦର । ଜୟପୁର ଠାରୁ ଏହାର ଦୂରତା ପ୍ରାୟ ୧୬୨ କିଲୋମିଟର ଏବଂ ଦିଲ୍ଲୀରୁ ପ୍ରାୟ ୧୬୬ କିଲୋମିଟର । ଜୟପୁର ଏବଂ ଦିଲ୍ଲୀ ବ୍ୟତୀତ ଉତ୍ତର ଭାରତ ଏବଂ ରାଜସ୍ଥାନର ଅନେକ ସହରରୁ ଏଠାକୁ ରେଳ ଯୋଗାଯୋଗ ରହିଚି । ସଡ଼କ ମାର୍ଗରେ ଦିଲ୍ଲୀ, ଜୟପୁର ଏବଂ ଭରତପୁର ସମେତ ଅନ୍ୟ ପ୍ରମୁଖ ସହରରୁ ଏଠାକୁ ଯାଇହୁଏ ।

ସଙ୍ଗୀତ ସଂସ୍କୃତିର ଐତିହ୍ୟ । ଅଭିନେତା ଦିଲୀପ କୁମାର ମେଓ୍ୱାତି ଭପଙ୍ଗ କଳାକାରଙ୍କୁ ବଲିଉଡ୍‌କୁ ଆଣିଥିଲେ ଓ ବଲିଉଡ୍ ସିନେମାରେ ଅନେକ ପାର୍ଶ୍ୱ ସଙ୍ଗୀତରେ ଭପଙ୍ଗ ବାଦ୍ୟ ରହିଛି । ଭପଙ୍ଗ ବାଦନ କରୁଥିବା ସମସ୍ତ କଳାକାର ମୁସଲମାନ ହୋଇଥିଲେ ମଧ୍ୟ ଶିବ ଭକ୍ତ । କାରଣ ସେମାନେ ବିଶ୍ୱାସ କରନ୍ତି ଏହି ବାଦ୍ୟଯନ୍ତ୍ରର ଉତ୍ପତ୍ତି ଶିବଙ୍କ ଡମ୍ବରୁଠାରୁ ହୋଇଥିଲା ।



















ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୯ ଫେବୃଆରୀ ୨୦୨୬ । ସୋମବାର

# ଜଳିଗଲା ଘର



**ବୈଶିଙ୍ଗା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ବ୍ଲକ ଅଧୀନ ଦହିକୋଟୀ ପଞ୍ଚାୟତର ଆଗଡା ଗ୍ରାମରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିବା ଫଳରେ ପ୍ରାୟ ଦୁଇ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଘର ମାଲିକ ଯୁଗେଶ୍ୱର ଗାଆଣ ଘରେ ନଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା । କିଭଳି ନିଆଁ ଲାଗିଲା ଏହାର କାରଣ ଜଣାପଡ଼ିନାହିଁ । ଖବର ପାଇ ବେତନଟୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ କୌଣସି ଆସବାବ ପତ୍ର ରକ୍ଷା ପାଇନଥିଲା । ଯୁଗେଶ୍ୱରଙ୍କ ଘର ପୋଡିଯିବା ଫଳରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନଥିବାରୁ ପ୍ରବଳ ଥଣ୍ଡାରେ କେଉଁଠି ମୁଣ୍ଡ ଗୁଞ୍ଜିବେ ତାହା ଆଲୋଚ୍ୟ ବିଷୟ ପାଲଟିଛି । ତାଙ୍କୁ ଯଥାଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ୧୪ ବର୍ଷରୁ କମ୍ ଖୋ ଖୋ ପ୍ରତିଯୋଗୀ ଚୟନ

**କେନ୍ଦ୍ରାପଡା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସିଏମ୍ ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଖୋ ଖୋ ପ୍ରତିଯୋଗିତା ପାଇଁ ଖେଳାଳୀ ଚୟନ ଶନିବାର କେନ୍ଦ୍ରାପଡା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ରୀଡାବିତମାନେ ଭାଗନେଇ ଥିଲେ । ପାଖାପାଖି ୨୫୦ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରୁ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରିଥିବା ବାଳକ ବିଭାଗରେ ୧୦ଟି ଦଳ ବାଳିକା ବିଭାଗରେ ୬ଟି ଦଳ ମନୋନୀତ ହୋଇଥିଲେ। ସେମାନେ ସିଏମଟ୍ରଫି ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା କ୍ରିଡା ଅଧିକାରୀ ଲୋକାନାଥ ପାଣିଗ୍ରାହୀ ଯୋଗଦେଇଥିଲେ । କ୍ରୀଡା ଶିକ୍ଷକ ଶଶାଙ୍କ ସାହୁ, ମନୋଜ ସାହୁ, ଅମ୍ବିକା ମହାନ୍ତି, ଦେବେନ୍ଦ୍ର ସାହୁ, ସାବେରା ଖାନମ, ଯାମୁନି ଦାସ, ଅଶୋକ କୁମାର ସାହୁ, ସସ୍ମିତା ପଣ୍ଡା, ଚନ୍ଦନ ମହାପାତ୍ର, ଜ୍ୟୋତିର୍ମୟୀ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ପୁନର୍ବାସ ପକ୍ଷରୁ ଡାଇଲଗ୍ ଅନ୍ ଡିଜାବିଲିଟି

**କେନ୍ଦ୍ରାପଡା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଡାଇଲଗ ଅନ୍ ଡିଜାବିଲିଟି ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାଧପୁରସ୍ଥିତ ପୁନର୍ବାସର ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଏହି ଡାଇଲଗ ସିରିଜର ଦ୍ୱିତୀୟ ପର୍ଯ୍ୟାୟ ଆୟୋଜିତ ହୋଇଥିଲା । କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଓ ଡିଜାବିଲିଟି ସେଲର ନିର୍ଦ୍ଦେଶକ ଡ଼ ତନ୍ମୀ ଶାମ୍ଭ ଯୋଗଦେଇ ନୂତନ ଭିନ୍ନକ୍ଷମ ଆଇନର ବିବିଧ ଧାରା ଓ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ଆଇନରେ କିପରି ଶିକ୍ଷା ଓ ତାଲିମ, ନିଯୁକ୍ତି, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟିକ ବିଚାର ପରି ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ସୁନିଶ୍ଚିତ କରାଯାଇଛି ସେସବୁ ଦିଗଗୁଡିକୁ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର ସମ୍ପାଦକ ନୃସିଂହ ଚରଣ ରାଉତ, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ନାୟକ, ଶେଷଦେବ ଦାସ, ସୁଶ୍ରୀ ନାୟକ, ହରିବନ୍ଧୁ ସିଂ, ବିଷ୍ଣୁ ପ୍ରସାଦ ଜେନା, ଅମୀୟ ଜେନା ପ୍ରମୁଖ ଅଂଶଗ୍ରହଣ କରି ଏହି ନୂତନ ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କିତ ଆରପିଡବ୍ଲ୍ୟୁଡି ଆକ୍ଟ, ୨୦୧ ସମ୍ପର୍କିତ ବିଭିନ୍ନ ପ୍ରଶ୍ନମାନ ଉଥାପନ କରିଥିଲେ । ପୁନର୍ବାସ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଭ୍ୟ ଆଇନଜୀବୀ ଜ୍ୟୋତିରଞ୍ଜନ ନାୟକ, ସଂଜୀବ କୁମାର ଜେନା, କେଦାରନାଥ ବାରିକ, ରାଜେନ୍ଦ୍ର ମହାପାତ୍ର ଓ ଧରଣୀଧର ସେଠି ପ୍ରମୁଖ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ସାଂସ୍କୃତିକ ଉତ୍ସବ

**ରାଜନଗର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନ ସୁଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ପ୍ରବନ୍ଧଲିଖନ ପ୍ରତିଯୋଗୀତା, ଦ୍ୱିତୀୟ ଦିନ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ସୁଲେଖଚନ୍ଦ୍ର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ବୈଲୋଚନ ଦାସ, ମୁଖ୍ୟବକ୍ତା ଭାବେ ସୁବାଷଚନ୍ଦ୍ର ଜେନା ଯୋଗଦେଇ ଛାତ୍ରଛାତ୍ରୀମାନେ ପାରଦର୍ଶିତା ଲାଭ ପାଇଁ ପ୍ରତ୍ୟେକ କାର୍ଯ୍ୟରେ ନିଷ୍ଠା ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ତୃତୀୟ ଦିନରେ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଟୋଇ ପତ୍ରିକାର ସମ୍ପାଦକ କବି ଶତ୍ରୁଘନ ତରାଇ, ମୁଖ୍ୟବକ୍ତା ଭାବେ ଶିଶୁ ମନ୍ଦିରର ସଂପାଦକ ଦୋଳଗୋବିନ୍ଦ ଜେନା ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରିଥିଲେ । ବିଭିନ୍ନ ଦିନରେ ବିଚାରକ ଭାବେ ପ୍ରଗତି ସେଠୀ, ସୁଶାନ୍ତ ବେହେରା, ପଦ୍ମାଳୟା ପଣ୍ଡା, ସଲୋନୀ ଘଡାଇ ଯୋଗଦେଇଥିଲେ । ଶିଶୁ ମନ୍ଦିରର ଗୁରୁଜୀ ବିଭୂତି ଲେଙ୍କା, କୈଳାସ ଜେନା, ଗୁରୁମା ଶୁଭଶ୍ରୀ ଲେଙ୍କା, ସ୍ୱପ୍ନାରାଣୀ ସାହୁ, ପ୍ରଣତି ସ୍ୱାଇଁ, କବିତା ବାରିକ, ଜ୍ୟୋତିର୍ମୟୀ ସାହୁ, ସଙ୍ଗୀତା ସାହୁ, ଦେବାଂଜଳୀ ପରିଡା, ସୁଦୀପ୍ତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କଲେଜରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ପକ୍ଷରୁ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନ ଓ ଗଣିତ ବିଭାଗ ଅଧ୍ୟାପକ ଅରବିନ୍ଦ ପାଣ୍ଡବଙ୍କ ପୌରହିତ୍ୟରେ ଶୁକ୍ରବାର ଆୟୋଜିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମହାକାଳପଡା ଶ୍ରୀଶ୍ରୀ ବାୟାବାବା କଲେଜ ଗଣିତ ଅଧ୍ୟାପକ ଡ଼ ଅରୁଣ କୁମାର ତ୍ରିପାଠୀ ମାର୍ଗଦର୍ଶକ ଭାବେ ଯୋଗଦେଇ ଫଜି କୌଶଳ ସହିତ ଏକ ବହୁମୁଖୀ ଅବଜେକ୍ଟିଭ୍ ଲିନିୟର ପ୍ରୋଗ୍ରାମିଂ ସମସ୍ୟା (ଏମଓଏଲପିପି)ରେ, ଅନିଶ୍ଚିତ କିମ୍ବା ଅସ୍ପଷ୍ଟ ତଥ୍ୟ (ଅସ୍ପଷ୍ଟ ସୀମା/ଲକ୍ଷ୍ୟ) ଫଜି ସେଟ୍ ବ୍ୟବହାର କରି ସମାଧାନ କରାଯାଏ ଶୀର୍ଷକ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ ପାଣ୍ଡବ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଫଜି କୌଶଳ ସହିତ ଏମଓଏଲପିପି ଗଣନା କରିବା ସଦସ୍ୟତା କାର୍ଯ୍ୟ, ରାଙ୍କିଂ ପଦ୍ଧତି ବ୍ୟବହାର କରି ସ୍ପଷ୍ଟ ସମସ୍ୟାରେ ରୂପାନ୍ତରିତ କରି ଅସମ୍ପୂର୍ଣ୍ଣ ଗୁଣାଙ୍କ ଏବଂ ଦ୍ୱନ୍ଦ୍ୱପୂର୍ଣ୍ଣ ଲକ୍ଷ୍ୟଗୁଡ଼ିକୁ ପରିଚାଳନା କରିବା ବିଷୟରେ ବୁଝାଇବା ସହ ମୁଖ୍ୟ ପଦ୍ଧତିଗୁଡ଼ିକ ମଧ୍ୟରେ ଜିମରମ୍ୟାନଙ୍କ ଫଜି ପ୍ରୋଗ୍ରାମିଂ, ଫଜି ସ୍ଲାକ୍ ଭେରିଏବଲ୍ସ, ପରେଟୋର ସର୍ବୋତମ ସମାଧାନ ଖୋଜିବା ପାଇଁ ଫଜି ସଂଖ୍ୟା ପଦ୍ଧତି ବ୍ୟବହାର ବିଷୟରେ କହିଥିଲେ । ଅସ୍ପଷ୍ଟ ସଂଖ୍ୟା ପ୍ରତିନିଧିତ୍ୱ ଅସ୍ପଷ୍ଟ ଲକ୍ଷ୍ୟ ପରିବର୍ତ୍ତନ, ହ୍ରାସ କରି କ୍ରିସ୍ପ ମଡେଲ ବିଷୟରେ ଅଲୋଚନା କରିଥିଲେ । ସେହିପରି ସଧାରଣ ଗଣନା ପଦ୍ଧତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ଜିମରମ୍ୟାନଙ୍କ ଆପ୍ରୋଚ୍ ଫଜି ରାଙ୍କିଂ ପଦ୍ଧତି ଦୁଇ-ପର୍ଯ୍ୟାୟ ପଦ୍ଧତି ଓଜନ ଯୁକ୍ତ ସଦସ୍ୟତା ପଦ୍ଧତି ଉପରେ ଅଲୋକପାତ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁବାଶିଷ ମିଶ୍ର, ରସାୟନ ବିଭାଗ ମୁଖ୍ୟ ଡ଼ ସୁନିଲ ପ୍ରଧାନ କହିଥିଲେ ଯେତେବେଳେ ଆମେ କାହାର ଉଚ୍ଚତା ପଚାରନ୍ତି, ଆମେ ଏକ ନିର୍ଦ୍ଦିଷ୍ଟ ମାପ ପରିବର୍ତ୍ତେ ଓଲମ୍ବାନ୍ତ ପରି ଏକ ସାଧାରଣ ଉତର ପାଇଥାଉ । ସେହିପରି, ପାଣିପାଗ ବିଷୟରେ ଆଲୋଚନା କରିବା ସମୟରେ, ଆମେ ସଠିକ୍ ତାପମାତ୍ରା ଦେବା ପରିବର୍ତ୍ତେ ଓଗରମନ୍ତ କିମ୍ବା ଓଥଣ୍ଡାନ୍ତ ପରି ଶବ୍ଦ ବ୍ୟବହାର କରିବାକୁ ପ୍ରବୃତ୍ତ କରିଥାଉ । ଏହି ଅସ୍ପଷ୍ଟତାକୁ ଆମେ ଓଫଜିନେସ୍ଓ ବୋଲି କହୁଛୁ ବୋଲି ସେ ଆଲୋଚନା କରିଥିଲେ । ଶେଷରେ ଗଣିତ ଅଧ୍ୟାପକ ନିର୍ମଳ ସାହୁ ଧନ୍ୟବାଦ ଦେଇଥିଲେ ।

## ୧୨ରେ ଭାରତ ବନ୍ଦ

**ଢେଙ୍କାନାଳ,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମେହେନ୍ତର ସଂଗଠନ କାର୍ଯ୍ୟାଳୟଠାରେ କେନ୍ଦ୍ରୀୟ ଶ୍ରମିକ ସଂଗ ସ୍ୱାଧିନ ଫେଡେରେସନ୍ ଆହ୍ୱାନରେ ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱରେ ଗଣକନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଆସନ୍ତା ୧୨ ତାରିଖରେ ହେବାକୁ ଯାଉଥିବା ଭାରତ ବନ୍ଦ ଉପରେ ଆଲୋଚନା କରାଯାଇଥିଲା । ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ ବାତିଲ୍ କରିବା, ସ୍କିମ୍ ୱାର୍କରଙ୍କୁ ଶ୍ରମିକ ମାନ୍ୟତା, ବିଦ୍ୟୁତ୍ ବିଲ୍ ୨୦୨୫ ପ୍ରତ୍ୟାହାର ସର୍ବନିମ୍ନ ମଜୁରୀ, ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରଳୀକରଣ କରାଯିବା, କୃଷି ଶ୍ରମିକମାନଙ୍କୁ ବର୍ଷସାରା କାମ ଯୋଗାଇଦେବା ସହିତ ମନରେଗା ଯୋଜନାର ମଜୁରୀ ୬୦୦ଟଙ୍କା ବୃଦ୍ଧି କରାଯାଉ, ରାଷ୍ଟ୍ରାୟତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର, ପୁରୁଣା ପେନ୍‌ସନ୍ ଲାଗୁ କରିବା, ଫସଲର ଏମ୍‌ଏସ୍‌ପି ଲାଗୁ କର, ମଣ୍ଡିକୁ ସୁବ୍ୟବସ୍ଥା କରାଯାଉ, ପ୍ରତି ବ୍ଲକ୍‌ରେ କୋଲ୍ ଷ୍ଟଲ୍ ପ୍ରତିଷ୍ଠା କରିବା ପ୍ରଭୃତି ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା । ଭାରତ ବନ୍ଦରେ ଜିଲ୍ଲାରେ ଥିବା ସମସ୍ତ ବିଦ୍ୟାଳୟ, ବସ୍ ଚଳାଚଳ, ଦୋକାନ ବଜାର ବନ୍ଦ କରିବାକୁ ଜିଲ୍ଲାର ଜନଗଣଙ୍କୁ ଏଥିରେ ସାମିଲ୍ ହେବାକୁ ଆହ୍ୱାନ ଦିଆଯାଇଥିଲା । ଉକ୍ତ କନ୍‌ଭେନ୍‌ସନ୍‌ରେ ସର୍ବଜ୍ଞ ସାହୁ, ହରପ୍ରିୟା ସ୍ୱାଇଁ, ରବି ରଥ, ସ୍ୱରୂପାନନ୍ଦ ଦାସ, ସରୋଜ ଶତପଥୀ, ବିନୟ କୁମାର ସାହୁ, ସମଲେଶ୍ୱରୀ ପ୍ରସାଦ ମଲ୍ଲିକ, ଅରୁଣ କୁମାର ସାହୁ, ଆଭାସି ଯୋଗେ ଲକ୍ଷ୍ମୀଧର ସାହୁ, ଅଯୋଧ୍ୟା ସାହୁ, କମଳା ସାହୁ ଓ ବାବୁଲି ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷକ କର୍ମଶାଳା ପାଲଟିଲା ରଣକ୍ଷେତ୍ର

**କାମାକ୍ଷାନଗର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଦ୍ୟାଳୟରେ ଚାଲିଥିଲା ପାଞ୍ଚଦିନିଆ ଶିକ୍ଷକ କର୍ମଶାଳା । ଭାଗ ନେଇଥିଲେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ । କିନ୍ତୁ ହଠାତ୍ କର୍ମଶାଳା ପାଲଟିଲା ରଣାଙ୍ଗନ । ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଉପସ୍ଥିତ ଶିକ୍ଷକଙ୍କୁ ଲୁହା ହତା ଧରି ମାରିବାକୁ ଉଠିଲେ ମଦ୍ୟପ ଶିକ୍ଷକ । ଏଭଳି ଘଟଣା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ କୁମୁସି ଉଚ୍ଚ ବିଦ୍ୟାଳୟରେ । କୁମୁସି ଉଚ୍ଚ ବିଦ୍ୟାଳୟରେ ଆଜିକୁ ପାଞ୍ଚଦିନ ଧରି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କର୍ମଶାଳା



ଆୟୋଜିତ ହେଉଥିଲା । କିନ୍ତୁ ଏହି ସମୟରେ କୁମୁସି ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଶିକ୍ଷକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରିବାକୁ ଉଦ୍ୟମ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଦ୍ୟପ ଶିକ୍ଷକ ଜଣକ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ କିଛି ସମୟ ପାଇଁ କର୍ମଶାଳା ପରିସରରେ ଆତଙ୍କ ସୃଷ୍ଟି କରିଥିଲେ । ଏପରିକି ହାତରେ ଲୁହା ହତା ଧରି ଆକ୍ରମଣ ଉଦ୍ୟମ କରିବା ଭିଡିଓ ସାମ୍ନାକୁ ଆସିଛି । ଏହାକୁ ନେଇ ଉପସ୍ଥିତ ଶିକ୍ଷକମାନେ ସାଆନ୍ଦା ଫାଣ୍ଡିରେ ଜଣାଇବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଧରି ଫାଣ୍ଡିକୁ ନେଇଥିଲେ ଏବଂ ପରେ ଛାଡ଼ି ଦେଇଛନ୍ତି । କିନ୍ତୁ ଘଟଣା ସମ୍ପର୍କରେ ପରଜଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ଏ ନେଇ ମଦ୍ୟପ ଶିକ୍ଷକଙ୍କ ବିରୋଧରେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି । ପ୍ରଧାନଶିକ୍ଷକ ଜଣକ ଫେରାର ହୋଇଯାଇଛନ୍ତି ।

## ନିରାକାରପୁରରୁ ନିଖୋଜ ନବବଧୂ ଠାବ

**ପିପିଲି,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଣାସରୁ ନିଖୋଜ, ନିରାକାରପୁରରୁ ଠାବ । ପୁରୀ ଜିଲ୍ଲା କଣାସ ବ୍ଲକ କାଳିଘଡି ଗାଁର ରାମଚନ୍ଦ୍ର ସାମନ୍ତରାୟଙ୍କ ଝିଅ ଦୁଇମାସ ତଳେ ରବୀନ୍ଦ୍ର ଚମ୍ପତିଙ୍କୁ ବିବାହ କରିଥିଲେ । ନବବଧୂ ଜଣକ ନଦୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରିନଥିଲେ । ତାଙ୍କୁ ଶାଶୂ ଘର ଲୋକେ ମାରିଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ । ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ଏବଂ ପରିବାର ଲୋକେ ଚୁପୁରୁଲୁଙ୍ଗିରେ ଟାୟାର ଜାଳି ରାସ୍ତା ମଧ ଅବରୋଧ କରିଥିଲେ । ପୋଲିସ ବହୁ ଖୋଜାଖୋଜି କରିବା ପରେ ନିରାକାରପୁରରୁ ନିଖୋଜ ନବବଧୂକୁ ଠାବ କରିଥିବା ସୂଚନା ମିଳିଛି ।

## ଅଟୋକୁ ଜାଳିଦେଲେ ଦୁର୍ବୃତ୍ତ



**ବାଲିପାଟଣା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିପାଟଣା ଥାନା ଅଧୀନ ବନମାଳୀପୁର ଶେଖପାଟଣା ବଜାରରେ ଶନିବାର ବିଳମ୍ବିତ ରାତିରେ ଗୋଟିଏ ପାସେଞ୍ଜର ଅଟୋରେ ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି । କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହେଉଛି । ଅଟୋ ଚଳାଇ ପରିବାର ଗୁଜୁରାଣ ମେଣ୍ଟାଉଥିବା ଚାଳକ ଶେଖପାଟଣାର ନାରାୟଣ ସାହୁ ଦୁଃଖରେ ଭାଙ୍ଗି ପଡିଛନ୍ତି । ଡ୍ରାଇଭର ମହାସଂଘ ଉପସ୍ଥିତିରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ବନମାଳୀପୁର ଶେଖପାଟଣାର ନାରାୟଣ ସାହୁ ୯ ବର୍ଷ ତଳେ ଗୋଟିଏ ପାସେଞ୍ଜର ଅଟୋ କିଣିଥିଲେ । ଗାଡ଼ି ନଂ ଓଡି ୧୧ ଇ ୪୫୭୯ରେ ବନମାଳୀପୁରରୁ ଭୁବନେଶ୍ୱର ଯାତ୍ରୀ ଏବଂ ସାମଗ୍ରୀ ନେବା ଆଣିବା କରୁଥିଲେ । ଅଟୋରୁ ଯାହା ରୋଜଗାର ହୁଏ ସେଥିରେ ନାରାୟଣଙ୍କ ପତ୍ନୀ ଓ ୩ ଝିଅଙ୍କୁ ମିଶାଇ ପରିବାରରେ ୫ ପ୍ରାଣୀ କୁଟୁମ୍ବଙ୍କ ଗୁଜୁରାଣ ମେଣ୍ଟାଉଥିଲେ । ଶନିବାର ଅଟୋ ଭଡା ପରେ ରାତିରେ କୁଶଭଦ୍ରା ନଦୀବନ୍ଧ ତଳ ଶେଖପାଟଣା ମା ବାସୁଳେଇଙ୍କ ମନ୍ଦିର ନିକଟ ରାସ୍ତାକଡ଼ରେ ସବୁଦିନ ଭଳି ଅଟୋ ରଖି ଘରକୁ ଚାଲି ଯାଇଥିଲେ । ରାତି ପ୍ରାୟ ସାଢେ ଗୋଟେରେ ଅଟୋରେ ନିଆଁ ଲାଗି ଜଳୁଥିବା ଦେଖି ଜନୈକ ସ୍ଥାନୀୟ ବ୍ୟକ୍ତି ନାରାୟଣଙ୍କୁ ଜଣାଇଥିଲେ । ସେ ଆସିବା ବେଳକୁ ଅଟୋ ହୁ ହୁ ହୋଇ ଜଳୁଥିଲା । ଅଟୋ ସାରା ନିଆଁ ବ୍ୟାପି ଭୟଙ୍କର ରୂପ ନେଇଥିଲା । ଫଳରେ ନିଆଁ ଲିଭାଇବା ସମ୍ଭବ ହୋଇନଥିଲା । କିଛି କ୍ଷଣ ଭିତରେ ଅଟୋଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା । ରବିବାର ସକାଳୁ ନାରାୟଣ ସ୍ଥାନୀୟ ଡ୍ରାଇଭର ମହାସଂଘର ସହଯୋଗ ଲୋଡ଼ିଛନ୍ତି । ଅଟୋ ପୋଡି ପାଉଁଶ ହୋଇ ଯିବା ପରେ ନାରାୟଣ ରୋଜଗାର ହରାଇ ବେସାହାରା ହୋଇପଡିଛନ୍ତି । ପୋଲିସ ତୁରନ୍ତ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଡ୍ରାଇଭର ମହାସଂଘ ତରଫରୁ ଦାବି ହୋଇଛି ।

## ମା'ତାରାତାରିଣୀଙ୍କ ହୁଣ୍ଡି ଖୋଲିଲା



**ପୁରୁଷୋତ୍ତମପୁର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀ ମନ୍ଦିର ପରିସରରେ ଥିବା ୪ଟି ହୁଣ୍ଡିକୁ ଶନିବାର ମନ୍ଦିର ପରିଚାଳନା କମିଟି, ଜିଲ୍ଲା ପ୍ରଶାସନ, ପୋଲିସ ଓ ସେବାୟତଙ୍କ ଉପସ୍ଥିତରେ ଖୋଲା ଯାଇଛି । ଗତ ଅକ୍ଟୋବର ମାସ ୧୬ତାରିଖରେ ହୁଣ୍ଡି ଖୋଲା ଯାଇଥିଲା । ତା'ପରେ ଦୀର୍ଘଚାରି ମାସପରେ ମନ୍ଦିରର ହୁଣ୍ଡି ଖୋଲାଯାଇଥିବା ବେଳେ ମନ୍ଦିର ଦାୟିତ୍ୱରେ ଥିବା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା ମନ୍ଦିର ଦାୟିତ୍ୱ ନେବା ପରେ ଏହି ହୁଣ୍ଡିକୁ ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଖୋଲାଯାଇଛି । ହୁଣ୍ଡିରୁ ଟଙ୍କା, ସୁନା, ରୂପା ଓ ବିଦେଶୀ ଟଙ୍କା ମଧ ବାହାରିଛି । ହୁଣ୍ଡିରୁ କାନାଡ଼ାର ଡଲାର କିଛି ମିଳିଥିବା ବେଳେ ହୁଣ୍ଡିରୁ ଏକ ଛୋଟ ବାଳକର ଚିଠି ମଧ ମିଳିଛି । ଚିଠିରେ ବାଳକ ଜଣଙ୍କ ନିଜକୁ ସଦବୁଦ୍ଧି ଦିଅ ବୋଲି ଲେଖିବା ସହ ନିଜ ଭାଇ, ମା ଓ ବାପାଙ୍କୁ ଭଲରେ ରଖିବା ସହ ତାଙ୍କ ଶତ୍ରୁକୁ ତାଙ୍କ ନିକଟରୁ ହଟାଇବା ଲାଗି ଚିଠି ଲେଖିଛନ୍ତି । ହୁଣ୍ଡିରୁ ୧୩ ଲକ୍ଷ ୫୧ହଜାର ୭୯୬ଟଙ୍କା ବାହାରିଥିବା ବେଳ ସୁନା ହାର, ସୁନା ବିସ୍କୁଟ ଓ ରୁପା ବାହାରିଛି । ଏହି ଗଣତିରେ ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର, ପୂଜକ ବାପୁଜୀ ରଣା ସମେତ ସମସ୍ତ ତହସିଲ କର୍ମଚାରୀ ଓ ସେବାୟତ ଉପସ୍ଥିତ ରହିଥିଲେ ।

## ଏଚ୍‌ଆଇଭି ପୀଡ଼ିତଙ୍କ ପାଖରେ ପହଞ୍ଚିଲେ ବିଡ଼ିଓ



**ଜଳେଶ୍ୱର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର କୋଟିକୋଟି ଟଙ୍କା ସ୍ୱାସ୍ଥ୍ୟ ସେବାରେ ବ୍ୟୟ କରୁଥିବା ବେଳେ ଜନପ୍ରତିନିଧିଙ୍କ ଦାୟିତ୍ୱ ହିନତା, ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅବହେଳା ଓ ସଚେତନତା ଅଭାବରୁ ଏଡ଼ସ୍ ଭଳି ମାରାତ୍ମକ ରୋଗ ସମୂଳେ ବିନାଶ ହୋଇପାରୁନାହିଁ । ଲକ୍ଷ୍ମଣନାଥ ପଞ୍ଚାୟତ, ଗୋପ ଗାଁର, ପୁରୁଣା ଭିଡ଼ିଓ ହଲ ପଛରେ ଦଦରା କୁଡିଆରେ ଦୁଃସାଧ ସଂକ୍ରାମକ ରୋଗ ଏଡ଼ସର ପୀଡ଼ିତ ହୋଇ ଜୀବନ ମରଣ ସଂଗ୍ରାମ କରୁଛନ୍ତି ଏକାକୀ ଯୁବକ । ଜଳେଶ୍ୱର ପୌରାଞ୍ଚଳ ଅଧିନ ସାଶନବାର୍ଡର ଟ୍ରାକ୍ଟର ଚାଳକ ପପୁ ପାଣିଗ୍ରାହୀ (୪୬) ୩ବର୍ଷ ଧରି ଗୋପ ଗାଁରେ ବସବାସ କରୁଥିବା ବେଳେ, ସ୍ତ୍ରୀ ଓ ଏକ ମାତ୍ର ପୁଅର ମୃତ୍ୟୁ ଘଟି ସାରିଛି । ଏକମାତ୍ର ଝିଅ ଶାଶୁଘରେ ଥିବାବେଳେ ସାଥିରେ ରହୁଥିବା ମହିଳା ସଂକ୍ରମଣ ଭୟରେ ଛୁ ମାରିଛି । ଖାଦ୍ୟ, ଚିକିତ୍ସା ବିନା ଅନ୍ଧାରୁଆ ଜରିପାଲ ଘେରା କୁଡ଼ିଆରେ ଦୟନୀୟ ଅବସ୍ଥାରେ ଯୁବକ ମୃତ୍ୟୁ ସହ ଲଢୁଥିବା ବେଳେ ରୋଗ ଭୟରେ କେହି ପାଖ ମାଡୁ ନାହାଁନ୍ତି । ସୂଚନା ପାଇଁ ଜଳେଶ୍ୱରର ଜନଦରଦି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଘୋଷ ଓ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ସହଯୋଗରେ ପୀଡ଼ିତ ଘରେ ପହଞ୍ଚି ଦୁଃଖ କଥା ଶୁଣିଥିଲେ । ଆକ୍ରାନ୍ତ ଯୁବକ ଅଞ୍ଚଳରେ ଖିଅର ହେବା ବୁଲା ବୁଲି କରୁଥିବା ବେଳେ ଏକରୁ ଅଧିକ ବ୍ୟକ୍ତି ଆକ୍ରାନ୍ତ ହେବା ଆଶଙ୍କା କରାଯାଉଛି । ଅନ୍ୟ ପକ୍ଷରେ ଏଚ୍‌ଆଇଭି ସଂକ୍ରମିତ ରୋଗୀ କ୍ୟୁରିଣ୍ଟିନ୍ ସେଣ୍ଟରରେ ଚିକିତ୍ସିତ ହେବାକୁ ବ୍ୟବସ୍ଥା ଥିବା ବେଳେ ଏକାକୀ କେମିତି ଜନବସତିରେ ରହୁଛନ୍ତି ତାହା ସ୍ୱାସ୍ଥ୍ୟ ବିଭାଗର ପାରିଲା ପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏସମ୍ପର୍କରେ ସିଡିଏମଓ ଓ ସ୍ଥାନୀୟ ଚିକିତ୍ସାଧିକାରୀ ଅବଗତ ଥିଲେ ମଧ ଗୁରୁତ୍ୱ ଦେଉ ନାହାଁନ୍ତି । ବିଡ଼ିଓ ଦୁଃଖଦ ଘଟଣା ସମ୍ପର୍କରେ ଅବଗତ ହେବା ସହିତ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଛନ୍ତି । ପ୍ରଶାସନ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରିବା ସହିତ ଅସହାୟ ଯୁବକଙ୍କୁ ସରକାରୀ ଯୋଜନାରେ ସାମିଲ୍ କରାଯିବା ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଚିକିତ୍ସା ଅପେକ୍ଷାରେ ଅସହାୟ ମହିଳା



**ଜଳେଶ୍ୱର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେତେକଙ୍କ ଦାୟିତ୍ୱ ହୀନତା ଯୋଗୁଁ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ ସଫଳ ହୋଇପାରୁନାହିଁ । ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ପଞ୍ଚାୟତ, ଗୋପ ଗାଁର ବାସୁଳୀ ଠାକୁର ରାଣୀ ପୀଠ ନିକଟ, ସବିତା ହାଁସଦା (୪୬)ନାମକ, ମହିଳା ନିଆଁରେ ପୋଡ଼ି ଚିକିତ୍ସା ଅଭାବରୁ ଦୟନୀୟ ଅବସ୍ଥାରେ କୁଡ଼ିଆରେ ପଡ଼ି ରହିଛି । ବାଦ୍ରା ହାଁସଦାଙ୍କ ସ୍ତ୍ରୀ ମକର ସଂକ୍ରାନ୍ତିରେ ରୋଷେଇ କରୁଥିବା ବେଳେ ଅସାବଧାନତା ଯୋଗୁଁ ଶାଢ଼ୀରେ ନିଆଁ ଲାଗି ଜଳି ଯାଇଥିଲେ । ତାଙ୍କୁ ଗୁରୁତର ଭାବେ ଜିକେ ଭଟ୍ଟର ହସ୍ପିଟାଲ ପ୍ରାଥମିକ ଚିକିତ୍ସା ପରେ, ବାଲେଶ୍ୱର ରେମୁଣା ସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅର୍ଥାଭାବରୁ ସମ୍ପୂର୍ଣ୍ଣ ସୁସ୍ଥ୍ୟ ନହୋଇ ଘରକୁ ଫେରିବା ପରେ କଦଳୀ ପତ୍ର ଉପରେ ତାଙ୍କି ହୋଇ ମହିଳା ଜଣକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଏଭଳି ସମୟରେ ତା'ର ସ୍ୱାମୀ ପଳେଇ ଥିବାବେଳେ ଦଗ୍ଧ ମହିଳା ଜଣକ ଚିକିତ୍ସା ଓ ଖାଦ୍ୟ ବିନା ଅସହାୟ ଅବସ୍ଥାରେ ସଢୁଛନ୍ତି । ଦୀନ ଦୁଃଖିଙ୍କୁ ପ୍ରତ୍ୟହ ଆହାର ଯୋଗାଉଥିବା ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ପ୍ରମୁଖ ସଦସ୍ୟ ସମାଜସେବୀ ହରିଶଙ୍କର ପଣ୍ଡା ଉଚ୍ଚ ଚିକିତ୍ସା ଓ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ସାମାଜିକ ସଂଗଠନକୁ ନିବେଦନ କରିଛନ୍ତି ।

## ଦୁଇଟି ପ୍ରକଳ୍ପର ଶିଳାନ୍ୟାସ

**ମାହାଙ୍ଗା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ପଲ୍ଲିସାହି ପଞ୍ଚାୟତର ଦୁଇଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ ହୋଇଛି । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ପଲ୍ଲିସାହି ପଞ୍ଚାୟତ ଗସ୍ତ କରି ପ୍ରଥମେ ତୁଳସୀପୁର ଠାରେ କେନ୍ଦ୍ରାପଡା କେନାଲ ୬(ଙ) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିବା ପରେ ପଲ୍ଲିସାହି ଠାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପଲ୍ଲିସାହି ଠାରୁ ବଡଗୋଠ ରାସ୍ତାର ଶୁଭଶିଳାନ୍ୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜଳସଂପଦ ବିଭାଗ ଏସଡିଓ ରାଜେନ୍ଦ୍ର ପ୍ରସାଦ ମଲିକ, କନିଷ୍ଠଯନ୍ତ୍ରୀ କୁମୁଦ କୁମାର ବେହେରା, ଏସଡିଓ ଚିନ୍ମୟୀ ପଲେଇ, କନିଷ୍ଠ ଯନ୍ତ୍ରୀ ମାନସ ବେହେରା, ଆଇନଜୀବୀ ଗୌତମ ଶତପଥି, ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ମନୋରଞ୍ଜନ ନାୟକ, କିଶୋର ରାଉତ, ଅମୀୟ ରଞ୍ଜନ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ସତ୍ୟବାଦୀ ମହୋତ୍ସବ

**ସାକ୍ଷୀଗୋପାଳ,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ତୃତୀୟ ସଂଧ୍ୟାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ଡଃ.ସମ୍ବିତ ପାତ୍ର, ସମାଜସେବୀ ନିଶିକାନ୍ତ ମିଶ୍ରଙ୍କ ସହିତ ସତ୍ୟବାଦୀ ମହୋତ୍ସବର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ମହୋତ୍ସବର ସଭାପତି ତଥା ବିଧାୟକ ଶ୍ରୀ ମିଶ୍ର ସଭାପତି କରିଥିଲେ । ଅତିଥିମାନଙ୍କୁ ମହୋତ୍ସବର ସମ୍ପାଦକ ଦୀପକ ଶତପଥୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମହୋତ୍ସବ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ



ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଷୀରୋଦ ପ୍ରଧାନଙ୍କ ନେତୃତ୍ୱରେ ଷ୍ଟାର ଧମକାଇ ନୃତ୍ୟ ପରିବେଷଣ କରିଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପିକା କ୍ରିଏଟିଭ ଡ୍ୟାନ୍ସ ତରଫରୁ ନୃତ୍ୟ ପରିବେଷଣ କରିଥିଲେ । ସାକ୍ଷୀଗୋପାଳ ହାନା ତାଇକୁଣ୍ଡର ଛାତ୍ରଛାତ୍ରୀମାନେ କଳା ପ୍ରଦର୍ଶିତ କରିଥିଲେ । ଓଡିଶି ନୃତ୍ୟ ପରିବେଷଣ କରିଥିଲେ ସାଇ ସମୃଦ୍ଧି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ । ପରେ ପରେ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ସଂଳାପ ପରିବେଷଣ କରିଥିଲେ । ବିଳମ୍ବିତ ରାତିରେ ରୁକୁ ସୁନା ଓ ତାଙ୍କ ଟିମ୍ ଓସୋହିଲି ମିଶ୍ରଙ୍କ ଟିମ୍ ସଂଗିତ ପରିବେଷଣ କରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରେରଣା ପ୍ରତୀକ ସିଂ । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକା ଉପସ୍ଥିତ ରହିଥିଲେ । ସତ୍ୟବାଦୀର ସାମ୍ବାଦିକ କିଶୋର ମହାପାତ୍ର ଓ ଅଶୋକ ବେହେରାଙ୍କୁ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପରୀକ୍ଷା ପାଇଁ ସମୀକ୍ଷା

**ଯାଜପୁର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ହେବାକୁ ଥିବା ମ୍ୟାଟ୍ରିକ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ଼ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବିଭାଗର ସଚିବ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଯୋଗ ଦେଇଥିଲେ । ମ୍ୟାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ କିପରି ଶାନ୍ତିଶୃଙ୍ଖଳାର ସହ ବିନା କୌଣସି ବିଭ୍ରାଟରେ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ପାଇଁ ମୋଟ ୧୦ଟି ନୋଡାଲ କେନ୍ଦ୍ର ଏବଂ ୧୫୧ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା



କରାଯାଇଛି । ଯୁକ୍ତ ଦୁଇ ପରୀକ୍ଷା ପାଇଁ ଯାଜପୁର ଜିଲ୍ଲାରେ ମୋଟ ୭ଟି ପରୀକ୍ଷା ପରିଚାଳନା ସହ ୫୬ଟି ପରୀକ୍ଷା କେନ୍ଦ୍ର ଏହି ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକୁ ଏକ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିରୀକ୍ଷଣ କରାଯିବ । ପରୀକ୍ଷା ପରିଚାଳନା ହବଗୁଡିକରେ ସିସିଟିଭି ସ୍ଥାପନ କରାଯାଇଛି । ପ୍ରଶ୍ନପତ୍ର ଯେପରି ଲିକ୍ ନହୁଏ, ସେ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ପରୀକ୍ଷା କେନ୍ଦ୍ରଗୁଡିକରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷାର୍ଥୀ ଏବଂ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀ କୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ମୋବାଇଲ ପରୀକ୍ଷା ହଲ୍ ଭିତରକୁ ନେଇପାରିବେ ନାହିଁ ବୋଲି କଡା ନିର୍ଦ୍ଦେଶ ଦିଆଯାଇଛି । ଏହି ଆଭାସୀ ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସହ ବିଭିନ୍ନ କଲେଜ ଅଧକ୍ଷମାନେ ଉପସ୍ଥିତ ଥିଲେ ।

## ବିଦ୍ୟାଳୟର ପୁରସ୍କାର ବିତରଣ

**ମାହାଙ୍ଗା,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥିତ ଅରିଲୋ ଶାସନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶେଫାଳିକା ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଚୈତନ୍ୟ ଚରଣ ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ତଥା ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବା ଉଚିତ । ଏହାଦ୍ୱାରା ପ୍ରତିଯୋଗୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ହୋଇଥାଏ ବୋଲି କହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ସିଲ ଦେଇ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସଞ୍ଜିଦା ବେଗମ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଦୁର୍ଲ୍ଲଭ କିଶୋର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉର୍ମିଳା ପ୍ରଧାନ, ମଞ୍ଜୁଲତା ବେହେରା, ଟିକିଲି ଦେହୁରୀ, ସୁବାଷିନୀ ନାୟକ, କବିତା ଦେହୁରୀ, ଆସିକ ଅଲିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।

## ୧୨ରେ ଆସିବେ ସ୍ୱାମୀ ମୁକୁନ୍ଦାନନ୍ଦ

**ଯାଜପୁର,୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଧ୍ୟାତ୍ମିକ ଗୁରୁ ତଥା ଲେଖକ ସ୍ୱାମୀ ମୁକୁନ୍ଦାନନ୍ଦ ଚଳିତ ମାସ ୧୨ ଓ ୧୩ ତାରିଖ ଦୁଇଦିନିଆ ଯାଜପୁର ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଯାଜପୁରର ରାଧାଗୋବିନ୍ଦ ଧାମ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସଂସ୍କୃତି ଭବନରେ ସନ୍ଧ୍ୟା ୫.୩୦ରୁ ୮ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ । ଆଧୁନିକ ଜୀବନରେ ଚାପ, ଚିନ୍ତା, ଭୟ, ଅସ୍ଥିରତା ଓ ମାନସିକ ଦ୍ୱନ୍ଦ୍ୱରୁ ମୁକ୍ତି ପାଇଁ ସ୍ୱାମୀ ମୁକୁନ୍ଦାନନ୍ଦଜୀ ମାର୍ଗ ଦର୍ଶନ କରିବେ । ଶ୍ରୀମଦ୍ ଭଗବଦ୍ ଗୀତା, ଉପନିଷଦ, ନାରଦ ଭକ୍ତିସୂତ୍ର ସମ୍ପର୍କରେ ସ୍ୱାମୀଜୀ ବାଖ୍ୟା କରିବାର କାର୍ଯ୍ୟକ୍ରମ ରହିଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୯ ଫେବୃଆରୀ ୨୦୨୬ ● ସୋମବାର


## ରାସ୍ତା କାମରେ ଶିଶୁ ଶ୍ରମିକ ନିୟୋଜିତ

**କୁଜଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ କୁଜଙ୍ଗ-ବାଲିତୁଠ ମୁଖ୍ୟ ଯାତାୟାତ ପଥ ପାର୍ଶ୍ୱରେ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ କିମ୍ବା ଗ୍ରାମ ବିଭାଗ କେମିତି ଜାଣିପାରୁନି ବୋଲି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ତେବେ ସରକାରଙ୍କ ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକମାନେ କାମ କରିବା ଘଟଣା ଏବେ ବିଭାଗର ପରିଚାଳନା ପଦ୍ଧତିକୁ ପଦାରେ ପକାଉଛି। ଜିଲ୍ଲାରେ ଶିଶୁ ଶ୍ରମିକ କ୍ରମାଗତ ଭାବେ ପ୍ରାଣ ହରାଉଥିଲେ ସୁଦ୍ଧା ପ୍ରଶାସନର ଚେତା ପଶୁନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଏସଡିଓ ସୌଭାଗ୍ୟ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଦାଶଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନଥିଲେ। ସୂଚନା ଅନୁସାରେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ



ଥିବା କୁଜଙ୍ଗ ଏରସମାର ଜୀବନରେଖା କୁହାଯାଉଥିବା କୁଜଙ୍ଗ-ଚଟୁଆ ୭ କିମି ରାସ୍ତା ମରାମତି ଓ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ଜାରୀ ରହିଛି। ଏହି କାର୍ଯ୍ୟ ପାଇଁ ମୋଟ୍ ୪ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେଥି ମଧ୍ୟରୁ ପିଚୁ ୫ କିଲୋମିଟର ୩ ଶହ ମିଟର ଥିବା ବେଳେ କଂକ୍ରିଟ ରାସ୍ତାର ଦୈର୍ଘ୍ୟ ୧ କିମି ୮୦୨ ମିଟର ରହିଛି। ରାସ୍ତାର ଓସାର ୫.୫୦ ମିଟର ରହିଛି। ଏହି କ୍ରମରେ ଆଜି ଏହି ରାସ୍ତାର ବାଲିଆ ଠାରେ ଉଭୟ ପାର୍ଶ୍ୱରେ ୱାଲ୍ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ଏହି ନିର୍ମାଣ କାର୍ଯ୍ୟରେ କିଛି ଶିଶୁ ଶ୍ରମିକ ନିୟୋଜିତ ଥିବା ଦେଖିବାକୁ ମିଳିଥିଲା। ଶିଶୁ ଶ୍ରମିକ ମଧ୍ୟରୁ ଜଣଙ୍କ ବୟସ ୧୭ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ବୟସ ୧୬ ହୋଇଥିବା ସେ କହିଥିଲେ। ସେମାନଙ୍କ ଘର ଅନୁଗୁଳ ଜିଲ୍ଲା ପାଳଲହଡା ଅଂଚଳର ବୋଲି ସେମାନେ ସ୍ୱୀକାର କରିଥିଲେ। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ଏହି ଶିଶୁ ଶ୍ରମିକମାନେ କାମ କରୁଥିବା ପ୍ରକଳ୍ପ ହେଉଛି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ। ତେବେ ସେମାନେ କାମ କରିଥିବା କେମିତି ଜାଣି ପାରିଲା ନାହିଁ ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ। ଏଠାରୁ ସ୍ପଷ୍ଟ ଯେ ପ୍ରକଳ୍ପ କାର୍ଯ୍ୟ ସ୍ଥଳକୁ ଆସିନାହାନ୍ତି ବିଭାଗୀୟ ଯନ୍ତ୍ରୀ। ଅନ୍ୟପକ୍ଷରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ନିର୍ମାଣ ସ୍ଥଳ ହେଉଛି କୁଜଙ୍ଗ-ବାଲିତୁଠର ମୁଖ୍ୟ ଯାତାୟତ ପଥ। ଏହି ରାସ୍ତାର ପରଧି ଦେଇ ଦୈନନ୍ଦିନ ସରକାରଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀ ଯାତାୟତ କରୁଥିଲେ ସୁଦ୍ଧା କେମିତି ଦୃଷ୍ଟି ଆଢୁଆଳରେ ରହିଥିଲା। ଏ ସମ୍ପର୍କରେ ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ ସ୍ମୃତି ରେଖା ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ସେମାନେ ନିଜର ଜୀବିକା ପାଇଁ କାମ କରିପାରିବେ ବୋଲି କହିବା ସହ ଏହାର ତଦନ୍ତ କରାଯିବ କହିଥିଲେ।

## ଆରମ୍ଭରୁ ଝୁଣ୍ଟିଲାଣି ଅଷ୍ଟଶମ୍ଭୁ କରିଡ଼ର !

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୪ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଆଳି ଅଞ୍ଚଳରେ ପ୍ରାଚୀ ନଦୀ କୂଳରେ ଥିବା ଶିବ ମନ୍ଦିରଗୁଡ଼ିକୁ ନେଇ ଅଷ୍ଟଶମ୍ଭୁ କରିଡ଼ର କରାଯିବ ବୋଲି ଘୋଷଣା କରିଥିଲେ। ଏଥି ନିମନ୍ତେ ୨୪ କୋଟି ଟଙ୍କା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯିବ। ଏହାର ଭିତ୍ତି ପ୍ରସ୍ତର ସ୍ଥାପନ ଦିନ ରାତିରେ ଅଁଳ ପଂଚାୟତ ଅଷ୍ଟକବିଲେଶ୍ୱର ନିକଟରେ ଥିବା ପ୍ରାଚୀ କୂଳରେ ଜେସିବି ଲଗାଇ କାମ ହେଉଥିବା ବେଳେ ଏହାକୁ ସ୍ଥାନୀୟ ଲୋକ ପ୍ରତିନିଧି ତୀବ୍ର ବିରୋଧ କରିଥିଲେ। ଏହାର ଠିକାଦାର କିଏ, କାମ କିଏ କରୁଛି କିଛି ଜଣାନଥିବା ବେଳେ ହଠାତ କାମ କରିବାକୁ ନେଇ ଉଠିଥିଲା ବିବାଦ। ସ୍ଥାନୀୟ ପଂଚାୟତ, ଲୋକ ପ୍ରତିନିଧି ଓ ବିଧାୟକଙ୍କ ଅଡିଓ ଉକ୍ତ କାମକୁ ନେଇ ମୋବାଇଲରେ ଗୁଞ୍ଜି ଚାଲିଛି। କାମ ଆରମ୍ଭ ନ ହେଉଣୁ ବିବାଦ ଉପୁଜିଲାଣି। ଯାହାକୁ ନେଇ ଅଷ୍ଟଶମ୍ଭୁ କରିଡ଼ର କାମ କିଭଳି ହେବ ତାହା ଏବେ ନିଆଳିରେ ଚର୍ଚ୍ଚା। ଏହାର ଠିକାଦାର କିଏ, ସୂଚନା ଫଳକ ମହାଯାଇ ନଥିବା ବେଳେ କିଭଳି ଭାବରେ ଏହାର କାମ କରାଯାଉଛି। ସ୍ଥାନୀୟ ସରପଞ୍ଚଙ୍କ ବିରୋଧ ଓ ବିଧାୟକଙ୍କ ଜିଦ କାମ ପାଇଁ ବାଧା ଉପୁଜିବ ନାହିଁ ତ ?

## ମେଟ୍ରୋ ପ୍ରକଳ୍ପକୁ ନେଇ ବିଜେଡିର ପ୍ରତିବାଦ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ବଜେଟରେ କଟକ ସମେତ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଣଦେଖା କରାଯାଇଛି । ବଜେଟରେ ଓଡ଼ିଶା ମେଟ୍ରୋ ପ୍ରକଳ୍ପ ନିମନ୍ତେ ବ୍ୟୟ ବରାଦ ନାହିଁ। ଏହାର ପ୍ରତିବାଦ ଓ ବିରୋଧ କରି ରବିବାର ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମ ସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । କଟକ ମେୟର ତଥା ବିଜେଡ଼ି କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଯାଇଛି । କଟକ ବିଜୁ ଜନତା ଦଳ ପକ୍ଷରୁ କେନ୍ଦ୍ରୀୟ ଓ ରାଜ୍ୟ



ବିଜେପି ସରକାରଙ୍କ କଟକ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ବିଷୟରେ ପ୍ରତିବାଦ କରାଯାଇଛି । ଏଥି ସହିତ ବଜେଟରେ କଟକକୁ ଅବହେଳା କରାଯାଇଥିବାରୁ ବିଜେଡ଼ି ପକ୍ଷରୁ ମଧ ପ୍ରତିବାଦ କରାଯାଇଛି । ଏହି ଅବସରରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବିଜେଡ଼ି ପକ୍ଷରୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ ଅଭିଯୋଗରେ ଜଣେ ଅଟକ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ଅଁଳ ପଂଚାୟତର ଜଣେ ନାବାଳିକା ନିଆଳି ବଜାରରେ ଥିବା ଏକ ଲୁଗା ଦୋକାନରେ କାମକରନ୍ତି। ଉକ୍ତ ଥାନା ଅଧିନସ୍ତ ନୂଆ ଗାଁ ପଂଚାୟତ ମଝିଖଣ୍ଡ ଗ୍ରାମର ଜଣେ ମୁସଲିମ ସମ୍ପ୍ରଦାୟର ଜଣେ ଯୁବକ ନାବାଳିକାକୁ ଅପହରଣ କରିଥିବା ନେଇ ନିଆଳି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୬୬/ ୨୬ରେ ମାମଲା ରୁଜୁ କରି ବିଭିନ୍ନ ଜାଗାରେ ଚଢ଼ାଉ ଜାରି କରିଥିଲା। ଶନିବାର ରାତିରେ କଟକରୁ ଯୁବକକୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଛନ୍ତି। ନାବାଳିକାର ୧୬୧ ଓ ୧୬୪ ବୟାନ ନେବା ପରେ ଯୁବକକୁ କୋର୍ଟ ଚାଲାଣ କରାଯିବ। ସୂଚନାଥାଉ କି ନାବାଳିକା ଝିଅ ଜାଣି ସୁଧା ଲୁଗା ଦୋକାନରେ କିଭଳି କାମ କରାଉଥିଲେ ଦୋକାନୀ।

## ଖବରକାଗଜ ବିକ୍ରେତାଙ୍କ ବିୟୋଗ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀର ଖବରକାଗଜ ବିକ୍ରେତା ଦୁଃଖୀଶ୍ୟାମ ସାହୁଙ୍କର ୭୪ ବର୍ଷ ବୟସରେ ସ୍ଥାନୀୟ ମଠସାହି ସ୍ଥିତ ତାଙ୍କ ନିଜସ୍ୱ ବାସଭବନରେ ରବିବାର ପୂର୍ବାହ୍ନରେ ପରଲୋକ ଘଟିଛି। ରବିବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ନିକଟସ୍ଥ ସାକ୍ଷୀଗୋପାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପରିବାର ଲୋକ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦିର୍ଘ ୪୫ ବର୍ଷଧରି ସେ ଖବର କାଗଜ ବିକ୍ରିକୁ ରୋଜଗାରର ପ୍ରମୁଖ ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ସ୍ୱର୍ଗତ ସାହୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ପୁତ୍ରବଧୂ, ନାତି, ନାତୁଣୀ, ଝିଅ-ଜ୍ୱାଇଁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ ପୁଅ ମୁଖାଗ୍ନି ଦେଇଥିଲେ।ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ବରିଷ୍ଠ ସ୍ତମ୍ଭକାର ଦେବତିକ୍ତ ମିଶ୍ର, ସତ୍ୟବାଦୀର ସମସ୍ତ ସାମ୍ବାଦିକ ଓ ଖବର କାଗଜ ବିକ୍ରେତା ଗଭୀର ସମବେଦନା ଜଣାଇବା ସହ ଶ୍ରଦ୍ଧା ସୁମନ ଅର୍ପଣ ଅର୍ପଣ କରିଥିଲେ।

## ନାଟକ ମହୋତ୍ସବ ଉଦ୍‌ଯାପିତ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଅଗ୍ରଣୀ ନାଟ୍ୟ ସଂସ୍ଥା ଚଟରାଜ ସାଂସ୍କୃତିକ ଅନୁଷ୍ଠାନ ଭଦ୍ରକ ପକ୍ଷରୁ ନାଟ୍ୟ ମହୋତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଚାରିଦିନ ଧରି ସହିଦ ସ୍ମୃତି ଭବନରେ ନାଟକ ପରିବେଷଣ କରାଯାଇଥିଲା। ଶନିବାର ନାଟକ 'କୁହୁଡ଼ି' ଭୁବନେଶ୍ୱରର ପ୍ରମୁଖ ନାଟ୍ୟାନୁଷ୍ଠାନ ବିଦ୍ୟାଜନକ ପକ୍ଷରୁ ପରିବେଷିତ ହୋଇଥିଲା। ଗୋପିନାଥ ବାରିକ ନାଟ୍ୟ ରଚନା ଓ ଅବକାଶ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ବୃଦ୍ଧାବସ୍ଥାର ସଂକଟ ଏବଂ ଜରାନିବାସର କରୁଣ ଚିତ୍ରକୁ ନେଇ ଗତିଶୀଳ ଏହି ନାଟକ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା। ପୁଅ ଓ ବୋହୂର ଅବହେଳାର ଶିକାର ହୋଇଥିବା ଜଣେ ପିତାଙ୍କ ସଂଘର୍ଷକୁ କଳାକାର ମାନେ ଅତି ନିଖୁଣ ଭାବେ ଅଭିନୟ କରିଥିଲେ। ସମାଜରେ ପିତା ମାତାଙ୍କ ପ୍ରତି ଥିବା ଦାୟିତ୍ୱ ବୋଧକୁ ଏହି ନାଟକ ଏକ ଶକ୍ତି ଶାଳୀ ବାର୍ତ୍ତା ଦେଇଛି। ଆମେ ସମସ୍ତେ ଦୌଡୁଛୁ ସଫଳତା, ସୁଖ ଏବଂ ଭବିଷ୍ୟତ ପଛରେ। କିନ୍ତୁ ଆମେ ଛାଡି ଯାଉଛୁ ସେଇ ମଣିଷ ମାନଙ୍କୁ ଯେଉଁମାନେ ଆମକୁ ଚାଲିବା ଶିଖାଇଥିଲେ। କୁହୁଡ଼ି କେବଳ ଏକ ନାଟକ ନୁହେଁ, ଏହା ଆଜିର ସମାଜର ଏକ ନଗ୍ନ ସତ୍ୟ। ଏହା ସେହି ବାପାଙ୍କର କାହାଣୀ, ଯିଏ ପୁଅର ସୁଖ ପାଇଁ ନିଜର ସବୁ କିଛି ଦାନ କରି ଦେଲେ କିନ୍ତୁ ପ୍ରତିବାଦରେ ପାଇଲେ 'ଜରାନିବାସ'ର ଏକ ନିଃସଙ୍ଗ କୋଠରୀ। ପୁଅ, ବୋହୁ ଏବଂ ପିତାଙ୍କ ମଧ୍ୟରେ ଥିବା ମାନସିକ ସଙ୍ଘର୍ଷର ଜୀବନ୍ତ ଚିତ୍ରଣ ଏଥିରେ ପ୍ରତିଫଳିତ ହୋଇଛି।

## ଉତ୍କଳ ସମ୍ମିଳନୀର ସାଧାରଣ ଅଧିବେଶନ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲାର ଶ୍ରୀକୃଷ୍ଣ ମଣ୍ଡପଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ଅଧିବେଶନ ରବିବାର ଶେଷ ହୋଇଛି। ରାଜ୍ୟର କୋଣ ଅନୁକୋଣରୁ ଶତାଧିକ ପ୍ରତିନିଧି ଏହି ସଭାରେ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ଅଦ୍ୱୈତ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ ଉତ୍କଳ ସମ୍ମିଳନୀ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭା ଆରମ୍ଭରେ ମୁଖ୍ୟ ଅତିଥି ଭାବରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ସମ୍ପର୍କରେ ଅନେକ ଆଲୋଚନା କରାଯିବା ସହ ଓଡ଼ିଆ ଭାଷାକୁ ସରକାରୀ ଭାବେ ସମସ୍ତ କାର୍ଯ୍ୟରେ ବ୍ୟବହାର କରିବାକୁ ଦାବି କରାଗଲା। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ଶାଖା ସଭାପତି ଡା. ବୈଦ୍ୟନାଥ ସାହୁ, ସମ୍ପାଦକ ହାଡିବନ୍ଧୁ ମହାଖୁଡ଼, ରାଜ୍ୟ କମିଟି ସଭ୍ୟ ପ୍ରଶାନ୍ତ କୁମାର ସାହୁ, ଉପ ସଭାପତି ବିମଳ ଷଡ଼ଙ୍ଗୀ, ଉଷା ରାଣୀ ମହାନ୍ତି, ସାଧାରଣ ସମ୍ପାଦକ ରବିନ୍ଦ୍ର ମିଶ୍ର, ଗଜପତି ଜିଲ୍ଲାର ଭାରତ ଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବହୁ ବାଦାନୁବାଦ ପରେ ପୁରୁଣା କମିଟିକୁ ଆଉ ଗୋଟିଏ ଟର୍ମ (ତିନି ବର୍ଷ) ପାଇଁ ପୁନଶ୍ଚ ଦାୟିତ୍ୱ ଦିଆଗଲା। ଶେଷରେ ଦଶପଲ୍ଲା ସମ୍ପାଦକ ଶ୍ରୀ ମହାଖୁଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଲଟିଲା ଚାଉଳ ବୋଝେଇ ଟ୍ରକ

**ମୁରିବାହାଲ:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ୫୯ନଂ ଜାତୀୟ ରାଜପଥ ଗୁରୁଣ୍ଡା ଏବଂ ଭୋଇପଡା ମଝି ବୁଲାଣିଠାରେ ଏକ ଚାଉଳ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଛି। ସେ ରାୟପୁରରୁ ୩୫ଟନ ଚାଉଳ ନେଇ ଆନ୍ଧ୍ରପ୍ରଦେଶ ଯାଉଥିବାବେଳେ ଭୋର ୩ଟା ସମୟରେ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଏବଂ ଖଲାସୀକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ ଏବଂ ଡ୍ରାଇଭରଙ୍କ ଅବସ୍ଥା ଗୁରୁତରଥିବାରୁ ତାକୁ ଟିଟିଲାଗଡ଼ ଡାକ୍ତରଖାନାକୁ ପଠେଇଥିଲେ। ପରେ ମୁରିବାହାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ରୋଟାରୀ କ୍ଲବ ଦ୍ୱାରା ହୁଇଲ ଚେୟାର ବଣ୍ଟନ




**ବୈଶିଙ୍ଗା/ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ରୋଟାରୀ ଇଣ୍ଟରନେସନାଲ ୩୨୬୨ ପ୍ରୋଜେକ୍ଟ ମଦଦ୍ଦାର ଓ ରୋଟାରୀ କ୍ଲବ ବ୍ରହ୍ମପୁର ସେଣ୍ଟ୍ରାଲ ଦ୍ୱାରା ପ୍ରଦତ୍ତ ଦୁଇଟି ହୁଇଲ୍ ଚେୟାର ବେତନଟୀ ନିକଟ ବାହାନଡା ଗ୍ରାମର ପୋଲିଓ ଆକ୍ରାନ୍ତ ଲକ୍ଷ୍ମୀଧର ନାୟକ ଓ ଉପର ଖମାରୀ ଗ୍ରାମର ପକ୍ଷାଘାତ ରୋଗୀ ରତିକାନ୍ତ ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ୍‌ର ସଭାପତି ଗିରିଧାରୀ ସାହୁ, ସମ୍ପାଦକ ରବୀନ୍ଦ୍ର ନାଥ ମିଶ୍ର, ପୂର୍ବ ସଭାପତି ବସନ୍ତ କୁମାର ମହାନ୍ତ, ଭଗିରଥ ପଣ୍ଡିତ, ସଭାପତି ନିର୍ବାଚିତ ଶ୍ୟାମ ପ୍ରସାଦ ମାଢୁଆଲ ଓ ସଭ୍ୟ ପ୍ରକାଶ ବେହେରା ଓ ଗ୍ରାମବାସୀଙ୍କ ଉପସ୍ଥିତି ଓ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟିକୁ ସମ୍ପାଦନା କରାଗଲା। ରୋଟାରୀ କ୍ଲବର ଏହି ଭଳି ସେବା କାର୍ଯ୍ୟକୁ ଗ୍ରାମବାସୀମାନେ ବହୁତ ପ୍ରଶଂସା କରିଛନ୍ତି।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକୋତ୍ସବ



**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ୍ ଈଶ୍ୱରପୁର ପଂଚାୟତ ଅନ୍ତର୍ଗତ ରିଘାଗଡସ୍ଥିତ ଜରାନିବାସରେ ନିରାଡମ୍ବର ଭାବେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୫ତମ ବାର୍ଷିକ ଉତ୍ସବ ବା ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସଭାପତି ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ କେନ୍ଦ୍ରାପଡା ସିଭିଲ୍ କୋର୍ଟର ବରିଷ୍ଠ ତଥା ସରକାରୀ ଓକିଲ ଆଇନଜୀବୀ ସୁନାକର ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକୁ ଉଦଘାଟନ କରିବା ସହିତ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ଏତାଦୃଶ ଜନହିତକର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ବାରଗାଁ ବଞ୍ଚାଅ ଅଭିଯାନର ସଂଗ୍ରାମୀ ବ୍ୟକ୍ତିତ୍ୱ ପଣ୍ଡିତ୍ ହେମନ୍ତ ମିଶ୍ର ଉପସ୍ଥିତ ରହି ଜରାନିବାସର ଅନ୍ତେବାସୀମାନଙ୍କର ସମସ୍ୟାକୁ ପ୍ରଶାସନ ପାଖରେ ଉପସ୍ଥାପନ କରି ସମାଧାନ କରିବାକୁ ପ୍ରତିଶୃତି ବଦ୍ଧ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ଅନନ୍ତ ଚରଣ ରାଉତ ଓ ସମ୍ମାନୀତ ଅତିଥି ଭାବେ ଜରାନିବାସର ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ଦାଶ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଜରାନିବାସର ଅନ୍ତେବାସୀମାନଙ୍କର ସମସ୍ତ ପ୍ରକାର ଯତ୍ନ ନିଆଯାଉଛି ବୋଲି ମତପ୍ରକାଶ କରିଥିଲେ। କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷର ପାଇଁ ରାଜନଗରର ଯୁବ ସାମ୍ବାଦିକ ତାପସ କୁମାର ପରିଡାଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'କୃଷ୍ଣଚନ୍ଦ୍ର ଯୁବ ନିର୍ଭୀକ ସାମ୍ବାଦିକ ସମ୍ମାନ' ପ୍ରଦାନ କରାଯାଇଛି। ଶେଷରେ ସଂସଦର ମୁଖ୍ୟ ସଂଯୋଜିକା ଆଶାଲତା ରାଉତ ଧନ୍ୟବାଦ୍ ଦେଇଥିଲେ।

## ହିନ୍ଦୁତ୍ୱ ଜାଗରଣ ପାଇଁ ହିନ୍ଦୁ ସମ୍ମିଳନୀ

**ନିମାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଧାର୍ମିକ ଉତ୍ସାହ, ସାମାଜିକ ସଚେତନତା, ସଂଗଠନାତ୍ମକ ଏକତା ତଥା ହିନ୍ଦୁତ୍ୱର ଜାଗରଣ ପାଇଁ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ବାରବାଟୀ ପଡିଆ ନିକଟସ୍ଥ ପୁର୍ଣ୍ଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପ୍ରଭାତରୁ ନାମ ସଙ୍କୀର୍ତ୍ତନ ସହିତ ଶତାଧିକ ଭକ୍ତମାନଙ୍କ ଗହଣରେ ହରିହାଟ ପାଠ କରାଯାଇଥିଲା। ପ୍ରାତଃ ୯ଟାରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମହାବୀର ମନ୍ଦିର ଠାରୁ ନଗରକୀର୍ତ୍ତନ ବାହାରି ପୁର୍ଣ୍ଣେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିବା ପରେ ପୂର୍ବାହ୍ନ ୧୧ଟାରେ ଧର୍ମସଭା କାର୍ଯ୍ୟକ୍ରମ ଆୟୋଜିତ ହୋଇଥଲା। ସହସ୍ରାଧିକ ହିନ୍ଦୁ ଭକ୍ତ, ସାଧୁ ସନ୍ଥ, ମହନ୍ତ, ମଠାଧୀଶ ପ୍ରମୁଖ ସାମିଲ ହୋଇଥିବା ବେଳେ ହରେକୃଷ୍ଣ ହରେରାମ ହରିନାମ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ନାମ ସଂକୀର୍ତ୍ତନ ସହ ହିନ୍ଦୁ ଧର୍ମର ମୂଲ୍ୟବୋଧ, ସଂସ୍କୃତି



ଓ ପରମ୍ପରାର ପ୍ରଚାର ହୋଇଥିଲା। ହିନ୍ଦୁ ସମାଜର ଏକତା, ଧର୍ମୀୟ ଚେତନା, ଯୁବପିଢ଼ୀଙ୍କ ଦାୟିତ୍ୱ ଓ ଗୁରୁତ୍ୱ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ପୁରୀଜିଲ୍ଲା ଗ୍ରାମ୍ୟ ବିକାଶ ମୁଖ୍ୟ କୈଳାଶ ଚନ୍ଦ୍ର ମହାପାତ୍ର, ଗୋ-ସୁରକ୍ଷା ମଞ୍ଚର ମୁଖ୍ୟ ପ୍ରଭାତ ମହାପାତ୍ର, ସମାଜସେବୀ ଡ଼ଃ ଅମୂଲ୍ୟ ପ୍ରସାଦ ଦାଶ, ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ସଭାରେ ଯୋଗଦେଇ ଦେଶରେ ଶିକ୍ଷା, ସେବା ଓ ରାଷ୍ଟ୍ରଭକ୍ତିର ଭାବନା, ସାମାଜିକ ସମନ୍ୱୟ, ଶିଷ୍ଟାଚାର ସମେତ ହିନ୍ଦୁ ସମାଜକୁ ସଂଗଠିତ କରି ଦେଶ ଓ ସମାଜ ଗଢ଼ିବା ଏହାର ମୁଖ୍ୟଲକ୍ଷ୍ୟ ବୋଲି ମତପ୍ରକାଶ କରିଥିଲେ। ହିନ୍ଦୁ ସର୍ବଦା ପରମାତ୍ମାଙ୍କଠାରୁ ହିଁ ଉତ୍ପତ୍ତି ହୋଇଥିବା ଜ୍ଞାନୀ ସନ୍ଥମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସହସ୍ରାଧିକ ମହିଳା, ପୁରୁଷ, ଯୁବକ ଓ ବୃଦ୍ଧଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ସମଗ୍ର ଅଞ୍ଚଳରେ ଏହି ହିନ୍ଦୁ ସମ୍ମିଳନୀ ଦ୍ୱାରା ଧାର୍ମିକ ଓ ସାମାଜିକ ଚେତନାର ଏକ ନୂତନ ଜାଗରଣ ସୃଷ୍ଟି ହୋଇଥିବା ଲୋକମାନେ ମତପ୍ରକାଶ କରିଥିଲେ।

## ଲକ୍ଷ୍ମୀନାରାୟଣ ମୋଦୀ ଛାତ୍ରାବାସର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଲକ୍ଷ୍ମୀନାରାୟଣ ମୋଦୀ ଓ ହରିଜନ ଆଦିବାସୀ ଛାତ୍ରାବାସ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନ ଦିବସରେ ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ କ୍ରିଡାକ୍ଲବ ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଖେଳାଳୀମାନଙ୍କୁ ଖେଳୁଆଡ ମନୋଭାବ ରଖି ଖେଳିବାକୁ ପରାମର୍ଶ ଦେଇଥିଲେ। ଛାତ୍ରାବାସର ତତ୍ତ୍ୱାବଧାରକ ଡକ୍ଟର ଶ୍ରୀକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣମେଣ୍ଟରେ ଅତିଥି ଭାବେ ଅଧ୍ୟାପକ ଆଶିଷ କୁମାର ପାଢୀ, କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ୍ ଖେଳରେ +୩ ପ୍ରଥମ ବର୍ଷ ଛାତ୍ରମାନଙ୍କ ସହ ସ୍ନାତକୋତ୍ତର ଛାତ୍ରମାନଙ୍କ ସହିତ ମ୍ୟାଚ୍



ସହତତ୍ତ୍ୱାବଧାରକ ଅଧ୍ୟାପକ ଚିନ୍ମୟଚିତରଞ୍ଜନ, ରଞ୍ଜିତ କୁମାର ରାଉତ, ଅଶୋକ କୁମାର ଜେନା, କାମଦେବ ସାହୁ ପ୍ରମୁଖ ଯୋଗଦାନ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ +୩ ପ୍ରଥମ ବର୍ଷ ଛାତ୍ରଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୬ୱିକେଟରେ ବିଜୟ ଲାଭ କରି ପୁରସ୍କୃତ ହୋଇଥିଲେ।

## ରାଜ୍ୟ ପୋଲିସ ଆଥେଲେଟିକ ଚାମ୍ପିଆନସିପ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବକ୍ସିବଜାର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୪ତମ ରାଜ୍ୟ ପୋଲିସ ଆଥେଲେଟିକ ଚାମ୍ପିଆନସିପ-୨୦୨୬ ର ଶୁଭାରମ୍ଭ ହୋଇଯାଇଛି । କ୍ରାଇମବ୍ରାଞ୍ଚ ଡିଜିପି ବିନୟ ତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ । ଏହି ଚାମ୍ପିଆନସିପ ଓଡ଼ିଶା ପୋଲିସର ଶୃଙ୍ଖଳା, ସଂଜମତା ଓ ସହନଶୀଳତାର ପ୍ରତୀକ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମାଧ୍ୟମରେ ଓଡ଼ିଶା ପୋଲିସର କାର୍ଯ୍ୟରତ କର୍ମଚାରୀମାନେ ନିଜ ଶାରିରୀକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି ସେ କହିଥିଲେ । ଏହା ସହ ଚଳିତ ବର୍ଷ ପ୍ରତିଯୋଗିତାରେ ମହିଳା କ୍ରୀଡ଼ାବିତମାନଙ୍କର ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ପାଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ବିଗତ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ଅସାଧାରଣ ସଫଳତା




ହାସଲ କରି ରାଜ୍ୟ ତଥା ପୋଲିସ ବିଭାଗର ଗୌରବ ବୃଦ୍ଧି କରିଛନ୍ତି । ଆଗାମୀ ଦିନରେ ଏହି ଚାମ୍ପିଆନସିପରୁ ସଫଳ ପ୍ରତିଯୋଗିମାନେ ସର୍ବଭାରତୀୟ ପୋଲିସ ଆଥେଲେଟିକ ଚାମ୍ପିଆନସିପ ସହିତ ଅନ୍ୟାନ୍ୟ ବଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଓଡ଼ିଶା ପୋଲିସକୁ ଗର୍ବିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଏଭଳି ଚାମ୍ପିଆନସିପ ପୋଲିସ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟପ୍ରତି ଉତ୍ସର୍ଗୀକୃତ ମନୋଭାବ ବୃଦ୍ଧି ପାଇବ ବୋଲି ଡିଜିପି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ରାଜ୍ୟ, ଜିଲ୍ଲା, ରେଞ୍ଜସ୍ତରର ଖେଳାଳୀମାନେ ଏହି ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟି ହେବ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଚାମ୍ପିଆନସିପ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଏହି ଚାମ୍ପିଆନସିପରେ ସାରା ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୩୬ଟି ପୋଲିସ ଟିମ ଅଂଶଗ୍ରହଣ କରିଥିବାବେଳେ ସମୁଦାୟ ୫୦୨ ଜଣ ଖେଳାଳୀ ସାମିଲ ହୋଇଛନ୍ତି । ୪୨୭ଜଣ ପୁରୁଷ ଓ ୭୫ଜଣ ମହିଳା ଏହି ଚାମ୍ପିଆନସିପରେ ସାମିଲ ହୋଇଛନ୍ତି । ଏହି ପ୍ରତିଯୋଗତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମରେ ଆଥେଲେଟିକ ଚାମ୍ପିଆନସିପର ଅଧ୍ୟକ୍ଷ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଂଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଏସ ପ୍ରବୀଣ କୁମାର, ଆଇଜିପି(ଏସଏପି) ଗଜଭିଏ ସତୀଶ କୁମାର, ଆଇଜିପି (ଗୁଇନ୍ଦା) ଜୟ ନାରାୟଣ ପଙ୍କଜ, ଡିଆଇଜି (ପ୍ରୋଭିଜର୍ନିଂ) ଚରଣ ସିଂହ ମିନା, କଟକ ଡିସିପି ରିଶିକେଶ ଖିଲାରୀ, ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ୟଙ୍ଗ କ୍ରିକେଟ କ୍ଲବର କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡ ବ୍ଲକ କୁମାରପାଣି ପଞ୍ଚାୟତ ଭେଟସିଙ୍ଗି ଗ୍ରାମବାସୀ ଓ ୟଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନନ୍ଦିନୀ ନଦୀ ତଟରେ ଅବସ୍ଥିତ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ କୁମାରପାଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ପର୍ଶୁରାମ ସ୍ୱାଇଁ ମିଳିତ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, ଖରିଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିରୁପାକ୍ଷ ବିଷୋୟୀ, ବିଜେଡି ଯୁବ ନେତା ସତ୍ୟ ପଟ୍ଟନାୟକ, ପଞ୍ଚାୟତର ଯୁବ ନେତା ସତ୍ୟବାନ ସ୍ୱାଇଁ, ଅରୁଣ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲାର ବଛାବଛା ୧୫ଟି ଏବଂ ଗଜପତି ଜିଲ୍ଲା ଚନ୍ଦ୍ରଗିରିର ମୋଟ ୧୬ଟି ଅଂଶଗ୍ରହଣ କରିଛନ୍ତି। ଆଜିର ପ୍ରଥମ ଉଦଘାଟନୀ ଦିବସରେ ଆସିକା ଏସକେବି-୭୩ ଏବଂ ଇଗଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆସିକା ଏସକେବି-୭୩ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଇଗଲ କ୍ରିକେଟ କ୍ଲବର ଲୁଇସଙ୍କ ୧୩୦ ରନ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲେ। ଏସକେବି-୭୩ ପକ୍ଷରୁ ଶେଖ ମନସୁର ଅଲ୍ଲୀ ୫ ୱିକେଟ ସଫଳତା ଲାଭ କରିଥିଲେ। ଜବାବରେ ଏସକେବି-୭୩ର ଓପନର ଶେଖ ମନସୁର ଅଲ୍ଲୀଙ୍କ ୬୦, ଅରୁପାନନ୍ଦଙ୍କ ୨୩ ରନ ସହାୟତାରେ ୧୫.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଉଭୟ ବୋଲିଂ ଓ ବ୍ୟାଟିଂରେ ଅଲରାଉଣ୍ଡ ସଫଳତା ପାଇଥିବା ଶେଖ ମନସୁର ଅଲ୍ଲୀଙ୍କୁ କ୍ରୀଡା ପ୍ରେମୀ ତଥା ଶିକ୍ଷକ ଫନୀଲ କୁମାର ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଦେବାଶିଷ ସାହୁ ଓ ତାରିଣୀ ସ୍ୱାଇଁ ପରିଚାଳନା କରିଥିଲେ। ଆସନ୍ତାକାଲି ପାୟୋନିୟର ବେଗୁନିଆପଡା ସହିତ ଖେମୁଣ୍ଡି ସ୍ପୋର୍ଟିଂ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ୟଙ୍ଗ କ୍ରିକେଟ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି।

## ୩୦୦ ୟୁନିଟ ମାଗଣା ଦିଆଯିବା ପରିବର୍ତ୍ତେ ଦର ବୃଦ୍ଧି କରାଯାଉଛି

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପାଳପୁର ବିଦ୍ୟୁତ୍ ସବଡିଭିଜନ ଉପଭୋକ୍ତା ସଂଘର ତରଫରୁ ତେଲେଙ୍ଗାପେଣ୍ଠ ସ୍ଥିତ ଗାନ୍ଧୀସ୍ମୃତି ପୀଠରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସଂଘର ଉପସଭାପତି ତଥା ପୂର୍ବତନ କର୍ପୋରେଟର ରାଜକୁମାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଓଡ଼ିଶାର ବିଦ୍ୟୁତ୍ ବିଭାଗ ଦ୍ୱାରା ଉପଭୋକ୍ତାମାନଙ୍କୁ ବ୍ୟାପକ ଭାବେ ଶୋଷଣ କରାଯାଉଛି ବୋଲି ଗୁରୁତର ଅଭିଯୋଗ କରାଯାଇଥିଲା। ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହେରା, ସମ୍ପାଦକ ଚତୁର୍ଭୁଜ ମହାପାତ୍ର, ପ୍ରମୋଦ କୁମାର



ମହାନ୍ତି, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁତ୍ ବିଭାଗର ବିଭିନ୍ନ ଅନିୟମ ଓ ଉପଭୋକ୍ତା ବିରୋଧୀ ନୀତି ସମ୍ପର୍କରେ ସାମ୍ବାଦିକମାନଙ୍କ ଦୃଷ୍ଟିକୁ ଆକର୍ଷଣ କରିଥିଲେ। ବକ୍ତାମାନେ କହିଥିଲେ ଯେ, ସରକାର ଗଠନ ପୂର୍ବରୁ ବିଜେପି ଦଳ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ସେହି ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ବିଦ୍ୟୁତ୍ ଦର ବୃଦ୍ଧି କରାଯାଉଥିବା ଉପଭୋକ୍ତାମାନଙ୍କ ପାଇଁ ଅନ୍ୟାୟ। ସେହିପରି ସ୍ମାର୍ଟ ମିଟର ଲଗାଇବା ନାମରେ ଉପଭୋକ୍ତାମାନଙ୍କ ଉପରେ ଅତିରିକ୍ତ ସୁରକ୍ଷା ଜମା ରାଶି (ଆଡ଼ିସନାଲ ସିକ୍ୟୁରିଟି ଡିପୋଜିଟ) ଆଦାୟ କରାଯାଉଥିବା ମଧ ଗୁରୁତର ଅଭିଯୋଗ ହୋଇଥିଲା। ଓଇଆରସି (ଓ.ଇ.ଆର୍.ସି) ନିୟମାବଳୀ ଅନୁଯାୟୀ, ଟ୍ରାନ୍ସଫର୍ମରରୁ ମାସକୁ ୨୪ ଘଣ୍ଟା ଲାଇନ୍ ବନ୍ଦ ରହିଲେ ପ୍ରତି ଉପଭୋକ୍ତାଙ୍କୁ ୨୪ ଘଣ୍ଟା ପାଇଁ ୨୦୦ ଟଙ୍କା କ୍ଷତିପୂରଣ ଦେବାର ନିୟମ ରହିଛି। ବିଦ୍ୟୁତ୍ ସମୀକ୍ଷକଙ୍କ ମତାନୁସାରେ, ଯଦି ମାସକୁ ୩୬ ଘଣ୍ଟା ଲାଇନ୍ କଟୁଛି, ତେବେ ମାସକୁ ୩୦୦ ଟଙ୍କା ହିସାବରେ ୫ ବର୍ଷ ପାଇଁ ପ୍ରତି ଉପଭୋକ୍ତାଙ୍କୁ ୧୮,୦୦୦ ଟଙ୍କା କ୍ଷତିପୂରଣ ଦିଆଯିବା ଉଚିତ୍ ବୋଲି ସେମାନେ ଦାବି କରିଥିଲେ। ସ୍ମାର୍ଟ ଚେକିଂ ଆଳରେ କିଛି ବିଦ୍ୟୁତ୍ କର୍ମଚାରୀ ଘରେ ପ୍ରବେଶ କରି ଦସ୍ତଖତ ନେବା ସହ ୨୪ ଘଣ୍ଟା ଲାଇନ୍ କାଟିଦେବା ଭଳି ଧମକ ଦେଉଥିବା ନେଇ ମଧ ସଂଘ ପକ୍ଷରୁ ଆପତ୍ତି ଜଣାଇଥିଲେ। ଓଇଆରସି ନିୟମାବଳୀରେ ଏପରି କୌଣସି ବ୍ୟବସ୍ଥା ନଥିବା ସହ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅନୁମତି ଓ ନୋଟିସ୍ ବିନା ଏପରି କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ବକ୍ତାମାନେ ଏହା ମଧ କହିଥିଲେ ଯେ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ନିୟମାବଳୀ-୨୦୨୪ ଅନୁଯାୟୀ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ମାଗଣାରେ ନିୟମାବଳୀ ସମ୍ପର୍କିତ ପୁସ୍ତକ ଯୋଗାଇଦିଆଯିବାର ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ଉପଭୋକ୍ତାମାନେ ନିଜ ଅଧିକାର ଓ ନୀତି-ନିୟମ ବିଷୟରେ ସଚେତନ ହୋଇପାରିବେ। ଏହି ସମସ୍ତ ବିଷୟରେ ଗୁରୁତ୍ୱ ଦେବାକୁ ଟିପିସିଓଡିଏଲ୍ ନିକଟରେ ଏକ ଦାବିପତ୍ର ମଧ ଦିଆଯାଇଛି ବୋଲି ସଂଘ ପକ୍ଷରୁ ଜଣାଯାଇଥିଲା। ସମ୍ମିଳନୀରେ ସୁଶାନ୍ତ କୁମାର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ରାଉତ, ହେମନ୍ତ କୁମାର ମହାରଣା, ଲକ୍ଷ୍ମୀପ୍ରିୟା ପରିଡ଼ା, ଦାମୋଦର ସାହୁ, ରଞ୍ଜନ କୁମାର ଖୁଣ୍ଟିଆଙ୍କ ସମେତ ୫୦ରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଉପସ୍ଥିତ ଥିଲେ। ବିଦ୍ୟୁତ୍ ବିଭାଗ ଉପଭୋକ୍ତାମାନଙ୍କ ସମସ୍ୟା ଉପରେ ତୁରନ୍ତ ଗମ୍ଭୀର ଦୃଷ୍ଟି ଦେବାକୁ ସେମାନେ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଢ଼ ଦାବି କରିଥିଲେ।


**FOR SALE OF INDUSTRIAL SHED & LAND**

**(IN AND AROUND BHUBANESWAR CITY)**

**Prime Location:** Situated next to NH5, **Property Type:** Industrial Shed and Land, **Plot Size:** 33000 sq.ft., **Built-up Area:** 15,000 sq. ft above.

**Power:** Connected Power of 48kW with Generator backup.
**Facilities:** Includes a Factory shed, Office Building, Canteen, Washrooms & Security room.

**Interested parties may contact:**
**Email: archanabangalore05@gmail.com / Mob.: 9187502902**

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 9th February, 2026 Monday | RNI Regd. No. ODIODI/2009/28880

## ରମେଶ ଦେହଲଗା ସାବୁନ



ହେଲ୍‌ଥ ଟନିକ୍

ଡାକ୍ତରବାବୁ ଯୁବକକୁ ପଚାରିଲେ- ତୁମେ କେଉଁ ସାବୁନ ବ୍ୟବହାର କର ?

ଯୁବକ କହିଲା- ରମେଶ।

ଏଥର ଡାକ୍ତରବାବୁ ପଚାରିଲେ- ତମେ କେଉଁ ପେଷ୍ଟ ବ୍ୟବହାର କର ?

ଯୁବକ କହିଲା- ରମେଶ

ଡାକ୍ତରବାବୁ ପୁଣି ପଚାରିଲେ- ତମେ କେଉଁ ସାମ୍ପୁ ବ୍ୟବହାର କର ?

ଯୁବକ କହିଲା- ରମେଶ।

ଯୁବକର ଏ ଉତ୍ତର ଶୁଣି ଡାକ୍ତରବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- ମୁଁ ଜାଣିବାରେ ରମେଶ ନାଁରେ କୌଣସି ସାବୁନ, ପେଷ୍ଟ କିମ୍ବା ସାମ୍ପୁ ବିକ୍ରି ହେଉନି ? ସେଗୁଡ଼ାକ ତୁମେ ପାଉଛ କେଉଁଠୁ ?

ଯୁବକ କହିଲା- ମୋ ସହିତ ମୋ ରୁମ୍‌ରେ ରହୁଥିବା ରମେଶର ଏଗୁଡ଼ାକ ସବୁ ଜିନିଷ।

# ଆର୍ଥିକ ସଂକଟ: ପୂରଣ ହୋଇପାରୁନି ଖାଲି ପଦବୀ

ଭୁବନେଶ୍ୱର,୮।୨
ତଥ୍ୟ



ଆର୍ଥିକ ସଂକଟ ଯୋଗୁ ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ପାହ୍ୟାର ସରକାରୀ ପଦପଦବୀରୁ ଅଧିକାଂଶ ପୂରଣ ହୋଇପାରୁ ନାହିଁ। ଫଳରେ ବହୁ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ତଳିଆ କର୍ମଚାରୀଙ୍କ ପର୍ଯ୍ୟନ୍ତ ଅନେକ ଏକାଧିକ ଦାୟିତ୍ୱରେ ରହୁଛନ୍ତି। ଆର୍ଥିକ ସ୍ଥିତି ନସୁଧୁରିବା ପର୍ଯ୍ୟନ୍ତ ଖାଲି ପଡିଥିବା ସମସ୍ତ ପଦପଦବୀ ପୂରଣ କରାଯିବା ସମ୍ଭବପର ନୁହେଁ ବୋଲି ଅର୍ଥନୀତି ଓ ଯୋଜନା ବିଶାରଦମାନେ କହୁଛନ୍ତି।

୨୦୨୪ ଆରମ୍ଭ ବେଳକୁ ରାଜ୍ୟରେ ୨ଲକ୍ଷ ୫ ହଜାରରୁ ଅଧିକ ଚାକିରି ବିଭିନ୍ନ ସରକାରୀ ପଦପଦବୀରେ ଖାଲି ପଡିଥିଲା। ଏହାପରଠାରୁ ଯେତେ ପଦବୀ ଖାଲି ହୋଇଛି ଓ ଯେତେ ନୂଆ ନିଯୁକ୍ତି ହୋଇଛି ତାହାର ସ୍ପଷ୍ଟ ଚିତ୍ର ଉପଲବ୍ଧ ନଥିଲେ ମଧ ଖାଲି ପଦବୀ ସଂଖ୍ୟା ଏବେ ପ୍ରାୟ ୧ଲକ୍ଷ ୮୦ ହଜାର ହେବ ବୋଲି ଆଶଙ୍କା କରାଯାଉଛି।

ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟର ନିଅଣ୍ଟିଆ ଆର୍ଥିକ ସମସ୍ୟା ଦୃଷ୍ଟିରୁ ପଦପଦବୀ ଉଚ୍ଛେଦ ସହିତ ନୂଆ ପଦବୀରେ ନିଯୁକ୍ତି ଉପରେ କଟକଣା ୧୯୯୯ ମସିହାରେ ଜାରି କରାଯାଇଥିଲା। ତଦନୁଯାୟୀ ସରକାରୀ ଚାକିରିରେ ପାଖାପାଖି ଲକ୍ଷେ ପଦବୀ ଉଚ୍ଛେଦ ହୋଇସାରିଛି। ନୂଆ ପଦବୀ ପୂରଣ ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକ ପଡୁଥିବାବେଳେ ଅନେକ କ୍ଷେତ୍ରରେ ଆଉଟ୍ ସୋର୍ସିଂ ମାଧ୍ୟମରେ ପଦବୀମାନ ପୂରଣ ହେଉଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏ ପରିପ୍ରେକ୍ଷୀରେ ଅତିଥି ଶିକ୍ଷକମାନେ ଆଶାବାଡ଼ି ସାଜିଛନ୍ତି।

୧୯୯୯-୨୦୦୦ ବେଳକୁ ଓଡ଼ିଶାର ଋଣ ଭାର ପ୍ରାୟ ୧୮,୧୦୦ କୋଟି ଥିଲା। ଏହା ବଢ଼ିବଢ଼ି ଗତ ଅକ୍ଟୋବର ସୁଦ୍ଧା ୧ଲକ୍ଷ ୨୬ ହଜାର କୋଟି ଟଙ୍କାକୁ ଟପିଛି। ରାଜ୍ୟ ସରକାରଙ୍କ ଆକଳନ ମୁତାବକ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ବୋଝ ଅନ୍ୟୁନ ୧ଲକ୍ଷ ୩୫ ହଜାର କୋଟି ଟଙ୍କାରେ ପହଞ୍ଚିବ। ଏଭଳି ସ୍ଥିତିରେ ୨୦୨୬-୨୭ ଆର୍ଥିକ ବର୍ଷରେ ମଧ ରାଜ୍ୟ ସରକାର ବିଗତ ବର୍ଷଗୁଡ଼ିକ ତୁଳନାରେ ଅଧିକ ଋଣ ଉଠାଇବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

ଏବେ ରାଜ୍ୟର ପ୍ରାୟ ୧୭ଟି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନ୍ୟୁନ ୬୦ ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡିଛି। ସେହିଭଳି ଡାକ୍ତରଖାନାଗୁଡ଼ିକରେ ବି ୬୦ ପ୍ରତିଶତରୁ ଅଧିକ ପଦବୀ ଖାଲି ପଡିଛି। ବ୍ଲକ, ତହସିଲଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ଓ ରାଜ୍ୟସ୍ତରୀୟ ବିଭିନ୍ନ ଦପ୍ତରରେ ମାଲମାଲ ପଦବୀ ଖାଲି। ଯଦି ପ୍ରଶାସନିକ କାର୍ଯ୍ୟ ତୁଲାଇବା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ କରାଯାଏ ତେବେ ଖାଲି ପଦବୀ ସଂଖ୍ୟା ଢେର ଅଧିକ ବୃଦ୍ଧି ପାଇବ।

ଗୋଟିଏ ପଟେ ରାଜ୍ୟରେ ଅନ୍ୟୁନ ୩କୋଟି ୩୦ ଲକ୍ଷ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଆବଶ୍ୟକ ହେଉଛି। ଏହାଛଡ଼ା ୫୬ଲକ୍ଷରୁ ଅଧିକ ବ୍ୟକ୍ତିଙ୍କ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ଭତ୍ତାମାନ ମିଳୁଛି। ପାଖାପାଖି କୋଟିଏ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ଅର୍ଥ ବ୍ୟବସ୍ଥା କରିବାକୁ ପଡୁଛି। ଏହାଛଡ଼ା କୃଷି, ଶିଳ୍ପ ଆଦିଲାଗି ସରକାରଙ୍କୁ ମଧ ମୋଟା ଅଙ୍କର ରିହାତି ଦେବାକୁ ହେଉଛି।

ରାଜ୍ୟ ସରକାରଙ୍କ ଆୟର ମୁଖ୍ୟାଂଶ ଖଣିରୁ ଆସୁଛି। ତେବେ ଏ ବାବଦରେ ଯେତେ ଖଣିଜ ସଂପଦ କାରବାର ହେଉଛି ସେଥିରୁ ମାତ୍ରାଧିକ ଚୋରା ବଜାରରେ ଯାଉଛି। କର୍ମ ନିଯୁକ୍ତି ଅଭାବରୁ ଓଡ଼ିଶାରୁ ଲକ୍ଷଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ବାଧ ହୋଇ ଚାଲିଯାଉଛନ୍ତି। ଏମିତିକି ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ କଲେଜ୍ ଓ ୟୁନିଭର୍ସିଟ୍‌ର ଯୋଗ୍ୟ ଛାତ୍ରମାନେ ମଧ ନିଯୁକ୍ତି ନପାଇ ବାର ଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି। ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରୁଛନ୍ତି ଯେ ଗ୍ରାମ୍ୟ ଶିଳ୍ପକୁ ପ୍ରାଧାନ୍ୟ ଦେବା ସହିତ କୃଷି ଓ କୃଷିଭିତ୍ତିକ ଶିଳ୍ପର ବିକାଶ ଘଟିଲେ ହିଁ ରାଜ୍ୟର ଉନ୍ନତି ହୋଇପାରିବ। ଏହାଛଡ଼ା ପ୍ରଗତିର ସବୁଠାରୁ ବଡ଼ ପ୍ରତିବନ୍ଧକ ଭାବେ ନିଶା ପ୍ରସାର ଉଭା ହୋଇଥିବାରୁ ଏହାର ନିୟନ୍ତ୍ରଣ କରାନଯିବା ପର୍ଯ୍ୟନ୍ତ ସମସ୍ୟା ଲାଗି ରହିପାରେ।

## ରୋଗୀ ସ୍ଥାନାନ୍ତର ବେଳେ ଦୁର୍ଘଟଣା: ୨ ମୃତ



ଚିକିଟି,୮।୨: ଏକ୍ସପ୍ରେସ୍ ନ୍ୟୁଜ୍

ବ୍ରହ୍ମପୁର ବଡମେଡିକାଲରୁ ଆନ୍ଧ୍ରପ୍ରଦେଶକୁ ରୋଗୀ ସ୍ଥାନାନ୍ତର ବେଳେ ଗଂଜାମ ଜିଲ୍ଲାର ଏକ ପରିବାର ଦୁର୍ଘଟଣାର ସାମ୍ନା କରିଛନ୍ତି। ଏହି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଡବ୍ଲ୍ୟୁ. ଡାଲିଆ (୪୬) ଓ ଡବ୍ଲ୍ୟୁ. ମୋହିନାମ୍ମା (୫୦)କ୍ଷ ଗୁରୁତରମାନେ ହେଲେ ଡବ୍ଲ୍ୟୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଶିଶୁ। ସମସ୍ତ ଗୁରୁତର ପାତି ସୁନାପୁର ଗାଁ ବାସିନ୍ଦା ଅଟନ୍ତି।

ରିପୋର୍ଟ ଅନୁସାରେ ଗଞ୍ଜାମ ଚିକିଟି ବ୍ଲକ ସୁନାପୁର ପଞ୍ଚାୟତ ଅନ୍ତର୍ଗତ ପାତି ସୁନାପୁର ଗାଁର ଏକ ପକ୍ଷାଘାତ ରୋଗୀ ବ୍ରହ୍ମପୁର ବଡମେଡିକାଲରେ ଚିକିତ୍ସା ହେଉଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କ ସମ୍ପର୍କୀୟମାନେ ଶନିବାର-ରବିବାର ରାତିରେ ସ୍କୋର୍ପିଓ ଯୋଗେ ବ୍ରହ୍ମପୁର ବଡମେଡିକାଲରୁ ଆନ୍ଧ୍ରପ୍ରଦେଶର ଏମ୍ସ ବିଶାଖାପାଟଣାକୁ ନେଉଥିବା ବେଳେ ଦୁର୍ଘଟଣାର ସାମ୍ନା କରିଥିଲେ। ଆନ୍ଧ୍ରପ୍ରଦେଶର ଟେକିଲି ନନ୍ଦିଗାଁ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଫଳରେ ପକ୍ଷାଘାତ ରୋଗୀ ସମେତ ତାଙ୍କ ଭାଉଜଙ୍କ ପ୍ରଣହାନୀ ଘଟିଛି। ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରୁ ୪ ଜଣଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ନିଆଯାଇଛି। ଆଉ ଜଣକୁ ବିଶାଖାପାଟଣାର ଏକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ଡବ୍ଲ୍ୟୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଶିଶୁକ୍ଷ ସମସ୍ତ ଗୁରୁତର ପାତି ସୁନାପୁର ଗାଁ ବାସିନ୍ଦା ଅଟନ୍ତି। ଅଧିକ ଗୁରୁତର ହୋଇଥିବା ଡି. ରାମାରାଓଙ୍କୁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛିକ୍ଷ

ପୁଲିସ କହିବା ଅନୁସାରେ ଗତକାଲି ରାତି ୧୨ଟା ସମୟରେ ଏକ ସ୍କୋର୍ପିଓ ଯୋଗେ ରୋଗୀଙ୍କ ଏବଂ ଡ୍ରାଇଭର ସମେତ ୮ ଜଣ ବିଶାଖାପାଟଣା ଯାଉଥିଲେ। ଆନ୍ଧ୍ର ଟେକିଲି ନାଂଦିଗାମ ନିକଟରେ ସ୍କୋର୍ପିଓ ଇଂଜିନ ହଠାତ ବନ୍ଦ ହେବାରୁ ରାସ୍ତା ପାର୍ଶ୍ୱରେ ରଖିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ସମସ୍ତ ଗୁରୁତରଙ୍କୁ ଟେକିଲି ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ଡାଲେୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟେକିଲି ପୁଲିସ ପହଂଚି ଘଟଣାର ତଦନ୍ତ କରୁଥିବା ସୂଚନା ହସ୍ତଗତ ହୋଇଛି। ମୃତକ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲେଖାଏଁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ମୁଖରିତ ସୁଧା ସର୍ଜନା ମହୋତ୍ସବ

ଭୁବନେଶ୍ୱର,୮।୨
ଏକ୍ସପ୍ରେସ୍ ନ୍ୟୁଜ୍

ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ(ବରିମୁଣ୍ଡ)ରେ ରବିବାର ସୁଧା ସର୍ଜନା ମହାମହୋତ୍ସବ ମହାସମାରେହରେ ପାଳିତ ହୋଇଯାଇଛି। ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମ ମହୋତ୍ସବ ଏବଂ ଭୁବନେଶ୍ୱର ସତସଙ୍ଗ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ମାଧମରେ ବାଲି ଯାତ୍ରା ପଡ଼ିଆ ନୂଆ ରୂପ ପାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ସତସଙ୍ଗୀ ତଥା ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବମୁଖର ହୋଇପଡ଼ିଥିଲା ଏହି ମହାମହୋତ୍ସବ।

ବାଲିଯାତ୍ରା ପଡ଼ିଆରେ ନିର୍ମିତ ସୁଦୃଶ୍ୟ ମନ୍ଦିରରେ ଉଷା କୀର୍ତ୍ତନ, ପ୍ରାତଃ ବିନତୀ, ସମବେତ ନାମଜପ, ସଦ୍‌ଗ୍ରନ୍ଥ ପାଠରେ ପରିବେଶ ଭାବମୟ ହୋଇ ଉଠିଥିଲା। ଏହାପରେ ଭାତୃ ମଞ୍ଚରେ ଆରମ୍ଭ ହୋଇଥିଲା ଭଜନ, କୀର୍ତ୍ତନ, ଯାଜନ ଏବଂ ପିଲାମାନଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ। ସକାଳ ୮ଟା ସମୟରେ ମାତୃ ମଞ୍ଚରେ ଝିଅ ଏବଂ ମା'ମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଉତ୍ସବ ଲାଗି ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଅବକାରୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ କହିଥିଲେ, 'ସତ୍‌ସଙ୍ଗ ମଣିଷ ଭିତରେ ଏକ ସକାରାତ୍ମକ ଭାବ ସୃଷ୍ଟି କରିଚାଲିଛି। ଏହା ମଣିଷ ଭିତରେ ପାରସ୍ପରିକତା ବୃଦ୍ଧି କରୁଛି ଓ ଭାତୃ ଭାବ ସୃଷ୍ଟି ସହ ସୁସ୍ଥ ସମାଜ ଗଠନରେ ଏହା ସହାୟକ ହେଉଛି।' ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଥିଲେ, ଗୁରୁକୈନ୍ଦ୍ରିକ ଜୀବନ ଭଲ ମଣିଷ ହେବାରେ ସହାୟକ ହୋଇଥାଏ। ଉତ୍ସବ



ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ତଥା ସମ୍ବାଦ ଖବରକାଗଜର ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଗଣ ଯୋଗ ଦେଇଥିଲେ।

ଏହା ପରେ ଭାତୃମଞ୍ଚରେ ଚିକିତ୍ସକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ବରିଷ୍ଠ ବିଶେଷଜ୍ଞମାନେ ଯୋଗ ଦେଇ ବିଭିନ୍ନ ରୋଗର ନିରାକରଣ ତଥା ସହଜ ଚିକିତ୍ସା ସମ୍ପର୍କରେ ସୂଚିତ କରାଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଚିତ୍ତାକର୍ଷକ 'ଦଶାବତାରମ୍' କାର୍ଯ୍ୟକ୍ରମ। ଆଲୋକ, ଚିତ୍ର ଏବଂ ସଙ୍ଗୀତ ସମ୍ମିଶ୍ରଣରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା। ଅନ୍ୟ ପକ୍ଷରେ ମାତୃମଞ୍ଚରେ ଅନୁଷ୍ଠିତ ନାଟକ 'ପରଶମଣି' ଦର୍ଶକଙ୍କୁ ଅଭିଭୂତ କରିଥିଲା। ଏଥି ସହିତ ସକାଳରୁ ଆରମ୍ଭ ହୋଇଥିବା ବିଶାଳ ମେଡିକାଲ୍ କ୍ୟାମ୍ପ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଡାକ୍ତରୀ ପରାମର୍ଶ ଲାଭକରିଥିବା ବେଳେ ସହସ୍ରାଧିକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଏହି ଅବସରରେ ରାଜ୍ୟର ବରିଷ୍ଠ ଆଇନଜୀବୀଙ୍କୁ ନେଇ ଆଇନ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାରେରୁ ଅଧିକ ବ୍ୟକ୍ତି ବ୍ୟକ୍ତିଗତସ୍ତରରେ ଆଇନ ପରାମର୍ଶ ଲାଭ କରିଥିଲେ।

ସନ୍ଧ୍ୟା ୫ଟା ୪୧ରେ ସନ୍ଧ୍ୟା ବିନତୀ ପରେ ଆରମ୍ଭ ହୋଇଥିଲା ଚିତ୍ତାକର୍ଷକ 'ହ୍ୱାଇଟ୍ ବ୍ୟାଣ୍ଡ' କାର୍ଯ୍ୟକ୍ରମ। ଧୋତି ପଞ୍ଜାବୀ ପରିହିତ ସମସ୍ତ କଳାକାରଙ୍କ ଆକର୍ଷଣୀୟ ସଙ୍ଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିସହ ବିବିଧ ଆଲୋକମାଳାରେ ସଜ୍ଜିତ ଉତ୍ସବ ସ୍ଥଳ ଏବଂ ନଦୀ ପଠା ନୂଆ ରୂପ ପାଇଥିଲା। ଏହି ଉତ୍ସବକୁ ଉପଭୋଗ କରିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ସହ-ପ୍ରତି ଋତ୍ୱିକ୍ ଡ. ଅଭୟ କୁମାର ପରିଡ଼ା, ଇଂ. କଳିଙ୍ଗ କେଶରୀ ରଥ, ଶାଶ୍ୱତ ପରିଡ଼ା, ରଜନୀକାନ୍ତ ପାଣି, କୃପାନିଧି ବିଶ୍ୱାଳ, ରଘୁନାଥ ପାଣି, କମଳାକ୍ଷ ପରିଡ଼ାଙ୍କ ସମେତ ବହୁ ଯୁବ କର୍ମୀଙ୍କ ପରିଚାଳନା ତଥା ପୋଲିସ ପ୍ରଶାସନ ସମେତ ବିଭିନ୍ନ ପ୍ରଶାସନିକ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବ ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଆଗକୁ ଭୟଙ୍କର...

ଏହା ୨୦୨୧ରୁ ଆରମ୍ଭ ହୋଇଥିବା ବେଳେ ଏହାର ଅବଧି ୨୦୩୦ ପର୍ଯ୍ୟନ୍ତ ରହିଛି। ପ୍ରତିବର୍ଷ ବିଭିନ୍ନ ବନୀକରଣ ଯୋଜନାରେ ବ୍ୟାପକ ବୃକ୍ଷରୋପଣ କରାଯାଉଛି। ବିଗତ ୫ ବର୍ଷରେ ବନୀକରଣ ଯୋଜନାରେ ୩୫,୯୧୫ ହେକ୍ଟର ଜମିରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଯାଇଛି। ୧,୩୯୧.୮ ଲକ୍ଷ ବୃକ୍ଷରୋପଣ କରାଯାଇଛି। ବୃକ୍ଷରୋପଣ ବାଦ୍ ୧,୨୭୮ ଲକ୍ଷ ଚାରା ବଣ୍ଟନ କରାଯାଇଛି।

ସରକାରଙ୍କ ଅନେକ ଯୋଜନା ଓ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ୬ ଋତୁ ଭିତରୁ କେବଳ ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ଅନୁଭୂତ ହୋଇଥାଏ। ଏପଟେ ସମୁଦ୍ର ଜଳସ୍ତର ବୃଦ୍ଧି ପାଉଥିବାରୁ ଏଥର ଗ୍ରୀଷ୍ମ ଋତୁରେ ତାତି ଆଉ କିଛି ନୂଆ ରେକର୍ଡ ସୃଷ୍ଟି କରିବପାରେ ବୋଲି ଆଶଂକା କରାଯାଉଛି।

### ବିପଦରେ ୧୦୦...

୧୬ ବ୍ୟବହାରକାରୀଙ୍କ ସଂଖ୍ୟା ମାତ୍ର ୭.୫%। ସୁରକ୍ଷା ଅପଡେଟ୍ ଅଭାବରୁ ହ୍ୟାକରମାନେ ସହଜରେ ଆପଣଙ୍କ ଫୋନ୍‌ରେ ପ୍ରବେଶ କରିପାରିବେ। ଏହାଦ୍ୱାରା ଆପଣଙ୍କର ୟୁଜର୍ ନେମ୍ ଓ ପାସୱାର୍ଡ ଚୋରି ହୋଇପାରେ। ବ୍ୟାଙ୍କିଙ୍ଗ୍ ଆପ୍ ଏବଂ ଆର୍ଥିକ ତଥ୍ୟ ହ୍ୟାକରଙ୍କ ହାତକୁ ଯାଇପାରେ। ଓଟିପି ଏବଂ ବ୍ୟକ୍ତିଗତ ମେସେଜ୍ ପଢ଼ାଯାଇପାରେ। ନିଜ ଫୋନର ସ୍ଥିତି ଯାଞ୍ଚ କରିବା ପାଇଁ ପ୍ରଥମେ ସେଟିଙ୍ଗକୁ ଯାଆନ୍ତୁ। ଏବାଉଟ୍ ଫୋନ୍ ଉପରେ କ୍ଲିକ୍ କରନ୍ତୁ। ସେଠାରେ ଆଣ୍ଡ୍ରଏଡ୍ ଭର୍ସନ ଯାଞ୍ଚ କରନ୍ତୁ। ଯଦି ଆପଣଙ୍କ ଫୋନ୍ ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ଠାରୁ ପୁରୁଣା ଏବଂ ନୂଆ ଅପଡେଟ୍ ଆସୁନାହିଁ, ତେବେ ଗୁଗଲ୍ ଏହି ଫୋନ୍ ବଦଳାଇବାକୁ ପରାମର୍ଶ ଦେଇଛି। ଗୁଗଲ କହିଛି ଯେ, ସୁରକ୍ଷିତ ରହିବା ପାଇଁ ଜଣେ ବ୍ୟବହାରକାରୀ ନୂଆ ଫୋନ୍ କିଣିବା ଉଚିତ। ଏଥିପାଇଁ ଦାମୀ ଫୋନ୍ କିଣିବା ଜରୁରୀ ନୁହେଁ, ବରଂ ଏକ ସାଧାରଣ ବଜେଟ୍ ଫୋନ୍ ଯେଉଁଥିରେ ଆଣ୍ଡ୍ରଏଡ୍ ୧୩ କିମ୍ବା ନୂଆ ଭର୍ସନ ଅଛି, ତାହା ପୁରୁଣା ପ୍ରିମିୟମ ଫୋନ୍ ଅପେକ୍ଷା ଅଧିକ ସୁରକ୍ଷିତ। ଯଦିଓ 'ଗୁଗଲ୍ ପ୍ଲେ ପ୍ରୋଟେକ୍ଟ' ମାଲୱେର ସ୍କାନିଂ କରୁଛି, କିନ୍ତୁ ଏହା ସିଷ୍ଟମ୍-ଲେଭଲ୍ ସୁରକ୍ଷାର ବିକଳ୍ପ ନୁହେଁ।

### ପୁଅକୁ ଛୁରୀ...

ପଡିଥିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି। ଆଜି ମୃତକଙ୍କ ପରିବାର ଦେଇଥିବା ଅଭିଯୋଗକୁ ଅପରାହ୍ନ ୧ଟା ୧୦ରେ ପଞ୍ଜୀକରଣ କରାଯାଇ ଥିଲା ବେଳେ ଯୁବକ ଜଣଙ୍କ ଘରେ ପହଁଚିଲା ପରେ ବାପା ହତ୍ୟା କରିଥିବା ଥାନା ଅଧିକାରୀ କହିଛନ୍ତି। ମୃତଦେହ କାମାକ୍ଷାନଗର ଉପଖଣ୍ଡ ମେଡ଼ିକାଲରେ ଥିବାବେଳେ ବ୍ୟବଚ୍ଛେଦ ହୋଇ ନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ତ୍ରିକୋଣ ଭୂମି...

କରିବାର ଷଡ଼ଯନ୍ତ୍ର ଯୋଗୁ ମହାନଦୀ ଶୁଷ୍କ ହେବା ଫଳରେ ସବୁ କିଛି ପ୍ରଭାବିତ ହେବାକୁ ଆରମ୍ଭ କରିଛି । କେନ୍ଦ୍ରାପଡ଼ା ଜିଲ୍ଲା ପରିପ୍ରେକ୍ଷୀରେ ଦେଖିଲେ ସିଧାସଳଖ ମହାନଦୀର ଜଳ ଧାରା ଜିଲ୍ଲାର ମହାକାଳପଡାର ମହାନଙ୍ଗଳ ଠାରୁ ମାତ୍ର ୧୦ କିଲୋମିଟର ପ୍ରବାହିତ ହୋଇ ଗଡରୋମିତ ପର୍ଯ୍ୟନ୍ତ ଲମ୍ବିଛି । ଏଥିସହିତ କଟକ ଜିଲ୍ଲା ଗୁଆଳନାଶୀ ଠାରୁ ମହାନଦୀରୁ ଚିତ୍ରୋତ୍ପଳା ବାହାରି କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବାହିତ ହୋଇ କୁଆଁରପାଳ ଠାରେ ପୁଣି ତା'ର ଶାଖା ଲୁଣା ନଦୀରେ ପଡ଼ିଛି । ଚିତ୍ରୋତ୍ପଳାରୁ ଲୁଣା ନଦୀ ବରପଦା ଠାରେ ସୃଷ୍ଟି ହୋଇଛି । ସେହିପରି ଜଗତସିଂହପୁରର ତେଣ୍ଡାକୁଡା ଠାରେ ପାଇକା ନଦୀ ଓ ଚୌଦ୍ୱାର ନିକଟରେ ବିରୂପା ନଦୀ ମହାନଦୀର ଜଳ ଗ୍ରହଣ କରି ପୂର୍ଣ୍ଣଗର୍ଭା ହୋଇଥିଲା । ଜଗତପୁରର ବ୍ୟାରେଜ ନିକଟରେ କେନ୍ଦ୍ରାପଡା କେନାଲ ସୃଷ୍ଟି କରାଯାଇ ମହାନଦୀର ଜଳକୁ ଜିଲାରେ କେନ୍ଦ୍ରାପଡ଼ା କେନାଲ,ଗୋବରୀ କେନାଲ, ଓ ପଟ୍ଟାମୁଣ୍ଡାଇ କେନାଲ କେନାଲ ମାଧ୍ୟମରେ ଜିଲ୍ଲାର ବିସ୍ତୃତ ଚାଷ ଜମିକୁ ଜଳ ଯୋଗାଉଛି । ସେହପରି ମହାନଦୀ-ଚିତ୍ରୋତ୍ପଳା ଜଳ ସେଚନ ପ୍ରକଳ୍ପ ଜିଲ୍ଲାର କେତେକ ଅଂଚଳରେ ଚାଷୀଙ୍କ ମନରେ ଆଶା ସଂଚାର କରିଥିଲା । ଏଥିସହିତ ଲୁଣା ଅଂଚଳ ଭାବେ ପରିଚିତ ତଟବର୍ତ୍ତୀ ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରପଡା ସହରବାସୀ ପାନୀୟ ଜଳ ପାଇଁ ମହାନଦୀ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ହୋଇଛନ୍ତି। ଜିଲ୍ଲାରେ ଭୂତଳଜଳ ସ୍ତର ହ୍ରାସ ଜନିତ ପରିସ୍ଥିତିର ମୁକାବିଲା ପାଇଁ ସରକାର ଏହି ମହାନଦୀର ଜଳ ଧାରାରୁ ଗରଦପୁର, ମାର୍ଶାଘାଇ ଓ ଡ଼େରାବିଶ ବ୍ଲକ୍ ଅଂଚଳବାସୀଙ୍କୁ ପିଇବା ପାଣି ଯୋଗାଇ ଦେବାକୁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଆଗାମୀ ଦିନରେ ମହାନଦୀ ମୁହାଣରେ ଆଖଡାଶଳୀ ଠାରେ ଦେଶର ପ୍ରଥମ ନଦୀଭିତିକ ବନ୍ଦର ନିର୍ମାଣ ପାଇଁ ଯୋଜନା ରହିଛି । ହେଲେ ଟ୍ରିବ୍ୟୁନାଲରୁ ଓଡ଼ିଶାକୁ ନ୍ୟାୟ ମିଳିବାରେ ବିଳମ୍ବ ହେଲେ ବା ଉପଯୁକ୍ତ ନ୍ୟାୟ ନମିଳିଲେ ତଳମୁଣ୍ଡରେ ଜଳ ଶୁଷ୍କତା ଭୟାବହ ପରିସ୍ଥିତି ସୃଷ୍ଟି କରିବ । ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ସାଂପ୍ରତିକ ବିଜେପି ସରକାରର ଯଦି ପ୍ରକୃତରେ ଓଡ଼ିଆ ଅସ୍ମିତା ପ୍ରତି ସାମାନ୍ୟତମ ପ୍ରତିବଦ୍ଧତା ଥିଲେ ଆଲୋଚନା ମାଧ୍ୟମରେ ତୁରନ୍ତ ସମସ୍ୟା ସମାଧାନ କରାଇବା ଆବଶ୍ୟକ ବୋଲି ମତପ୍ରକାଶ କରାଯାଇଛି ।

### ଋଷିଆରେ ୪ ଭାରତୀୟ...

ଘଟିଛି। ଋଷର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ମୁଖପାତ୍ର ମେଜର ଜେନେରାଲ ଇରିନା ଭୋଲ୍‌କ ସୂଚନା ଦେଇଛନ୍ତି ଯେ ଆକ୍ରମଣ ପରେ ହଷ୍ଟେଲ ପରିସରରେ ଆତଙ୍କ ଖେଳିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆକ୍ରମଣ ପରେ ଚାରିଆଡେ ରକ୍ତର ଛିଟା ଦେଖିବାକୁ ମିଳିଥିଲା। ଅଧିକାରୀମାନେ ଜଣାଇଛନ୍ତି ଯେ ସନ୍ଦିଗ୍ଧ ଆକ୍ରମଣକାରୀକୁ ପୋଲିସ ହେପାଜତକୁ ନେଇଛି। ତେବେ ପୀଡିତ ଏବଂ ଆକ୍ରମଣକାରୀଙ୍କ ଆଘାତ କେତେ ଗୁରୁତର ସେ ନେଇ ତୁରନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତଦନ୍ତ କମିଟି ଘଟଣାର ତଦନ୍ତ ଆରମ୍ଭ କରିଦେଇଛି। ଅନ୍ୟପକ୍ଷରେ, ମସ୍କୋ ସ୍ଥିତ ଭାରତୀୟ ଦୂତାବାସ କହିଛି ଯେ ସେମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଋଷୀୟ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି। କାଜାନରେ ଥିବା ଭାରତୀୟ ବାଣିଜ୍ୟ ଦୂତାବାସର ଅଧିକାରୀମାନେ ଆହତ ଛାତ୍ରମାନଙ୍କୁ ସାହାଯ୍ୟ କରିବା ପାଇଁ ଉଫା ଅଭିମୁଖେ ଯାତ୍ରା କରିଛନ୍ତି।

### ମୋତେ ଫସାଯାଇଛି...

ରଖି ଏସବୁ କରାଯାଉଛି। ୪ ମାସ ହେଲା ଜେଲ୍ ଭିତରେ ବି ଅସୁବିଧା କରାଯାଉଛି। ନ୍ୟାୟପାଳିକା ଉପରେ ମୋର ପୂରା ଭରସା ରହିଛି, ମୁଁ ନ୍ୟାୟ ପାଇବି। ସେପଟେ ଜେଲ୍‌ରେ ୪ ମାସ ହେଲା ଅସୁବିଧା ହେଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ଜେଲ୍ ଅଧୀକ୍ଷକ। ସେ କେବେ ଜେଲ୍ ଭିତରେ ଅସୁବିଧା ନେଇ ମୋତେ ଜଣାଇ ନାହାନ୍ତି। ସବୁ ଜେଲ୍ ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟ ତାଙ୍କୁ ଦିଆଯାଉଥିଲା।

### ୪ମାସ ପରେ...

ଅଦ୍ୟାବଧି ପ୍ରତିଶ୍ରୁତି ମୁତାବକ ପୂଜା କମିଟିଗୁଡ଼ିକୁ ଅର୍ଥ ରାଶି ପ୍ରଦାନ କରାଯାଇ ନାହିଁ। ସରକାର ତୁରନ୍ତ ଏଥିନେଇ ପଦକ୍ଷେପ ନେବାକୁ ଶ୍ରୀବେହେରା ଦାବି କରିଛନ୍ତି । ଖଡିଅଙ୍ଗ ପୂଜା କମିଟି ସଭାପତି ଭାବଗ୍ରାହୀ ସିଂହ, ପୁରୁଣା ବସଷ୍ଟାଣ୍ଡ ଥାନପତି କମିଟି କର୍ମକର୍ତ୍ତା ଶଚ୍ଚିକାନ୍ତ ବେହେରା, ଗଙ୍ଗା ଭଗିରଥ ପୂଜା କମିଟି କର୍ମକର୍ତ୍ତା ସୁବାଷ ଚାନ୍ଦ ପ୍ରମୁଖ ବିଧାୟକ ଗଣେଶ୍ୱରଙ୍କ ଏହି ଉଦ୍ୟମକୁ ସାଧୁବାଦ ଦେଇଛନ୍ତି ।

## ବେଦଜ୍ଞ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୮।୨: ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ବ୍ଲକ ଚନ୍ଦନପୁର ପଂଚାୟତ ଚୌଦକୁଲାଟ ଗ୍ରାମର ବେଦଜ୍ଞ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଶଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ମିଶ୍ରଙ୍କୁ ସ୍ମରଣ କରାଯିବା ସହିତ ତାଙ୍କ ଲିଖିତ ପୁସ୍ତକଗୁଡିକ ସମାଜ ଉପଯୋଗୀ ବୋଲି ମତ ପ୍ରକାଶ ପାଇଥିଲା । କବି ଗୋଲେଖ ସାମଲ, ଶରତ ଚନ୍ଦ୍ର ମିଶ୍ର, ତପନ କୁମାର ମିଶ୍ର, ସୁଚରଣ ମିଶ୍ର, ଅକ୍ଷୟ କୁମାର ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କୁ ଆଧ୍ୟାତ୍ମବାଦୀ ବୋଲି ମତ ରଖିଥିଲେ । ତାଙ୍କ ରଚିତ ପୁସ୍ତକ ଭିଜା ମାଟିର ସ୍ୱପ୍ନ, ଶିଳ୍ପୀ ନାୟିକା, କସ୍ତୁରୀ ମୃଗ, ଭସା ବାଦଲର ହସ, ଯେ ପକ୍ଷୀ ଉଡେ ଯେତେଦୂର, ତୁଳସୀ ଚନ୍ଦନ, ବନେ ଉପବନେ, ଭଅଁର ଗୀତ ବହୁ ଆଦୃତ । ସେହିପରି ସଂସ୍କୃତ ସାହିତ୍ୟ ପ୍ରତି ରୁଚି ଶିକ୍ଷକତା ଜୀବନକୁ ଅଧିକ ଶାଣିତ କରିଥିଲା । ଏଥିସହିତ ସାମାଜିକ କର୍ମୀ ଭାବେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ହୋଇ ସ୍ଥାନୀୟ ଅଂଚଳର ଉନ୍ନତିକୁ ଅଗ୍ରାଧିକାର ଦେଇଥିଲେ । ସଭା ପୂର୍ବରୁ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପାର୍ଥନା କରାଯାଇଥିଲା ।

## କୁନ୍ତଳାକୁମାରୀଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା,୮।୨: ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ସହରର ତିତିମୁହାଣୀ ଠାରେ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୫ତମ ଜନ୍ମତିଥି ରବିବାର ପାଳନ କରାଯାଇଛି । କୁନ୍ତଳା କୁମାରୀ ସାବତ ପ୍ରତିଭା ପୂଜା ସମିତି ସଭାପତି କୁଞ୍ଜବିହାରୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ ଯୋଗ ଦେଇଥିଲେ । ଏଥିସହିତ ପ୍ରାବନ୍ଧିକ ବାବାଜୀ ଚରଣ ପଟ୍ଟନାୟକ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, କବି ମନ୍ମଥନାଥ ବରାଳ, ଶିକ୍ଷକ ଶୁଭ୍ରାଂଶୁ ଦାସ, ଆଇନଜୀବୀ ଭୀମସେନ ଭୂୟାଁ, ଗବେଷକ ଡ. ସର୍ବେଶ୍ୱର ସେଣ, କବି ମଞ୍ଜୁଶ୍ରୀ ବରାଳ, ପରିବେଶବିତ କାଶିନାଥ ରାଉତରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସେମାନେ କହିଥିଲେଯେ, ଦେଶ ସ୍ୱାଧିନତା ସମୟରେ ଉତ୍କଳଭାରତୀଙ୍କ କବିତା ଏକ ବୈପ୍ଳବିକ ଚେତନା ସୃଷ୍ଟି କରିଥିଲା । ତତ୍କାଳୀନ ସମୟରେ ନାରୀସମସ୍ୟା, ଭେଦଭାବ ନୀତି, ପ୍ରକୃତି ଚିତ୍ରଣ, ବିଶ୍ୱଚେତନା ଆଦିରେ କଲମ ଚାଳନା କରିଥିଲେ । ସୌଭାଗ୍ୟକ୍ରମେ ସେ କେନ୍ଦ୍ରାପଡାରେ ବିବାହ କରିଥିଲେ । ଉତ୍କଳଭାରତୀ ସାବତଙ୍କର ଏହି ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ହେମନ୍ତ ଜେନା ସଂଚାଳନା କରିଥିଲେ । ଉପଦେଷ୍ଟା ପ୍ରଦୀପ ଦାସ, ଗୋଲେଖ ସେଠୀ, ପ୍ରକାଶ କୁମାର ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ଏପ୍ରିଲ୍ ପହିଲାରୁ ସମବାୟ ବ୍ୟାଙ୍କଗୁଡ଼ିକ ଲାଗି ଲାଗୁ ହେବ ରିସ୍କ-ଆଧାରିତ ଜମା ବୀମା ପ୍ରିମିୟମ୍

ଭୁବନେଶ୍ୱର,୮।୨
ଏକ୍ସପ୍ରେସ୍ ନ୍ୟୁଜ୍

ଜମା ବୀମା ଓ ଋଣ ଗ୍ୟାରେଣ୍ଟି କର୍ପୋରେସନ (ଡିଆଇସିଜିସି) ଏକ ରିସ୍କ-ଆଧାରିତ ପ୍ରିମିୟମ୍ (ଆରବିପି) ଫ୍ରେମୱାର୍କ ଘୋଷଣା କରିଛି, ଯାହା ଏପ୍ରିଲ୍ ୧, ୨୦୨୬ରୁ କାର୍ଯ୍ୟକାରୀ ହେବ। ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ଙ୍କ ଅନୁମୋଦନ ସହିତ ଲାଗୁ ହେବ।

ବର୍ତ୍ତମାନ ସମସ୍ତ ବୀମାଯୁକ୍ତ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଆର୍ଥିକ ସ୍ଥିତି କିମ୍ବା ରିସ୍କ ପ୍ରୋଫାଇଲ୍ ନିର୍ବିଶେଷରେ ମୂଲ୍ୟାଙ୍କନଯୋଗ୍ୟ ଜମାର ପ୍ରତି ୧୦୦ ଟଙ୍କାରେ ୧୨ ପଇସା ହାରରେ ଏକ ସମାନ (ଫ୍ଲାଟ୍) ଜମା ବିମା ପ୍ରିମିୟମ୍ ଦେଉଛନ୍ତି। ନୂଆ ଫ୍ରେମୱାର୍କ ଅଧୀନରେ ଏହି ସମାନ ହାର ବ୍ୟବସ୍ଥାକୁ ବଦଳାଇ ରିସ୍କ-ସମ୍ବେଦନଶୀଳ ପ୍ରିମିୟମ୍ ଗଠନ କରାଯିବ, ଯେଉଁଥିରେ ପ୍ରିମିୟମ୍ ହାର ବ୍ୟାଙ୍କର ରିସ୍କ ପ୍ରୋଫାଇଲ୍ ଓ ଅପରେଟିଂ ଟ୍ରାକ୍ ରେକର୍ଡ ସହିତ ସଂଯୁକ୍ତ ହେବ।

ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆରବି), ଗ୍ରାମୀଣ ସମବାୟ ବ୍ୟାଙ୍କ (ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ) ଏବଂ ସହରୀ ସମବାୟ ବ୍ୟାଙ୍କ (ଅର୍ବାନ କୋ ଅପରେଟିଭ ବ୍ୟାଙ୍କ୍) ପାଇଁ ଡିଆଇସିଜିସି ଏକ ଟିୟର-୨ ରିସ୍କ ମୂଲ୍ୟାଙ୍କନ ମଡେଲ୍ ଗ୍ରହଣ କରିବ। ଏହି ମଡେଲ୍ ପୁଞ୍ଜି ପର୍ଯ୍ୟାପ୍ତତା ଏବଂ ଗୁଣବତ୍ତା, ସମ୍ପତ୍ତି ଗୁଣବତ୍ତା, ତରଳତା, ଲାଭଦାୟକତା ଏବଂ ବ୍ୟାଙ୍କ ବିଫଳତା ସମୟରେ ଜମା ବୀମା ପାଣ୍ଠି (DIF)କୁ ସମ୍ଭାବ୍ୟ କ୍ଷତି ସହିତ ଅବଜେକ୍ଟିଭ୍ ପରିମାଣିକ ଆର୍ଥିକ ସୂଚକାଙ୍କ ଉପରେ ଆଧାର କରି ବ୍ୟାଙ୍କଗୁଡିକର ମୂଲ୍ୟାଙ୍କନ କରିବ।

କର୍ପୋରେଟ୍ ଶାସନ ପରିଚାଳନା ପାରାମିଟରଗୁଡିକ, ଯେପରିକି ବାଧ୍ୟତାମୂଳକ ମୁଖ୍ୟ ପରିଚାଳନା କର୍ମଚାରୀ ଏବଂ ବୃତ୍ତିଗତ ନିର୍ଦ୍ଦେଶକଙ୍କ ଉପସ୍ଥିତି ମଧ ମୂଲ୍ୟାଙ୍କନର ଏକ ଅଂଶ ହେବ। ମୂଲ୍ୟାଙ୍କନ ଆଧାରରେ ବ୍ୟାଙ୍କଗୁଡ଼ିକୁ ଚାରିଗୋଟି ରିସ୍କ ବର୍ଗରେ ବିଭକ୍ତ କରାଯିବ - ଏ, ବି, ସି ଓ ଡି, ଯେଉଁଥିରେ ଏ ବର୍ଗ ସର୍ବନିମ୍ନ ରିସ୍କକୁ ପ୍ରତିନିଧିତ୍ୱ କରେ। ପ୍ରଯୁଜ୍ୟ ପ୍ରିମିୟମ୍ ହାର ମୂଲ୍ୟାଙ୍କନ ଯୋଗ୍ୟ ଜମାର ପ୍ରତି ୧୦୦ ଟଙ୍କାରେ ୮ ପଇସାରୁ ୧୨ ପଇସା ପର୍ଯ୍ୟନ୍ତ ହେବ। ଏ ବର୍ଗର ବ୍ୟାଙ୍କଗୁଡ଼ିକ ସର୍ବନିମ୍ନ ପ୍ରିମିୟମ୍ ଦେବେ ଏବଂ ଡି ବର୍ଗର ବ୍ୟାଙ୍କଗୁଡ଼ିକ ବର୍ତ୍ତମାନର ୧୨ ପଇସା ହାର ଦେବା ଜାରି ରଖିବେ।

ଏହି ଫ୍ରେମୱାର୍କରେ ଦୀର୍ଘକାଳୀନ ଓ ଭଲ ପରିଚାଳିତ ପ୍ରତିଷ୍ଠାନଗୁଡ଼ିକୁ ପୁରସ୍କାର ସ୍ୱରୂପ ଏକ ଭିଣ୍ଟେଜ୍ ଇନସେଣ୍ଟିଭ୍ ମଧ ରହିଛି। ଟିୟର-୨ ବ୍ୟାଙ୍କଗୁଡ଼ିକ ପାଇଁ (ଯେଉଁଥିରେ ଯୋଗ୍ୟ ସମବାୟ ବ୍ୟାଙ୍କ ଓ ଆର୍‌ଆରବି ଅନ୍ତର୍ଭୁକ୍ତ), ୨୫ ବର୍ଷ ଧରି ସନ୍ତୋଷଜନକ କାର୍ଯ୍ୟକାରୀ ସମ୍ପାଦନ କରିଥିବା ଏବଂ କୌଣସି ପୁନଃଗଠନ କିମ୍ବା ବଡ଼ ସଙ୍କଟ ଘଟଣା ନଥିବା ବ୍ୟାଙ୍କଗୁଡ଼ିକୁ ୨୫ ପ୍ରତିଶତ ଇନସେଣ୍ଟିଭ୍ ମିଳିବ।

ତଥାପି, ତଦାରଖୀ କାର୍ଯ୍ୟ ଫ୍ରେମୱାର୍କ (ଏସ୍‌ଏଏଫ୍) କିମ୍ବା ପ୍ରମ୍ପ୍ଟ କରେକ୍ଟିଭ୍ ଆକ୍ସନ୍ (ପିସିଏ) ଅଧୀନରେ ଥିବା ସହରୀ ସମବାୟ ବ୍ୟାଙ୍କଗୁଡ଼ିକ ୧୨ ପଇସାର ସମାନ ପ୍ରିମିୟମ୍ ଦେବା ଜାରି ରଖିବେ। ଏଭଳି ବ୍ୟାଙ୍କଗୁଡ଼ିକୁ କେବଳ ଏସ୍‌ଏଏଫ୍ କିମ୍ବା ପିସିଏରୁ ବାହାରିବା ପରବର୍ତ୍ତୀ ଆର୍ଥିକ ବର୍ଷରେ ଆରବିପି ଫ୍ରେମୱାର୍କ ଅଧୀନରେ ବିବେଚନା କରାଯିବ। ଡିଆଇସିଜିସି ସ୍ପଷ୍ଟ କରିଛି ଯେ ରିସ୍କ ରେଟିଂ ଓ ପ୍ରିମିୟମ୍ ବର୍ଗଗୁଡ଼ିକ ବ୍ୟାଙ୍କ ପରିଚାଳନାକୁ ଗୋପନୀୟତାରେ ଜଣାଇ ଦିଆଯିବ ଏବଂ ଏହାକୁ ପ୍ରକାଶ କରିବା କିମ୍ବା ବ୍ୟବସାୟ ପ୍ରୋତ୍ସାହନ ପାଇଁ ବ୍ୟବହାର କରାଯିବ ନାହିଁ। ରିସ୍କ-ଆଧାରିତ ପ୍ରିମିୟମ୍ ଫ୍ରେମୱାର୍କକୁ ଅତି କମରେ ପ୍ରତି ତିନି ବର୍ଷରେ ଥରେ ସମୀକ୍ଷା କରାଯିବ। ଏହି ପଦକ୍ଷେପ ଦୃଢ଼ ରିସ୍କ ପରିଚାଳନା ଅଭ୍ୟାସକୁ ଉତ୍ସାହିତ କରିବ, ଆର୍ଥିକ ଅନୁଶାସନକୁ ପ୍ରୋତ୍ସାହନ ଦେବ ଏବଂ ଭଲ ଶାସିତ ସମବାୟ ବ୍ୟାଙ୍କଗୁଡ଼ିକୁ କମ୍ ଜମା ବିମା ଖର୍ଚ୍ଚ ଦେଇ ପୁରସ୍କୃତ କରିବ ବୋଲି ଆଶା କରାଯାଉଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ